
₹: 25
www.amarisatya.in

# ଆମରି ସତ୍ୟ

# AMARI SATYA

ଚତୁର୍ଦ୍ଦଶ ବର୍ଷ, ତୃତୀୟ ସଂଖ୍ୟା
ସେପ୍ଟେମ୍ବର ୨୦୨୩, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24









# ପୁରାଣ ସମୃଦ୍ଧ ଆମ ସଂସ୍କୃତି





ଭାରତୀୟ ସାହିତ୍ୟରେ ପୁରାଣର ମହତ୍ତ୍ୱ ଓ ପ୍ରଭାବ ଅତୁଳନୀୟ । ସମସ୍ତ ଜ୍ଞାନବିଜ୍ଞାନର ମହାସାଗର ହେଉଛି ପୁରାଣ । ଐତିହାସିକ ମାଟି ଖୁଦୁପୁରୁ ସ୍ଥିତ ମା' ଖଣ୍ଡୁଆଳ ଦେବୀଙ୍କ ମନ୍ଦିର ପରିସରରେ 'ଆମରି ସତ୍ୟ ବିକାଶ ପରିଷଦ' ଦ୍ୱାରା 'ପୁରାଣ ସମୃଦ୍ଧ ଆମ ସଂସ୍କୃତି' ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବୟତ୍ରୀ ଓ ସୁସାହିତ୍ୟିକା ଡକ୍ଟର ସୁଷମା ମିଶ୍ର "ଆମ ପୁରାଣରେ ଲୁଚିରହିଛି ଆମର ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ସଦାଚାର । ଆମ ସଂସ୍କୃତି ପୁରାଣ ସମୃଦ୍ଧ ବୋଲି କହିବା ସହ ନାରୀ ଯୁଗ ଯୁଗକୁ ନିଜର ମହନୀୟତା ଗୁଣରେ ପରିବାର, ସମାଜ ଓ ରାଷ୍ଟ୍ରକୁ ସଂସ୍କୃତି ସମ୍ପନ୍ନ କରିଥାଏ" ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବର୍ଷିୟାନ ଶିକ୍ଷାବିତ ତଥା ପ୍ରାକ୍ତନ ଅଧକ୍ଷ ଧ୍ରୁବ ଚରଣ ଜୟସଂହ ପାଇକରାୟ, ଖୁଦୁପୁର ମାଟିର ଐତହାସିକ କିମ୍ବଦନ୍ତୀ ତଥା ସ୍ୱାଧୀନତା ସଂଗ୍ରାମରେ ଏ ମାଟିର ପାଇକ ମାନଙ୍କର ଅଦମ୍ୟ ସାହାସ ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସେଇ ଖୁଦୁପୁର ମାଟିର ପ୍ରାକ୍ତନ ଶିକ୍ଷକ କେଦାର ଜୟସିଂହ "ଆମର ସଂସ୍କୃତି ଓ ପରମ୍ପରାକୁ ଏଭଳି ଆଲୋଚନା ଖୋରାକ ଯୋଗାଇ ଥାଏ" ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ତ୍ରିଲୋଚନ ମହାପାତ୍ର କହିଥିଲେ ପୁରାଣ ପଠନ ଓ ଶ୍ରବଣ ଦ୍ୱାରା ବ୍ୟକ୍ତି ଚରିତ୍ରର ସମୁନ୍ନତି ସାଧିତ ହୋଇଥାଏ । ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ କହିଥିଲେ ଆମ ପୁରାଣ ଆମକୁ ସଂସ୍କୃତ ସମ୍ପନ୍ନ କରିଥାଏ । ସଂସ୍କୃତିକୁ ଯିଏ ଯେତେବେଳେ ଅପସଂସ୍କୃତିରେ ପରିଣତ କରବାକୁ ଯାଇଛି ସେତେବେଳେ ସମୁଚିତ ଦଣ୍ଡ ପାଇଛି । ମଣିଷର ଚରିତ୍ର ଗଠନ ଆମ ପୁରାଣ ତଥା ସଂସ୍କୃତିର ଆଦର୍ଶ ଓ ଲକ୍ଷ୍ୟ । ବିଶିଷ୍ଟ ସଂସ୍କୃତ ଶିକ୍ଷକ ତଥା ବରିଷ୍ଠ ପାଲାକାର ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର ଏହି ଆଲୋଚନା ଚକ୍ରରେ ସଭାପତିତ୍ୱ କରି ନିଜର ବକ୍ତବ୍ୟରେ ବୀଶ୍ୱନାଥ ଖୁଣ୍ଟିଆଙ୍କ ହନୁମାନ ଓ ସୀତାଙ୍କ କଥୋପକୋଥନର ଭାବଧାରାକୁ ବ୍ୟାଖ୍ୟାକରି କହିଥିଲେ ଯେ ନାରୀ ସଦାକାଳକୁ ନିଜର ଚରିତ୍ରବତା ତଥା ସ୍ୱାମୀର ଗରିମାକୁ ରକ୍ଷା କରିବାକୁ ଚେଷ୍ଟା କରିଥାଏ । 'ଆମରି ସତ୍ୟ ବିକାଶ ପରିଷଦ'ର ସମ୍ପାଦକ ଆଦି ନାରାୟଣ ଖଣ୍ଡୁଆଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପଦ୍ମନାଭ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ । 'ଆମରି ସତ୍ୟ'ର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ ପିଲାଟିର ଚରିତ୍ର ଗଠନ ପରିବାରରୁ ହୋଇଥାଏ, ତେଣୁ ପ୍ରଥମେ ଆମ ପରିବାରକୁ ସଂସ୍କୃତି ସମ୍ପନ୍ନ କରିବା ଦରକାର ବୋଲି ମନ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶ୍ରୀ ଭରତ ମାର୍ଥାଙ୍କ ସମେତ ତ୍ରିଲୋଚନ ମହାପାତ୍ର, ଜବାହାରଲାଲ ସୁବୁଦ୍ଧି, ବିଜୟାନନ୍ଦ ପଟ୍ଟନାୟକ, କେଦାରେଶ୍ୱର ଜୟସିଂହ, ଗଗନ ବଳିଆରସିଂହ, ଗଙ୍ଗାଧର ବେହେରା, ବେଣୁଧର ବଳିଆରସିଂହ, ଭାଗୀରଥି ପାଟଶାଣୀ, ରମେଶ ସାମନ୍ତରାୟ, ଦିବ୍ୟସିଂହ ମଙ୍ଗରାଜ, ଶିବମଣି ମଙ୍ଗରାଜ, ପର୍ଶୁରାମ ମାର୍ଥା, ଧରଣୀଧର ମାର୍ଥା ଏବଂ ପ୍ରଫେସର ଧ୍ରୁବ ଚରଣ ଜୟସିଂହ ପାଇକରାୟଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ର ପୂର୍ବରୁ ଏକ କବିତା ପାଠ କାର୍ଯ୍ୟକ୍ରମ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱ ଏବଂ ବିପିନ କୁମାର ବେହେରା ଓ ରଶ୍ମିତା ନାୟକଙ୍କ ମିଳିତ ସଂଯୋଜନାରେ ସମ୍ପନ୍ନ ହୋଇଥିଲା । ଏହି ଆଲୋଚନା ଚକ୍ରରେ ଖୁଦୁପୁରର କିଛି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ବାସୁଦେବ ସାହୁ, ବ୍ରଜବନ୍ଧୁ ନାୟକ, ଶରତ ଚନ୍ଦ୍ର ଦାଶ, ବିଜୟ କୁମାର ହରିଚନ୍ଦନ, ଅମୀୟ କୁମାର ସାହୁ, ଡ.ସୁକାନ୍ତି ମହାପାତ୍ର, ପର୍ଶୁରାମ ମାର୍ଥା, ପ୍ରଶାନ୍ତ କୁମାର ଦାଶ, ଦାଶରଥି ପଟ୍ଟନାୟକ, ଭାଗିରଥି ପାଟଯୋଶୀ, ସୁରେଶ କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଜନ୍ମଜୟ ମିଶ୍ର, ସୁଦର୍ଶନ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁ ଏବଂ ଆରତୀ ସେନ ପ୍ରମୁଖ ଯୋଗ ଦେଇଥିଲେ ।

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ୍ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ତୃତୀୟ ସଂଖ୍ୟା ❖ ସେପ୍ଟେମ୍ବର ୨୦୨୩

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮

**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪

## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ) | ଟ.୩୦୦୦/- |


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା
**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।

**AMARISATYA** : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



କେଉଁ ନାମ ଅବା କେଉଁ ଶବ୍ଦ ନେଇ
ଡାକିବି ଜଗତ ସାଇଁ
ନିରେଖି ଦେଖିଲେ ପ୍ରତିଟି ଅକ୍ଷରେ
ତମେ ଅଛ ଭାବଗ୍ରାହୀ ।।୦।।
ଯେଉଁ ନାମ ଧରି ଡାକିଲେ ଭାବରେ
ସେ ନାମେ ତୁମକୁ ପାଏ
ତମରି ନାମକୁ ଯୋଡିଦେଲେ ପ୍ରଭୁ
ଭକ୍ତିଗୀତ ହୋଇଯାଏ
ସେଇ ଗୀତଟିକୁ ଗାଇ ଥାଏ ମୁହିଁ
ମହାପ୍ରଭୁ ତୁମ ପାଇଁ ।।୧।।
କେଉଁ ନାମ ଅବା........
ଓଁକାର ପ୍ରଣବ ପ୍ରଥମ ଅକ୍ଷର
ତମେ ପ୍ରଭୁ ସୃଷ୍ଟିକର୍ତ୍ତା
ପ୍ରତିଟି ଶବ୍ଦରେ ଅନୁଭବ କରେ
ତୁମରି ସୃଜନ ସତ୍ତା
ମୋ ଆତ୍ମାରେ ତୁମେ ରହିଛ ପ୍ରଭୁ ହେ'
ପରମାତ୍ମା ରୂପ ହୋଇ ।।୨।।
କେଉଁ ନାମ ଅବା..........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ - ୯୧୭୮୬୨୬୨୮୦**

## ଅମର ଲେଖନୀରୁ

ଉଡିଯାଏ ଛାଡି ଧୂଳିବାଣ, ପୁଞ୍ଜିପତି ନିଃଶବ୍ଦ ମଟର
ଦରପୋଡା ସିଗାରେଟ ପଡି, ଜଳେ କସ୍ତୁରୀ କବାଟ ତୋହର।
ମୃତ୍ୟୁ ଆଗେ ହୋଇଛୁ ମୁର୍ଦ୍ଦାର, ରୋଗ ଶୋକ ଖରା ବର୍ଷା
ଧୂଆଁ ଧୂଳି ଘୃଣାର ତୋଫାନ, ଆରେ ନିର୍ବିକାର।

ଡକ୍ଟର କୁଞ୍ଜବିହାରୀ ଦାସ

# ହିତବାଣୀ

## ଗୀତା

ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ,
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍‌।
ତଦ୍‌ବତ୍‌ କାମା ଯଂ ପ୍ରବିଶନ୍ତି ସର୍ବେ,
ସ ଶାନ୍ତିମାପ୍ନୋତି ନ କାମକାମୀ।।

ନଦ ଓ ନଦୀ ଜଳ ସମୁଦ୍ରରେ ପଡ଼ିଲେ ମଧ୍ୟ ସମୁଦ୍ର ବଢ଼େ ନାହିଁ। ଜ୍ଞାନୀର ଧନ ହେଲେ ମଧ୍ୟ ସେଥିରେ ସେ ଇଚ୍ଛା ନ କରି ଶାନ୍ତିରେ ଥାଏ। କାମ ଭୋଗରେ କେବେବେଳେ ଶାନ୍ତି ନାହିଁ।

## ଭାଗବତ ବାଣୀ

କଳ୍ପନା ମୂଳେ କାଳ ଥାଇ। ପ୍ରାଣୀ ତା ଜାଣି ନ ପାରଇ।।
ମୁଲୁ ମାଇଲେ ଯିବ ସରି। ଦେବଙ୍କ ସହ କିମ୍ପା କଳି।।

## ଚାଣକ୍ୟ ନୀତି

ବିନାଶର କାରଣ :

ନଦୀତୀରେ ଚ ଯେ ବୃକ୍ଷାଃ ପରଗୃହେଷୁ କାମିନୀ।
ମନ୍ତ୍ରୀହୀନଶ୍ଚ ରାଜାନଃ ଶୀଘ୍ରଂ ନଶ୍ୟନ୍ତ୍ୟସଂଶୟମ୍‌।।

ସ୍ରୋତସ୍ୱିନୀ ନଦୀ କୂଳରେ ଲାଗିଥିବା ଗଛ, ଅନ୍ୟଲୋକର ଘରେ ରହୁଥିବା ସ୍ତ୍ରୀ, ମନ୍ତ୍ରୀଗଣଙ୍କ ବିନା ରାଜା - ଏ ସମସ୍ତ ଶୀଘ୍ର ନଷ୍ଟ ହୋଇଯାଏ।

## ନୀତିଶ୍ଳୋକ

ପୀୟୁଷମିବ ସନ୍ତୋଷଂ ପିବତାଂ ନିବୃତିଃ ପରା।
ଦୁଃଖଂ ନିରନ୍ତରଂ ପୁଂସାମସନ୍ତୋଷବତାଂ ପୁନଃ।।

ସନ୍ତୋଷ ରୂପକ ଅମୃତକୁ ପାନ କରୁଥିବା ଲୋକମାନଙ୍କର ମହାନ ଆନନ୍ଦ (ନିବୃତ୍ତି) ହୋଇଥାଏ; କିନ୍ତୁ ଅସନ୍ତୁଷ୍ଟ ଲୋକମାନେ ନିରନ୍ତର ଦୁଃଖ ଅନୁଭବ କରିଥାନ୍ତି।

## ପ୍ରବାଦ

ଅଲେଖା କାଗଜ କାଳି ଅକ୍ଷର
ଅଲେଖା ଝିଆରୀ ମୁହିଁ ତୁମର
କାଗଜରେ କାଳି ଲାଗିବ ନାହିଁ।
ମୋତେ ପର ବୋଲି ଭାବିବ ନାହିଁ।

ଅତୀତରେ ଝିଅମାନେ ବିବାହ ସମୟରେ ଶାଶୂ ଘରକୁ ଗଲାବେଳେ କାନ୍ଦୁଥିଲେ। ସେଇ ପ୍ରଥା ଅନୁଯାୟୀ ଜଣେ ଝିଅ କକାକୁ ଧରି କାନ୍ଦିବାର ଭାବ ଏଠାରେ ବ୍ୟକ୍ତ ହୋଇଅଛି।

## ରୂଢ଼ି ପ୍ରୟୋଗ

କଥା ମାଜିଲେ ମୋଟା -

ଛୋଟ କଥାକୁ ଫେଣେଇଲେ ବଡ଼ ଆକାର ଧାରଣ କରେ।



ପୁତ୍ର ପାଇଁ ପିତା ଗୋଟିଏ ଅମୂଲ୍ୟ ସମ୍ପତ୍ତି ସାଇତି ଦେଇପାରେ - ତାହା ହେଉଛି ନିଜର ସୁନାମ।



# ସମ୍ପାଦକୀୟ....

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦ୍ଦେବୋ ମହେଶ୍ୱରଃ
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ।

ଅଜ୍ଞାନତା ଦୂର କରି ଜ୍ଞାନର ମାର୍ଗରେ ପରିଚାଳିତ କରିବାରେ ଗୁରୁଙ୍କ ଭୂମିକା ଅତୁଳନୀୟ। ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଥିବା ବିଶେଷ କ୍ଷମତାକୁ ଜାଣିବା ଏବଂ ପିଲାଙ୍କର ସେହି କ୍ଷମତାକୁ ବିକଶିତ କରିବାରେ ସାହାଯ୍ୟ କରିବା ଶିକ୍ଷକ ଏବଂ ଅଭିଭାବକଙ୍କ କର୍ତ୍ତବ୍ୟ ଅଟେ। ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଶିକ୍ଷକଙ୍କ ମଧ୍ୟରେ ସମ୍ବେଦନଶୀଳତା ଥିବା ଜରୁରୀ।

ଚଳିତ ବର୍ଷ ୭୫ ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର -୨୦୨୩' ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଛନ୍ତି । ଓଡ଼ିଶାର ଶଶି ଶେଖର କର ଶର୍ମା, ସୁଭାଷ ଚନ୍ଦ୍ର ରାଉତ, ସୁଧାଂଶୁ ଶେଖର ପଣ୍ଡା, ରବିନାରାୟଣ ସାହୁ ଓ ସୁନୀତା ସିଂହ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭଦ୍ରକ ଜିଲ୍ଲାର କେନ୍ଦୁଆପଡ଼ା ନୋଡାଲ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଶଶି ଶେଖର କର ଶର୍ମା ଓଡ଼ିଆ ଭାଷାରେ ନବମ ଓ ଦଶମ ଶ୍ରେଣୀର ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରସ୍ତୁତ କରି ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଛନ୍ତି।

ଶିକ୍ଷା ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛନ୍ତି ଶିକ୍ଷକ। ପାଠପଢ଼ାରେ ଉନ୍ନତି ଆଣିବା ଦିଗରେ ଅଭିନବ ଶୈଳୀଗୁଡ଼ିକୁ ଆପଣାଇ ନେଇଛନ୍ତି। ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ସମାଜ ଭାବରେ ପରିଣତ କରିବା ଦିଗରେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭବିଷ୍ୟତରେ ଜଣେ ସୁନାଗରିକ ଭାବରେ ଗଢ଼ି ତୋଳିବା ଦିଗରେ ଶିକ୍ଷକଙ୍କ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

ପବିତ୍ର ଗୁରୁ ଦିବସ ଅବସରରେ କେନ୍ଦ୍ର ସରକାର 'ମାଳବୀୟ ମିଶନ'ର ଶୁଭାରମ୍ଭ କରିଛନ୍ତି। ଶିକ୍ଷକଙ୍କ ପ୍ରଶିକ୍ଷଣରେ ଗୁଣାତ୍ମକ ମାନ ବଢ଼ାଇବା, ଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବା ଏବଂ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟକୁ ବାସ୍ତବ ରୂପ ଦେବା ଏହି ମିଶନର ଲକ୍ଷ୍ୟ ରହିଛି। ଶିକ୍ଷକଙ୍କ କ୍ୟାରିୟର ମାର୍ଗକୁ ଆଗକୁ ନେବା ପାଇଁ ମାଳବୀୟ ମିଶନ ଅଧୀନରେ କାପାସିଟି ବିଲ୍ଡିଂକୁ କ୍ରେଡିଟ୍ ଫ୍ରେମୱାର୍କରେ ମଧ୍ୟ ମ୍ୟାପିଂ କରାଯିବ।

ସମାଜ ଓ ଶିକ୍ଷାର ସମ୍ପର୍କ ଅନନ୍ୟ। ଶିକ୍ଷା ସମାଜକୁ ବୈଜ୍ଞାନିକ ଓ କୁଶଳୀ କରିବାରେ ଶିକ୍ଷକଙ୍କର ଗୁରୁ ଦାୟିତ୍ୱ ଅଛି। ଆମ ପିଲା ଦୁନିଆର ସବୁ ବିଷୟ ଜାଣୁ ଏବଂ ନିଜକୁ ଏକ ସୁନାଗରିକ ଭାବରେ ଗଢ଼ି ତୋଳୁ।
ପବିତ୍ର ଗୁରୁଦିବସ ଅବସରରେ ଗୁରୁମାନଙ୍କୁ ପ୍ରଣାମ, ଶୁଭେଚ୍ଛା ଓ ଅଭିନନ୍ଦନ।

**ଡ ପ୍ରସନ୍ନ କୁମାର ଜେନା**



ଦୈନନ୍ଦିନ ଜୀବନରେ ମନ ଭିତରେ ଯେଉଁ ଅଳିଆ ଜମିଯାଏ, ସଙ୍ଗୀତ ସେ ସବୁ ଧୋଇଦିଏ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ୬୫ତମ ରମନ୍ ମ୍ୟାଗସେସେ... | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ଆଦିତ୍ୟ-ଏଲ୍୧ | | ୬ |
| ୩. | ବାଦାନ୍ୟତାର ମହତ୍ତ୍ୱ | ରମାକାନ୍ତ ମିଶ୍ର | ୭ |
| ୪. | ...ଅବିସ୍ମରଣୀୟା ଅପର୍ଣ୍ଣା ପଣ୍ଡା | ବ୍ରଜକିଶୋର ଦାସ | ୮ |
| ୫. | ଆଦିବାସୀ | ପ୍ରିୟମ୍ବଦା ସାହୁ | ୯ |
| ୬. | ବରିଷ୍ଠ ଜୀବନରେ ହସର ଭୂମିକା | ବିଭୂତିଭୂଷଣ ସେନାପତି | ୧୧ |
| ୭. | ...ଜ୍ୟୋତିର୍ବିଜ୍ଞାନୀ ମ୍ୟାରିଆ ମିଚେଲ | ବିଜୟ ଚନ୍ଦ୍ର ମହାପାତ୍ର | ୧୨ |
| ୮. | ରାମଭକ୍ତ ଶରଭଙ୍ଗ | ପଦ୍ମନାଭ ପାଣୀଗ୍ରାହୀ | ୧୩ |
| ୯. | ଗୁରୁ ଦିବସ | ସୌମ୍ୟେନ୍ଦ୍ର ମିଶ୍ର | ୧୪ |
| ୧୦. | ଲୋଭ କ୍ରୋଧ ଅଟେ ପରମ ଶତ୍ରୁ | ଶାନ୍ତନୁ କୁମାର ଷଡଙ୍ଗୀ | ୧୪ |
| ୧୧. | ...ସଙ୍ଗୀତ ଗୁରୁ ପଣ୍ଡିମେଶ୍ୱର ଜେନା | ତ୍ରିଲୋଚନ ମହାପାତ୍ର | ୧୫ |
| ୧୨. | ଗୋପାଳ ଚନ୍ଦ୍ର ପ୍ରହରାଜ | ରାମଶଙ୍କର | ୧୬ |
| ୧୩. | ମଣିଷ ଭୂମିକାରେ ମେସିନ୍ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୭ |
| ୧୪. | ନୀରଜଙ୍କ ଐତିହାସିକ ସଫଳତା | ଆଶିଷ କୁମାର ରାୟ | ୧୯ |
| ୧୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୧୬. | ଆଶା ମରିଯାଇନାହିଁ | କୈଳାସ ଚନ୍ଦ୍ର ପାଢ଼ୀ | ୨୩ |
| ୧୬. | ସମ୍ବାଦ ବିଚିତ୍ରା | | ୨୪ |
| ୧୭. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର | | ୨୫ |
| ୧୮. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |



## ବିଶେଷ ସୂଚନା

ଆପଣଙ୍କ ପ୍ରିୟ ଏହି ସୁପରିଚିତ ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୁଲ୍ୟରେ '**ବିଜ୍ଞାପନ**' ପ୍ରକାଶିତ କରିବାର ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ।

**ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା)**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫


# ନୟନ

**ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରଥ**

ଦର୍ଶନେନ୍ଦ୍ରୀୟ ସଭିଙ୍କ ତୁହିରେ ନୟନ।
ତୋ ବଳେ ଜାଣଇ ଜୀବ ସମୀପୁ ସକଳେ।
ଆଙ୍କିପାରୁ ଛବି ଯେତେ କୋଣ ଅନୁକୋଣ।
ଏ ବିଚିତ୍ର ମାୟାଭରା ଦୁର୍ଗମ ଶୟଳେ।।୧।।
ନୟନ ନୋହୁ ତ ତୁହି ଜାଗ୍ରତ ପ୍ରହରୀ।
ପ୍ରତିକ୍ଷଣେ ସଜାଗ ତୁ ଜୀବନର ପଥେ।
କେତେ ଆଶା, ନିରାଶାର ଖେଳ ବିଭାବରୀ।
ଧନ୍ୟ ମଣୁ ସବୁଜାଣି କ୍ଷଣକ ପରତେ।।୨।।
ସତେକିବା ଦେଶପ୍ରେମୀ ଜବାନ ରକ୍ଷକ।
ପ୍ରତି ପଦେ ଦେଖି କରେ ସବୁ ପ୍ରତିକାର।
କ୍ଷଣ ମାତ୍ରେ ବିନାଶଇ ଜୀବନ ଭକ୍ଷକ।
ନାଶେ ବିପଦ ସଂକୁଳ ହୋଇ ସୁରବୀର।।୩।।
କି ଢଙ୍ଗେ ଗଢ଼ି ଖଞ୍ଜିଲା ବିହିରେ ନୟନ।
କେତେ କାଳୁ ଚିନ୍ତା କଲା ଅଜଣା ସକଳେ।
ବିଚିତ୍ର କାରୁକାର୍ଯ୍ୟ ତୋ ଚକିତ ଏ ମନ।
ଆଶାତୀତ ସୁରକ୍ଷା ତୋ ଦେଖି ଏ ଶୟଳେ।।୪।।
ଢଳ ଢଳ ସୁନୀଳରେ କଳାବିନ୍ଦୁ ଦ୍ୱୟ।
ଜଳ ଜଳ ବର୍ଷଣରେ କଳା ଜିମୂତ କି।
ଚଳ ଚଳ ଚଞ୍ଚଳତା ପଣେ ଜିତେନ୍ଦ୍ରୀୟ।
ନୀଳ ନୀଳ ରଙ୍ଗେ ଢଙ୍ଗେ ଆକର୍ଷେ ସଭିଙ୍କି।।୫।।
ସୁରକ୍ଷାରେ ଦେଖାଉତୋ ଯୁଗଳ ବୀରତ୍ୱ।
ତୋ ରୂପେ କିମିଆ କରୁ ସଜୀବ ସକଳେ।
ମନର ଗାଢ଼ରୁ ଗାଢ଼ତର ନୀଳନୀର ସତ୍ତ୍ୱ।
ନିଶ୍ଚିନ୍ତେ ରହନ୍ତି ବିଶ୍ୱ ତୋର ସମକ୍ଷଳେ।।୬।।

# ୬୫ତମ ରମନ୍ ମ୍ୟାଗସେସେ ପୁରସ୍କାର ୨୦୨୩



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରମନ୍ ମ୍ୟାଗସେସେଙ୍କ ଶାସନରେ ରାଷ୍ଟ୍ରୀୟ ଅଖଣ୍ଡତାର ଉଦାହରଣ, ଲୋକମାନଙ୍କ ପାଇଁ ସାହସିକ ସେବା ଏବଂ ଗଣତାନ୍ତ୍ରିକ ସମାଜ ମଧ୍ୟରେ ପ୍ରଗତିଶୀଳ ଆଦର୍ଶବାଦକୁ ଚିରସ୍ଥାୟୀ କରିବା ପାଇଁ ଏହି ବାର୍ଷିକ ପୁରସ୍କାର ଦିଆଯାଏ। ଫିଲିପାଇନ୍ସ ସରକାରଙ୍କ ସହମତି ଅନୁଯାୟୀ ନ୍ୟୁୟର୍କ ସିଟିରେ ଅବସ୍ଥିତ ରକଫେଲର ବ୍ରଦର୍ସ ପାଣ୍ଠିର ଟ୍ରଷ୍ଟିମାନେ ଏପ୍ରିଲ ୧୯୫୭ରେ ଏହି ପୁରସ୍କାର ପ୍ରତିଷ୍ଠା କରିଥିଲେ। ଏହାକୁ ପ୍ରାୟତଃ 'ଏସିଆର ନୋବେଲ ପୁରସ୍କାର' ବୋଲି କୁହାଯାଏ। ୩୧ ଅଗଷ୍ଟ ୧୯୦୭ରେ ଜନ୍ମ ଏବଂ ୧୭ ମାର୍ଚ୍ଚ ୧୯୫୭ରେ ଦେହାନ୍ତ ହୋଇଥିବା ରମନ୍ ଡେଲ ଫିରୋ ମ୍ୟାଗସେସେ ଫିଲିପାଇନ୍ସର ସପ୍ତମ ରାଷ୍ଟ୍ରପତି ଥିଲେ। ସ୍ପେନର ଔପନିବେଶିକ ଶାସନ ପରେ ଜନ୍ମ ହୋଇଥିବା ଏବଂ ବିଂଶ ଶତାବ୍ଦୀରେ ଜନ୍ମ ହୋଇଥିବା ଫିଲିପାଇନ୍ସର ପ୍ରଥମ ରାଷ୍ଟ୍ରପତି ଥିଲେ। ଅଗଷ୍ଟ ୩୧ରେ ଫିଲିପାଇନ୍ସର ରାଜଧାନୀ ମାନିଲାଠାରେ ଆନୁଷ୍ଠାନିକ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବହୁ ସମ୍ମାନିତ ସେହି ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଜନ୍ମ ବାର୍ଷିକୀ, ଯାହାଙ୍କର ଆଦର୍ଶ ୧୯୫୭ରେ ଏହି ପୁରସ୍କାରର ସୃଷ୍ଟି ପାଇଁ ପ୍ରେରଣା ଦେଇଥିଲା।

ଚଳିତ ବର୍ଷ ୪ଜଣ ଏସୀୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଉଛନ୍ତି, ତିମୋର-ଲେଷ୍ଟର ଇଉଜେନିଓ ଲେମୋସ୍, ଭାରତର ଡକ୍ଟର ରବି କନ୍ନନ୍ ଆର, ଫିଲିପାଇନ୍ସର ମରିୟମ୍ କରୋନେଲ-ଫେରେର୍ ଏବଂ ବାଂଲାଦେଶର କୋରଭି ରଖସନ୍ଦ। ପୁରସ୍କାର ସ୍ୱରୂପ ଏକ ମାନପତ୍ର ବା ପ୍ରମାଣପତ୍ର, ଏକ ପଦକ ଏବଂ ୫୦ ହଜାର ଆମେରିକୀୟ ଡଲାରର ନଗଦ ପ୍ରଦାନ କରାଯାଏ।

**୧. ଇଉଜେନିଓ ଲେମୋସ୍:** ଦକ୍ଷିଣ ପୂର୍ବ ଏସୀୟ ଦେଶ ତିମୋର-ଲେଷ୍ଟର ଜଣେ କୃଷି ବିଶେଷଜ୍ଞ ଯିଏ ତିମୋର ସମ୍ପ୍ରଦାୟକୁ କୃଷି ଏବଂ ପ୍ରକୃତି ସଂରକ୍ଷଣର ପ୍ରଶଂସା କରିବାର ନୂତନ ଉପାୟ ଗ୍ରହଣ କରିବାରେ ସାହାଯ୍ୟ କରିଛନ୍ତି। ୨୦୦୧ରେ ଲେମୋସ୍ ପର୍ମାକୁଲ୍ଟୁରା ତିମୋର-ଲୋରୋସା (ପର୍ମାଟିଲ୍) ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ, ଯାହା ୧୭ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ଯୁବକମାନଙ୍କ ପାଇଁ ତାଲିମ ଶିବିର ଆୟୋଜନ କରିଥାଏ। ଏହି ତାଲିମ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ଜଳ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନା, କୃଷି, ଜଳଚର ଏବଂ କୃଷି ଜଙ୍ଗଲ ଉପରେ ଶିକ୍ଷା ଦିଆଯାଏ।

**୨. ଡକ୍ଟର ରବି କନ୍ନନ୍ ଆର:** ଭାରତର ଆସାମ ରାଜ୍ୟରେ ସିଲଚର ସ୍ଥିତ କଚର କର୍କଟ ହସପିଟାଲ୍ ଏବଂ ଅନୁସନ୍ଧାନ କେନ୍ଦ୍ରର ପ୍ରଥମ ଆନୁଷ୍ଠାନିକ ଭାବରେ ତାଲିମପ୍ରାପ୍ତ ଅଙ୍କୋଲୋଜିଷ୍ଟ ଡକ୍ଟର ରବି କନ୍ନନ୍ ଆର, ମାଗଣା ସୁବିଧାକୁ ବିକାଶ କରିବାରେ ସାହାଯ୍ୟ କରି ଆଜିର ଦିନରେ ବିଖ୍ୟାତ। ବର୍ତ୍ତମାନ ସେହି କେନ୍ଦ୍ରରେ ୨୮ଟି ବିଭାଗ ଅଛି। କନ୍ନନଙ୍କ ନେତୃତ୍ୱରେ ଏହି କେନ୍ଦ୍ର ଏକ ଅତ୍ୟାଧୁନିକ କର୍କଟ କେନ୍ଦ୍ରରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି, ଯେଉଁଠାରେ କୌଣସି ପରିସ୍ଥିତିରେ କୌଣସି ରୋଗୀଙ୍କୁ ଉପଯୁକ୍ତ କର୍କଟ ଚିକିତ୍ସା ପାଇଁ ବାରଣ କରାଯିବ ନାହିଁ। ଗରିବ ଓ ଅସହାୟ ପୀଡିତ ପରିବାରର ଯତ୍ନ ନେବାକୁ ବିଶେଷ ଗୁରୁତ୍ୱ ମଧ୍ୟ ଦିଆଯିବା ସେ ପ୍ରକୃତରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଲଭତା ଏବଂ ଜନହିତକାରୀ ଚିକିତ୍ସା ଉପରେ ଧ୍ୟାନ ଦେଇଥିଲେ। କନ୍ନନ ଏବଂ ତାଙ୍କ ଅନୁଷ୍ଠାନ ଆସାମର ସ୍ଥାନୀୟ ଲୋକଙ୍କ ସମେତ ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ଏକ ନିର୍ଭରଯୋଗ୍ୟ ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସାହାଯ୍ୟ କରିଛନ୍ତି।

**୩. ମରିୟମ୍ କରୋନେଲ-ଫେରେର:** ଫିଲିପାଇନ୍ସର ଏହି ଶାନ୍ତି ବୁଝାମଣାକାରୀ, ଯୁଦ୍ଧ ବିବାଦର ସମାଧାନ ତଥା ତାଙ୍କ ଦେଶର ସାମରିକ ନିୟମକୁ ପ୍ରତିରୋଧ କରିବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ଏହା ଦେଶର ପ୍ରଥମ 'ମହିଳା, ଶାନ୍ତି ଏବଂ ସୁରକ୍ଷା ଉପରେ ଜାତୀୟ କାର୍ଯ୍ୟ ଯୋଜନା' କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଏକ ଆନୁଷ୍ଠାନିକ ଭାବରେ ୨୦୧୦ରେ ଗ୍ରହଣ କରାଯାଇଥିଲା। ବିଶ୍ୱ ରାଜନୈତିକ ପ୍ରସଙ୍ଗରେ କରୋନେଲ-ଫେରେର ନିଜର ଦୃଢ ଆଭିମୁଖ୍ୟ ଏବଂ ଅନ୍ତର୍ଭୁକ୍ତିକୁ ସମର୍ଥନ କରିବା ପାଇଁ ଜଣାଶୁଣା। ୨୦୧୨ରେ ଫିଲିପାଇନ୍ସ ସରକାରଙ୍କ ଶାନ୍ତି ପ୍ୟାନେଲର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ସେ ୨୦୨୦ରେ 'ଦକ୍ଷିଣ ପୂର୍ବ ଏସୀୟ ମହିଳା ଶାନ୍ତି ମଧ୍ୟସ୍ଥି' ନାମକ ଏକ ଗୋଷ୍ଠୀର ସହ-ପ୍ରତିଷ୍ଠା ଭାବରେ ଫିଲିପାଇନ୍ସ, ମିଆଁମାର ଏବଂ ଆଫଗାନିସ୍ତାନ ପରି ଅନ୍ୟ ଏସୀୟ ଦେଶମାନଙ୍କରେ ମହିଳାଙ୍କ ପାଇଁ ଏକ ନିରାପଦ ମଞ୍ଚ ପ୍ରଦାନ କରିଥିଲେ। ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଅହିଂସା ରଣନୀତିର ପରିବର୍ତ୍ତନଶୀଳ ଶକ୍ତି ଉପରେ ଅଦମ୍ୟ ବିଶ୍ୱାସ ହେତୁ କରୋନେଲ-ଫେରେର୍ ଏହି ପୁରସ୍କାର ପାଇଁ ସମ୍ମାନିତ ହୋଇଥିଲେ, ଯାହା ତାଙ୍କୁ ଏକ ଶକ୍ତିଶାଳୀ ସ୍ୱର ଭାବରେ ଅନ୍ତର୍ଭୁକ୍ତ କରେ, ହିଂସାକୁ ଦୂର କରେ ଏବଂ ସର୍ବତ୍ର ମହିଳାମାନଙ୍କ ପାଇଁ ଶାନ୍ତି ପ୍ରଚାର କରେ।

**୪. କୋରଭି ରଖସନ୍ଦ:** ଅଣ-ସ୍ୱାର୍ଥ ସଂଗଠନ 'ଜାଗୋ ଫାଉଣ୍ଡେସନ'ର ପ୍ରତିଷ୍ଠାତା କୋରଭି ରଖସନ୍ଦ, ୧୩ତମ ବାଂଲାଦେଶୀ ଯିଏ କି ସମ୍ମାନଜନକ ରମନ୍ ମ୍ୟାଗେସେ ପୁରସ୍କାର ପାଇଛନ୍ତି। ୨୦୦୭ର ଆରମ୍ଭରୁ 'ଜାଗୋ ଫାଉଣ୍ଡେସନ' ଦ୍ରୁତ ଗତିରେ ବିକାଶ ପାଇ ୩୦,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମାଗଣା ସରକାରୀ ସ୍ୱୀକୃତିପ୍ରାପ୍ତ ଇଂରାଜୀ ଭାଷା ଶିକ୍ଷା ଯୋଗାଇବାରେ ସଫଳ ହୋଇପାରିଛି।



ପ୍ରତ୍ୟେକ ଲୋକର ଚତୁଃପାର୍ଶ୍ୱରେ ସ୍ୱର୍ଗ ରାଜ୍ୟ ରହିଛି- ସେ ଯେତେବେଳେ ପାପ କରେ, ସେହି ରାଜ୍ୟ ନଷ୍ଟ ଭ୍ରଷ୍ଟ ହୋଇଯାଏ।

# ଆଦିତ୍ୟ-ଏଲ୍‌୧

ଆଦିତ୍ୟ-ଏଲ୍‌୧ ହେଉଛି ସୌର ବାତାବରଣକୁ ଅଧ୍ୟୟନ କରିବା ପାଇଁ ଏକ ଯୋଜନାବଦ୍ଧ କୋରୋନାଗ୍ରାଫି ମହାକାଶଯାନ, ଯାହା ବର୍ତ୍ତମାନ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଏବଂ ଅନ୍ୟାନ୍ୟ ଭାରତୀୟ ଅନୁସନ୍ଧାନ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ପରିକଳ୍ପିତ ଏବଂ ବିକଶିତ ହୋଇଛି। ଏହା ହେଉଛି ପ୍ରଥମ ଭାରତୀୟ ମିଶନ ଯାହା ବିଶେଷ ଭାବରେ ଆମ ସୌରମଣ୍ଡଳର କେନ୍ଦ୍ର ସୂର୍ଯ୍ୟଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଛି। ୨ ସେପଟ୍ଟମ୍ବର ୨୦୨୩ ପୂର୍ବାହ୍ନ ୧୧.୫୦ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ 'ପିଏସଏଲଭି-ସି୫୭' ଯାନରେ ଏହାର ସଫଳ ଉତ୍‌କ୍ଷେପଣ କରାଯାଇଛି। ଇସ୍ରୋର ଏହି ବହୁ ପ୍ରତୀକ୍ଷିତ ସୂର୍ଯ୍ୟ ମିଶନ 'ଆଦିତ୍ୟ-ଏଲ୍‌୧'ର ଉତ୍‌କ୍ଷେପଣ ଚନ୍ଦ୍ରଯାନର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁ ନିକଟରେ ଐତିହାସିକ ସଫଳ ଅବତରଣ କରିବାର ଅଳ୍ପ କିଛି ଦିନ ପରେ ଧାର୍ଯ୍ୟ କରାଯାଇଥିଲା।

ଏହି ୧,୫୦୦ କିଲୋଗ୍ରାମ ଓଜନର ମହାକାଶଯାନ ପୃଥିବୀଠାରୁ ପ୍ରାୟ ୧୫ ଲକ୍ଷ କିଲୋମିଟର ବ୍ୟବଧାନରେ ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଏଲ୧ ଲାଗ୍ରେଞ୍ଜ ବିନ୍ଦୁରେ ଥିବା ଏକ ହଲୋ କକ୍ଷପଥରେ ମୁତୟନ କରାଯିବ। ସେଠାରେ ପହଞ୍ଚିବା ପାଇଁ ଏହାକୁ ପାଖାପାଖି ୧୨୫ ଦିନ ଲାଗିବ, ଯେଉଁଠାରେ ଏହା ସୌର ବାୟୁମଣ୍ଡଳ, ସୌର ଚୁମ୍ବକୀୟ ଝଡ ଏବଂ ପୃଥିବୀର ପରିବେଶ ଉପରେ ତା'ର ପ୍ରଭାବକୁ ଅଧ୍ୟୟନ କରିବ ।

ଲାଗ୍ରେଞ୍ଜ୍ ବିନ୍ଦୁ:- ଇଟାଲୀୟ-ଫରାସୀ ଗଣିତଜ୍ଞ ଜୋସେଫି-ଲୁଇ ଲାଗ୍ରେଞ୍ଜଙ୍କ ନାମରେ ନାମିତ, ଏହି ବିନ୍ଦୁଗୁଡ଼ିକ ହେଉଛି ସୂର୍ଯ୍ୟ ଏବଂ ଗ୍ରହମାନଙ୍କର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଉତ୍ପନ୍ନ ଆକର୍ଷଣ ଏବଂ ବିକର୍ଷଣର ନିରପେକ୍ଷ ସ୍ଥାନ, ଯାହା ମହାକାଶଯାନର ସୁରକ୍ଷିତ ମୁତୟନ ପାଇଁ ବ୍ୟବହୃତ ହୋଇପାରିବ । ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ୫ଟି ଲାଗ୍ରେଞ୍ଜ୍ ବିନ୍ଦୁ ଅଛି, ସେଗୁଡିକ ମଧ୍ୟରୁ ଏଲ୧ ବିନ୍ଦୁରେ ଆଦିତ୍ୟ-ଏଲ୧ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବାରେ ସକ୍ଷମ ହେବ।

**ଆଦିତ୍ୟ-ଏଲ୍‌୧ ମିଶନର ମୁଖ୍ୟ ବୈଜ୍ଞାନିକ ଉଦ୍ଦେଶ୍ୟଗୁଡ଼ିକ ହେଉଛି:**

- ☐ସୌର ବାୟୁମଣ୍ଡଳ (ବର୍ଣ୍ଣମଣ୍ଡଳ ଏବଂ କୋରୋନା) ଗତିଶୀଳତାର ଅଧ୍ୟୟନ।
- ☐ବର୍ଣ୍ଣମଣ୍ଡଳୀୟ ଏବଂ କୋରୋନାର ଉତ୍ତାପର ଅଧ୍ୟୟନ, ଆଂଶିକ ଆୟାନିତ ପ୍ଲାଜମାର ପଦାର୍ଥ ବିଜ୍ଞାନ, କୋରୋନାର ଦ୍ରବ୍ୟମାନ ନିର୍ଗମନର ସୃଷ୍ଟି ଏବଂ ସୌର ଉଦ୍ଗିରଣ।
- ☐ସୌରକଣିକା ଗତିଶୀଳତାର ଅଧ୍ୟୟନ ଏବଂ ପ୍ଲାଜମା ପରିବେଶ ପର୍ଯ୍ୟବେକ୍ଷଣ।
- ☐ସୌର କୋରୋନା ଏବଂ ଏହାର ଉଷ୍ମତାର ପଦାର୍ଥ ବିଜ୍ଞାନ।
- ☐କୋରୋନା ପ୍ଲାଜମା ଏବଂ ଅବିରତ କୋରୋନା ପ୍ଲାଜମାର ପର୍ଯ୍ୟବେକ୍ଷଣ: ତାପମାତ୍ରା, ବେଗ ଏବଂ ଘନତା।
- ☐ନିର୍ଗତ କୋରୋନ ଦ୍ରବ୍ୟମାନର ବିକାଶ, ଗତିଶୀଳତା ଏବଂ ଉତ୍ପତ୍ତି।
- ☐ସୌର ଉଦ୍ଗିରଣ ପାଇଁ ଏକାଧିକ ସ୍ତରରେ (ବର୍ଣ୍ଣମଣ୍ଡଳ, ପୃଷ୍ଠଦେଶ ଏବଂ ବିସ୍ତାରିତ କୋରୋନା)ରେ ଘଟୁଥିବା ପ୍ରକ୍ରିୟାଗୁଡ଼ିକର କ୍ରମକୁ ଚିହ୍ନଟ କରିବା।
- ☐କୋରୋନାରେ ଚୁମ୍ବକୀୟ କ୍ଷେତ୍ର ଗଠନ ପ୍ରକ୍ରିୟା ଏବଂ ତା'ର ମାପଚୁପ।
- ☐ମହାକାଶ ପାଣିପାଗ ପାଇଁ କାରକଗୁଡ଼ିକ (ଉତ୍ପତ୍ତି, ରଚନା ଏବଂ ସୌର ପବନର ଗତିଶୀଳତା।

ସୌର ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଏକ ପ୍ରମୁଖ ସମାଧାନ ହୋଇ ପାରିନଥିବା ପ୍ରସଙ୍ଗ ହେଉଛି ସୂର୍ଯ୍ୟର ଉପର ବାୟୁମଣ୍ଡଳ ୧,୦୦୦,୦୦୦ କେ(୧,୦୦୦,୦୦୦ଡି.ସେ.; ୧,୮୦୦,୦୦୦ଡି.ଫା) ଗରମ ଥିବାବେଳେ ନିମ୍ନ ବାୟୁମଣ୍ଡଳ ମାତ୍ର ୬,୦୦୦ କେ(୫,୭୩୦ ଡି.ସେ.; ୧୦,୩୪୦ ଡି.ଫା)। ଏଥିସହ ସୂର୍ଯ୍ୟଙ୍କ ବିକିରଣ କିପରି ସମୟ ବ୍ୟବଧାନରେ ପୃଥିବୀର ବାୟୁମଣ୍ଡଳର ଗତିଶୀଳତା ଉପରେ ପ୍ରଭାବ ପକାଇଥାଏ ବୁଝି ହୁଏନାହିଁ। ଏହି ମିଶନ ସୌର ବାୟୁମଣ୍ଡଳର ବିଭିନ୍ନ ସ୍ତରର ଏକକାଳୀନ ଚିତ୍ର ପାଇପାରିବ, କିପରି ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ଶକ୍ତିର ସ୍ଥାନାନ୍ତରଣ ହୁଏ। ଏହିପରି ଆଦିତ୍ୟ-ଏଲ୍‌୧ ମିଶନ୍ ସୂର୍ଯ୍ୟର ଗତିଶୀଳ ପ୍ରକ୍ରିୟା ବିଷୟରେ ଏକ ବିସ୍ତୃତ ବିବରଣୀ ଯୋଗାଇବାକୁ ସକ୍ଷମ ହେବ ଏବଂ ସୌର ପଦାର୍ଥ ବିଜ୍ଞାନର କେତେକ ଉଲ୍ଲେଖନୀୟ ସମସ୍ୟାର ସମାଧାନ କରିବ। ସେଥିପାଇଁ ଆଦିତ୍ୟ-ଏଲ୍‌୧ ୭ଟି ବୈଜ୍ଞାନିକ ଉପକରଣ ବହନ କରିବ।

୧୯୮୧ ମସିହାରେ ଜାପାନ ପ୍ରଥମେ ସୌର ପ୍ରଜ୍ୱଳନ ଅଧ୍ୟୟନ ପାଇଁ ଏକ ମିଶନ ଆରମ୍ଭ କରିଥିଲା ଏବଂ ଆମେରିକାର ସ୍ପେସ୍ ଏଜେନ୍ସି ନାସା ଏବଂ ୟୁରୋପୀୟ ସ୍ପେସ୍ ଏଜେନ୍ସି ୯୦ ଦଶକରୁ ସୂର୍ଯ୍ୟଙ୍କୁ ଅନୁଧ୍ୟାନ କରୁଛନ୍ତି। ଫେବୃଆରୀ ୨୦୨୦ରେ ନାସା ଏବଂ ୟୁରୋପୀୟ ସ୍ପେସ୍ ଏଜେନ୍ସି ମିଳିତ ଭାବରେ ଏକ ସୌର ଅର୍ବିଟର୍ ଲଞ୍ଚ କରିଥିଲେ, ଯାହା ସୂର୍ଯ୍ୟଙ୍କୁ ଅତି ନିକଟରୁ ଅଧ୍ୟୟନ କରୁଛି ଏବଂ ତଥ୍ୟ ସଂଗ୍ରହ କରୁଛି। ୨୦୨୧ରେ ନାସାର ନୂତନ ମହାକାଶଯାନ 'ପାର୍କର ସୋଲାର ପ୍ରୋବ' ସୂର୍ଯ୍ୟଙ୍କ ବାହ୍ୟ ବାୟୁମଣ୍ଡଳରେ କରୋନା ମଧ୍ୟ ଦେଇ ପ୍ରଥମେ ଉଡ଼ି ଇତିହାସ ସୃଷ୍ଟି କରିଥିଲା। ଯଦି ଆଦିତ୍ୟ-ଏଲ୧ ସଫଳ ହୁଏ, ତେବେ ଭାରତ ବିଶିଷ୍ଟ ଦେଶମାନଙ୍କ ଗୋଷ୍ଠୀରେ ଯୋଗଦେବା ସହ 'ଇସ୍ରୋ' ଆମେରିକାର ନାସା ସମକକ୍ଷ ହୋଇଯିବ।



ଯେଉଁ ଲୋକ ନିଜ ବାପା ମାଆଙ୍କୁ କନ୍ଦାଇଛି, ତାହାର ପୁଅ ନିଶ୍ଚୟ ଦିନେ ତା'ର ପ୍ରତିଶୋଧ ନେବ।

# ବାଦାନ୍ୟତାର ମହତ୍ତ୍ୱ



**ରମାକାନ୍ତ ମିଶ୍ର**

ସମାଜରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କି ବହୁ ସମୟରେ ଅନ୍ୟକୁ ଆକ୍ଷେପ କରି କହନ୍ତି। ଏହି ଆକ୍ଷେପ ବିବିଧ ଭାବରେ କୁହାଯାଏ। କେତେବେଳେ ସିଧାସଳଖ କଟୁ ମନ୍ତବ୍ୟ ଦେଇ ତ ଅନ୍ୟ କେତେବେଳେ ବୁଲାଇ ବଙ୍କାଇ ଯା'କୁ, ତା'କୁ, ଗଛକୁ ବାଡ଼କୁ ଦେଖାଇ ପୁଣିତ କେତେବେଳେ ପରିହାସରେ କୁହାଯାଇଥାଏ। ଏପରି ଆକ୍ଷେପ ଉକ୍ତି କ'ଣ ଭଲ ? ଏହାର କ'ଣ ଏକାନ୍ତ ପ୍ରୟୋଜନୀୟତା ରହିଛି ? ଏପରି ଯେଉଁମାନେ କରନ୍ତି ବା କହନ୍ତି ସେମାନେ ଜାଣିପାରନ୍ତି ନାହିଁ ଯେ ଏହା ସେମାନଙ୍କର ଆତ୍ମ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛନ୍ତି। ଏହା କେବଳ ପରଶ୍ରୀକାତର ଇର୍ଷା ପରାୟଣ ବ୍ୟକ୍ତିର କୁଲକ୍ଷଣ। ତେବେ କଟୂକ୍ତି ହେଉ ବା ପରିହାସରେ ହେଉ ଆକ୍ଷେପଲକ୍ଷିତ ବ୍ୟକ୍ତି ଯଦି ଉଦାର ଓ ସହିଷ୍ଣୁ ତେବେ ସେ ସବୁ ହଜମ କରିପାରେ, ଆଉ ଯଦି ଅସହିଷ୍ଣୁ ତେବେ ପ୍ରତିକ୍ରିୟା ପ୍ରକାଶ କରେ। ଫଳତଃ ବିବାଦ ସୃଷ୍ଟିହୋଇ ଉଗ୍ର ରୂପଧାରଣ କରେ। କେତେକସ୍ଥଳରେ ଆକ୍ଷେପ ଶରବ୍ୟ ବ୍ୟକ୍ତି ପ୍ରତିଆକ୍ଷେପ କରି ହସି ହସି ମର୍ମଭେଦୀ କଥାଟିଏ ପରିହାସ ଛଳରେ କହେ। ନରମ କଥାରେ ମରମ ଭେଦିବା ହିଁ ଚତୁରତା। ଏହା ଆକ୍ଷେପର ପରିଶୋଧ ପ୍ରତିଶୋଧ ନୁହେଁ। ସୁତରାଂ ବିବାଦ ସୃଷ୍ଟିର ସମ୍ଭାବନା କମ୍। ଦେଇଥିବା ଧନର ସୁଧ ମୂଳ ପ୍ରାପ୍ତି ପରେ ଋଣଦାତା ଆପେ ଆପେ ଶାନ୍ତ ହୋଇଯାନ୍ତି। ଏଠାରେ ଆକ୍ଷେପ କର୍ତ୍ତା ଋଣଦାତା ଓ ପ୍ରତିଆକ୍ଷେପ କର୍ତ୍ତାଙ୍କୁ ପରିଶୋଧ କର୍ତ୍ତା ଧରାଯାଉଛି। ଏକ ସୁନ୍ଦର ଗଳ୍ପ ମାଧ୍ୟମରେ ଉପରୋକ୍ତ ଅନୁଚ୍ଛେଦର ଆଲୋଚିତ ସତ୍ୟଟିର ଯଥାର୍ଥତା ସହଜ ବୋଧହେବ। ଏକଦା ଧାର ନଗରୀର ମହାରାଜା ଭୋଜ ମହାକବି କାଳିଦାସଙ୍କ ସହିତ ଉଦ୍ୟାନ ଭ୍ରମଣ କରୁଥିଲେ। ଏହି ସମୟରେ ଭଦ୍ରମଣି ନାମକ ଅନ୍ୟଜଣେ ପଣ୍ଡିତ ସେହି ସ୍ଥାନରେ ଉପସ୍ଥିତ ହେଲେ। ରାଜାଙ୍କ ଅନୁକ୍ରମେ ସେ ମଧ୍ୟ ତାଙ୍କ ସହିତ ଉଦ୍ୟାନ ଭ୍ରମଣ କଲେ। କିନ୍ତୁ ଭଦ୍ରମଣି ଭାରି ଚତୁର ଥିଲେ। ଭ୍ରମଣକାଳରେ ସେ ନିଜେ ରାଜାଙ୍କ ବାମ ପାର୍ଶ୍ୱରେ ରହି କାଳିଦାସଙ୍କୁ ଦକ୍ଷିଣ ପାର୍ଶ୍ୱରେ ରଖିଲେ। ନିର୍ବିବାଦରେ କାଳିଦାସ ଦକ୍ଷିଣ ପାର୍ଶ୍ୱକୁ ଆଦରି ନେଲେ। ଏପରି ସଜ୍ଜିତ ହୋଇ ତିନିଜଣ ଭ୍ରମଣ କରିବା ସମୟରେ ରାଜାଙ୍କ ମୁଖରୁ କିଛି ପ୍ରଶ୍ନ ନିଃସୃତ ହୋଇ ନଥିଲେ ମଧ୍ୟ ପଣ୍ଡିତ ଭଦ୍ରମଣି ନିଜପାର୍ଶ୍ୱର (ବାମପାର୍ଶ୍ୱ) ମହତ୍ତ୍ୱ ବର୍ଣ୍ଣନା କରି ନିଜ ଯଶ ଓ ପ୍ରତିଷ୍ଠାକୁ ରାଜାଙ୍କୁ ଶୁଣାଇବାକୁ ଯାଇ ଏକ ଚତୁର୍ଥାଂଶ ପୂର୍ଣ୍ଣ ଶ୍ଳୋକ ପଠନ କଲେ। ଏଥିରେ କାଳିଦାସ ଅପମାନିତ ହେବାର ଶତ ପ୍ରତିଶତ ସମ୍ଭାବନା ଅଛି ବୋଲି ସେ ବିଚାର କଲେ।

ଶ୍ଳୋକ - ଗୃହତ୍ୟେଷ ରିପଃଶିରଃ ପ୍ରତିଜବଂ କର୍ଷତ୍ୟସୌ ବାଜିତଃ
ଧୃତ୍ୱାଚର୍ମଧନୁଃ ପ୍ରୟାତିସତତଂସଂଗ୍ରାମ ଭୂମାବପି
ଦ୍ୟୂତଂ ଚୌର୍ଯ୍ୟମଥ ସ୍ତ୍ରିୟଂଚଶପଥଂ ଜାନା ତିନାୟଂକାରଃ

ଏପରି ତିନୋଟି ପାଦ ଶ୍ଳୋକ ପଠନକରି ଭଦ୍ରମଣି ନୀରବ ରହିଲେ। ଏହାର ଅର୍ଥ ହେଲା, ଦକ୍ଷିଣହସ୍ତ ଠାରୁ ବାମହସ୍ତର ଗୌରବ ଅଧିକ, କାରଣ ପ୍ରତିକ୍ଷେତ୍ରରେ ବାମହସ୍ତ ଦକ୍ଷିଣଠାରୁ ଆଗୁଆ ହୋଇ କାର୍ଯ୍ୟ କରିଥାଏ। ଯେପରି କି ଯୁଦ୍ଧ ଭୂମିରେ ପ୍ରଥମେ ବାମହସ୍ତ ଶତ୍ରୁ ଶିରକୁ ଧରିଲେ ପରେ ଦକ୍ଷିଣହସ୍ତ ତାହାକୁ ଛେଦନ କରେ। ପୁନଶ୍ଚ ଅଶ୍ୱପୃଷ୍ଠରୁ ଶତ୍ରୁ ସୈନିକକୁ ବାମହସ୍ତ ହିଁ ଓଟାରି ଆଣେ। ସେପରି ପ୍ରଥମେ ବାମହସ୍ତ ଢାଲ ଧରି ଆଗକୁ ଯାଇ ଜଗିଲେ ପରେ ଦକ୍ଷିଣହସ୍ତ ଖଡ୍ଗ ଚାଳନା କରେ। ପୁଣି ବାମହସ୍ତ ଧନୁଧରି ଆଗକୁ ଗଲେ ଦକ୍ଷିଣହସ୍ତ ପଛକୁ ରହି ଧନୁର୍ଗୁଣ ଆକର୍ଷଣ କରି ଶର ପ୍ରହାର କରେ। ସୁତରାଂ ଯୁଦ୍ଧ କ୍ଷେତ୍ରରେ ଦକ୍ଷିଣ ହସ୍ତ ସର୍ବଦା ପଶ୍ଚାଦ ଭାଗରେ ରହେ। ସାହସୀ ବାମହସ୍ତ ସମ୍ମୁଖକୁ ଯାଇ ଯୁଦ୍ଧ ଚଳାଏ। ଏତଦ୍ ବ୍ୟତୀତ ଦ୍ୟୁତକ୍ରୀଡା, ଚୌର୍ଯ୍ୟ ବୃତ୍ତି, ପର ସ୍ତ୍ରୀକୁ ସ୍ପର୍ଶ ଓ ସତ୍ୟ ଅସତ୍ୟ ଶପଥ ପାଠରେ ଦେବଦେବୀ ବା ପ୍ରସାଦ ସ୍ପର୍ଶ ଆଦି ନିନ୍ଦନୀୟ କର୍ମଠାରୁ ବାମହସ୍ତ ସର୍ବଦା ଦୂରରେ ରହେ। ଏସବୁ ଗର୍ହିତ କର୍ମ କେବଳ ଦକ୍ଷିଣ ହସ୍ତ ହିଁ କରିଥାଏ। ଏପରି ତିନିପାଦ ଶ୍ଳୋକରେ ବାମହସ୍ତର ମହତ୍ତ୍ୱ ବର୍ଣ୍ଣନା କରି ପଣ୍ଡିତ ଭଦ୍ରମଣି ନିଜର ପ୍ରଶସ୍ତି ପରୋକ୍ଷରେ ସାବ୍ୟସ୍ତ କଲେ।

ଶ୍ଳୋକଟି ମାତ୍ର ତିନିପାଦ ହେଲା, ତେଣୁ ରାଜା ଏହାର ୪ର୍ଥ ପାଦ ପଠନକରି ଶ୍ଳୋକଟିକୁ ପୂର୍ଣ୍ଣ କରିବା ପାଇଁ କହନ୍ତେ ବିଚକ୍ଷଣ ବୁଦ୍ଧିମାନ କାଳିଦାସ କାଳୀଦାସ ୪ର୍ଥ ପାଦଟି ନିମ୍ନ ପ୍ରକାରେ ପଠନ କଲେ।

(ଶ୍ଳୋକ-୪ର୍ଥ ପାଦ) -

ନାନୁଦ୍ୟତାତାମ୍ବିଲୋ କ୍ୟତିଧ୍ୱନା ଶୌଚାଧିକାରୀକୃତଃ

ଉକ୍ତ ପାଦଟିର ଅର୍ଥ ହେଲା, ଯାହାକଲେ ମଧ୍ୟ ବାମହସ୍ତରେ ଏକ ପୁଣ୍ୟକାର୍ଯ୍ୟରେ ସର୍ବଦା ଅନୁଦ୍ୟତ ରହୁଥିବା ଦେଖି ବିଧାତା ତହାକୁ ମଳଦ୍ୱାର ଧୌତ କରିବା ବା ଅନ୍ୟାନ୍ୟ ମଳ ପରିଷ୍କାର କରିବାର ଅଧିକାରୀ କରିଦେଇଛନ୍ତି। ପଣ୍ଡିତ ଭଦ୍ରମଣିଙ୍କ ଅଭଦ୍ରତାପୂର୍ଣ୍ଣ ଆକ୍ଷେପର ଯଥାର୍ଥ୍ୟ ଉତ୍ତର ମିଳିଗଲା। ଅପମାନ ଓ ଲାଜରେ ମଥାନତ କରି ରାଜାଙ୍କଠାରୁ ତୁରନ୍ତ ମେଲାଣି ମାଗି ସେ ଶ୍ୱାନ ଲାଞ୍ଜ ଜାକି ଯିବାପରି ସ୍ଥାନ ଛାଡି ପଳାଇଗଲେ। କାଳିଦାସଙ୍କ ଉକ୍ତି ଖଣ୍ଡନ କରିବାର ଯୁକ୍ତି ତାଙ୍କୁ ମିଳିଲା ନାହିଁ।

ଭଦ୍ରମଣିଙ୍କ ପଠିତ ତିନିପାଦ ଓ କାଳିଦାସଙ୍କର ଏକପାଦ ମିଶି ନିମ୍ନୋକ୍ତ ପ୍ରକାରେ ଶ୍ଳୋକଟି ରୂପାୟିତ ହେଲା। ଶ୍ଳୋକ -

"ଗୃହ୍ଣତ୍ୟେ ଷରିପୋଃ ଶିରଃପ୍ରତିଜବଂ କର୍ଷତ୍ୟସୌ ବାଜିତ।
ଧୃତ୍ୱା ଚର୍ମଧନୁଃ ପ୍ରୟାତିସତଂ ସଂଗ୍ରାମ ଭମାବପି।
ଦ୍ୟୂତଂଚୌର୍ଯ୍ୟମଥ ସ୍ତ୍ରିୟଂଚଶପଥଂ ଜାନାତି ନାୟଂ କରେ।
ଦାନାନୁ ଦ୍ୟତତାଂ ବିଲୋକ୍ୟ ବିଧିନା ଶୌଚାଧିକାରୀକୃତଃ"

ଶ୍ଳୋକଟିରୁ ମୋଟାମୋଟି ଏହା ପ୍ରମାଣିତ ଯେ ବାମହସ୍ତର ବହୁକାର୍ଯ୍ୟ ସାଧକତା ଥିଲେ ମଧ୍ୟ ତାହା ଦକ୍ଷିଣହସ୍ତ ପରି ପବିତ୍ର ନୁହେଁ। ମଳ, ମୂତ୍ର, ନିର୍ଗମନ ଦ୍ୱାରଗୁଡ଼ିକୁ

ଧୌତ ଓ ଶୌଚ କରି ପବିତ୍ର କରୁଥିଲେ ମଧ୍ୟ ସେ ନିଜେ ଅପବିତ୍ର। ତେବେ ବିଚାର୍ଯ୍ୟ ଏହା ଯେ ଯେଉଁ ହସ୍ତ ଅପବିତ୍ର ସ୍ଥାନକୁ ପବିତ୍ର କରେ ସେ ଅପବିତ୍ର ହେଲା କିପରି ? ହଁ ଏହା ସର୍ବସ୍ୱୀକୃତ ଯେ ଅପବିତ୍ର ଅଙ୍ଗକୁ ପବିତ୍ର କରିଦେଲେ କ'ଣ ବ୍ୟକ୍ତିର ଯଶ ଓ ପ୍ରତିଷ୍ଠାର ବୃଦ୍ଧି ସମ୍ଭବ କି ? ଦକ୍ଷିଣହସ୍ତ ଶୌଚଦୋ କର୍ମର ଅଧିକାରୀ ନୁହେଁ। ଏହାକୁ ବିଧାତା ହୋମ, ଯଜ୍ଞ, ଜପ, ଦାନ ଓ ଖାଦ୍ୟପ୍ରେୟ ଆଦି ବସ୍ତୁ ଗ୍ରହଣ କରିବାର କ୍ଷମତା ପ୍ରଦାନ କରିଛନ୍ତି। ବୁଝିବାକୁ ଗଲେ ଦକ୍ଷିଣହସ୍ତ ମନୁଷ୍ୟର ଅନ୍ନ ଭୋଜନର ମୁଖ୍ୟ ସହାୟକ। ଯାହାଦ୍ୱାରା ମନୁଷ୍ୟର ପ୍ରାଣ ରକ୍ଷା ହୁଏ। କେତେକ ମତ ଦେଇପାରନ୍ତି ଏହି କର୍ମ ବାମହସ୍ତ ବି କରିପାରେ। ଏଥିରେ ଅସମ୍ମତି ନାହିଁ, ମାତ୍ର ପ୍ରତିଦିନ ବାରମ୍ବାର ମଳମୂତ୍ର ଲେପିତ ଅଙ୍ଗକୁ ସ୍ପର୍ଶ କରୁଥିବା ବାମହସ୍ତ ପ୍ରତି ଘୃଣା ଆସିବା ସ୍ୱାଭାବିକ। ସୁତରାଂ ଘୃଣିତ ହସ୍ତରେ ଭୋଜନ ବ୍ୟକ୍ତିକୁ ତୃପ୍ତି ପ୍ରଦାନ କରିପାରେ ନାହିଁ। ଯେଉଁ ଭୋଜନରେ ପରିତୃପ୍ତି ନାହିଁ ସେପରି ଭୋଜନ କ'ଣ ଅଙ୍ଗର ପୁଷ୍ଟି ସାଧନ କରିପାରିଛି। ପୁନଶ୍ଚ ଦାନାଦି ମହତ୍ କର୍ମରେ ପ୍ରବୃତ୍ତ ଦକ୍ଷିଣହସ୍ତ ମନୁଷ୍ୟକୁ ଯଶ, ପ୍ରତିଷ୍ଠା ପ୍ରଦାନକରି କାଳଜୟୀ କରାଯାଇପାରେ।

ପୁରାଣ ଇତିହାସରେ ବହୁଦାନବୀର ମହାପୁରୁଷମାନଙ୍କର ଉଦାହରଣ ଦେଖିବାକୁ ମିଳେ। କେବଳ ଦାନ ହିଁ ସେମାନଙ୍କୁ ମହାପୁରୁଷତ୍ୱ ପ୍ରଦାନ କରିଛି। ଅତଏବ ଶିକ୍ଷଣୀୟ ଏହା ଯେ ମନୁଷ୍ୟ କିଛିନା କିଛି ଦାନ କରିବା ବିଧେୟ। ଶାସ୍ତ୍ରରେ ଉଲ୍ଲେଖ ଅଛି "ଦାନଂ ଯଥା ଶକ୍ତି" ଶକ୍ତି ଅନୁସାରେ ଦାନକର। ଶକ୍ତିକୁ ଅତିକ୍ରମ କରିନୁହେଁ। ଏହା ମଧ୍ୟ ଉପନିଷଦରେ ବର୍ଣ୍ଣିତ ଯେ ଶ୍ରିୟା ଦେୟମ୍, ଭିୟାଦେୟମ୍, ହିୟାଦେୟମ୍, ସଂବିଦାଦେୟମ୍, ଶ୍ରଦ୍ଧୟାଦେୟମ୍, ଅଶ୍ରଦ୍ଧୟାଅଦେୟମ୍, ଅର୍ଥାତ ଶ୍ରୀ କମଂ ପଦ ସାମର୍ଥ୍ୟ ଅନୁସାରେ ଦାନକର, ହ୍ରୀ ଲଜ୍ଜାର ସହିତ ଦାନକର, ତାମାନେ ଦାନକରି ଗର୍ବିତ ହୋଇ ଲଜ୍ଜାବୋଧ କର ଯେ ମୋର ଦାନ ଯଥେଷ୍ଟ ନୁହେଁ। ଭୀ-ଭୟର ସହ ଦାନକର, ମାନେ ଦାନ କରିବଓା ସମୟରେ ଗ୍ରହିତା ପ୍ରତି ଭୟ ରଖ ଯେ ଯେପରି ସେ ଅସନ୍ତୁଷ୍ଟ ନହୁଅନ୍ତୁ। ସର୍ବଦା ବିବେକାନୁ ମୋଦିତ ଦାନ ଅର୍ଥାତ୍ ପାତ୍ର ଅପାତ୍ର ଆଦିର ବିଚାରକରି ଦାନ କର। ଶ୍ରଦ୍ଧାରେ ଦାନ କର, ଅଶ୍ରଦ୍ଧାରେ (କୁଣ୍ଠାରଖି) ଦାନ କରନାହିଁ। ଏପରି ଦାନର ବହୁତ ଭୂ ବିବିଧ ଶାସ୍ତ୍ର ପୁରାଣରେ ବର୍ଣ୍ଣିତ। ଧର୍ମର ଚାରିପାଦ ମଧ୍ୟରୁ 'ଦାନ' ଗୋଟିଏ ପାଦ। "ଦାନମେକଂ କଲୌଯୁଗେ" କଳିଯୁଗରେ ଦାନ ହିଁ ମହଦ୍ଧର୍ମ। ପୁଣି ଅନ୍ନ ଦାନକୁ ସର୍ବଶ୍ରେଷ୍ଠ ଦାନ କୁହାଯାଇଛି। ଯେହେତୁ ଅନ୍ନ ହିଁ ପ୍ରାଣ ରକ୍ଷକ। ଅନ୍ନଦାନ ପ୍ରାଣ ଦାନର ସମାନ।

ବର୍ଣ୍ଣିତ ଆଲୋଚନାରୁ ଦାନର ମହତ୍ତ୍ୱ, ବାମ ଓ ଦକ୍ଷିଣ ହସ୍ତର ଗୁରୁତ୍ୱା ଧିକ୍ୟ ସହଜରେ ଅନୁମେୟ, ଆଜିକାଲି ସମାଜରେ ଅନେକ ଲୋକ ବଡ଼ବଡ଼ିଆଙ୍କ ଦକ୍ଷିଣ ଓ ବାମ ପାର୍ଶ୍ୱକୁ ନିଜ ନାମରେ ପଟା କରି ନେଇଛନ୍ତି। କିଏ ସର୍ବଦା ବାମ ପାର୍ଶ୍ୱକୁ ଦଖଲ କରି ରଖେ ତ ଅନ୍ୟ କିଏ ଦକ୍ଷିଣ ପାର୍ଶ୍ୱକୁ। ଏହି ଆଲୋଚିତ ଗଳ୍ପ ଆଧାରରେ ସେମାନେ ନିଜ ମହତ୍ତ୍ୱକୁ ବୁଝି ପାରିବେ। ଯେଉଁମାନେ ବାମାଧିକାରୀ ସେମାନେ ସମାଜର ବା ଦେଶର ଅପବିତ୍ରତାକୁ ଦୂର କରୁଛନ୍ତି କେତେ ? ଆଉ ଯେଉଁମାନେ ଦକ୍ଷିଣାଧିକାରୀ ସେମାନେ ସମାଜର ନିରନ୍ନ ଦରିଦ୍ରମାନଙ୍କୁ ଦାନ କରୁଛନ୍ତି କେତେ ? ବାମଭାଗୀ ବଡ଼ ବଡିଆଙ୍କ ବାମହସ୍ତ ସାହାଯ୍ୟରେ ନିଜ ଜୀବନ ମଳ ପରିଷ୍କାର କରିବାରେ ବ୍ୟସ୍ତ ଆଉ ଯେଉଁମାନେ ଦକ୍ଷିଣଭାଗୀ ସେମାନେ ବଡ଼ ବଡ଼ିଆଙ୍କ ଦକ୍ଷିଣହସ୍ତ ଦାନକୁ ଅନାଇ ରହିଛନ୍ତି। ଏହା ଅଦ୍ୟତନ ସମାଜରେ ସର୍ବତ୍ର ପରିଲକ୍ଷିତ।

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ
ମୋ - ୯୭୭୮୬୮୨୪୮୭

# ସାହିତ୍ୟିକା ଅବିସ୍ମରଣୀୟା
# ଅପର୍ଣ୍ଣା ପଣ୍ଡା



ବ୍ରଜକିଶୋର ଦାସ

ଓଡିଶାର ଅବିସ୍ମରଣୀୟା ସାହିତ୍ୟିକା ଅପର୍ଣ୍ଣା ପଣ୍ଡା ୧୮୭୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ନାରୀ ଶିକ୍ଷା, ନାରୀ ଜାଗରଣ ସେପରି ସମୃଦ୍ଧ ହୋଇ ନଥିବା ସମୟରେ ମଧ୍ୟ ଅପର୍ଣ୍ଣା ପଣ୍ଡା ନିଜର ପ୍ରଚଣ୍ଡ ଇଚ୍ଛାଶକ୍ତି ବଳରେ ହୋଇ ପାରିଥିଲେ ଅସାଧାରଣ ସାହିତ୍ୟକା। ତାଙ୍କ ଦ୍ୱାରା ରଚିତ ରୁଦ୍ର ଚନ୍ଦ୍ରିକା (ଉତ୍କଳ ସାହିତ୍ୟର ଇତିହାସ ୧ମ ଭାଗ) ୧୯୨୧ ମସିହାରେ ପ୍ରକାଶ ପାଇ ବହୁ ପାଠକୀୟ ସ୍ୱୀକୃତି ଲାଭ କରିଥିଲେ। ୧୯୨୫ ମସିହାରେ ତାଙ୍କର ଲେଖା କବି ଜୀବନୀ ଉତ୍କଳ ସାହିତ୍ୟର ଇତିହାସ ୨ୟ ଭାଗ ପ୍ରକାଶ ପାଇଥିଲା। ୧୯୨୧ ମସିହାରେ ତାଙ୍କର ଲେଖା ତତ୍ତ୍ୱମାଳିକା ତତ୍ତ୍ୱ ବୋଧିନୀ ଓ ୧୯୦୨ରେ କଳାବତୀ ରଚିତ ହୋଇଥିଲା। ଏହା ତାଙ୍କ ସାହିତ୍ୟିକ ଜୀବନର ରଚିତ ଏକ ପ୍ରସିଦ୍ଧ ଉପନ୍ୟାସ। ଏହି ଉପନ୍ୟାସରେ ତାଙ୍କ ପାଣ୍ଡିତ୍ୟର ବିଶେଷ ପାରଦର୍ଶିତା ପ୍ରକଟିତ ହୋଇଛି। ସେହି ଉପନ୍ୟାସ ବ୍ୟାସକବି ଫକୀର ମୋହନ ସେନାପତି ଓ ଭକ୍ତ କବି ମଧୁସୂଦନଙ୍କ ଦ୍ୱାରା ସଂଶୋଧିତ ହୋଇଥିବା ମୁଖବନ୍ଧରେ ଉଲ୍ଲେଖ ରହିଛି। ଏହାର ରଚନା ଶୈଳୀ ବିଶେଷ ପାଠକୀୟ ପ୍ରଶଂସା ଲାଭ କରି ପାରିଥିଲା। ଏଥିରେ ନାୟିକା କଳାବତୀର ଆଠ ବର୍ଷର ଭ୍ରମଣ କାହାଣୀ ସହିତ ଏକ ବର୍ଷର ବୈବାହିକ ଜୀବନ ବୃତ୍ତାନ୍ତ ସ୍ଥାନ ପାଇଛି। ସେଥିପାଇଁ ଏହାକୁ ଏକ ଭ୍ରମଣ ଉପନ୍ୟାସ ଭାବରେ ଗ୍ରହଣ କରାଯାଇଛି। ଆଜୀବନ ସାହିତ୍ୟ ସାଧନା ପ୍ରତି ଅନୁରକ୍ତା ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ଅପର୍ଣ୍ଣା ପଣ୍ଡା ବାସ୍ତବିକ ସମସ୍ତ ନାରୀ ଲେଖିକାମାନଙ୍କ ପାଇଁ ଚିରଞ୍ଜିବୀ ପ୍ରେରଣା ହୋଇ ରହିଥିବେ।

କଳଦିଆ, ନମୌଜା, ଆଳି, କେନ୍ଦ୍ରାପଡ଼ା
ଦୂରଭାଷ - ୯୭୭୭୭୩୩୦୪୪

# ଆଦିବାସୀ



ପ୍ରିୟମ୍ବଦା ସାହୁ

ଆଦିବାସୀ। ଅର୍ଥାତ୍ - ଦେଶର ମୂଳ ଅଧିବାସୀ। ଏହି ଦେଶ ଓ ମାଟିର ପ୍ରଥମ ମନୁଷ୍ୟଗଣ।

ସମସ୍ତଙ୍କ ପରି ସେମାନଙ୍କର ମଧ୍ୟ ଅଲଗା ପ୍ରକାର ସଂସ୍କୃତି ଅଛି। ଦିଅଁ-ଦେବତା ଅଛନ୍ତି। ଶିବ ମହାପ୍ରଭୁ ଯେ ହେତୁ ଆଦ୍ୟ ଠାକୁର, ତେଣୁ ସେମାନେ ଶିବପୂଜା କରନ୍ତି। ପ୍ରକୃତି ପୂଜା ଓ ବିଶେଷ କରି 'ଦେବୀ ମାଁ'ମାନଙ୍କୁ ପୂଜା କରିଥାନ୍ତି। ଆଉ ଭୂତ-ପ୍ରେତ, ଗୁଣି-ଗାରେଡ଼ି, ଝଡ଼ାଫୁଙ୍କା, କାଳିସୀ ଇତ୍ୟାଦିରେ ଅଧିକ ବିଶ୍ୱାସ ରଖନ୍ତି। ଅତ୍ୟନ୍ତ ସରଳ ଜୀବନଯାପନ କରିଥାନ୍ତି। ବନ, ପାହାଡ଼, ଜଙ୍ଗଲ, ଭିତରେ ଜନ୍ମ ହୋଇ, ଜଙ୍ଗଲୀ ଗଛର ଫଳ ଖାଇ ଫୁଲ ନାଇ (ପିନ୍ଧି) ନଦୀ ବା ଝରଣାର ସ୍ୱଚ୍ଛ ପାଣି ପିଇ, ପତର କୁଡ଼ିଆ ଘରେ ଚଳିଯାଆନ୍ତି। କୌଣସି ପଶୁ ମିଳିଲେ ଶିକାର କରି ମାଂସ ଖାଇଥାନ୍ତି। ପାଇଲେ ଖାଆନ୍ତି, ନ ପାଇଲେ ଉପାସରେ ଶୁଅନ୍ତି। ଜହ୍ନରାତିରେ ଦଳବାନ୍ଧି ନାଚନ୍ତି, ଗୀତଗାଆନ୍ତି। ଶୀତ ରାତିରେ ନିଆଁ ଜାଳି ଏକତ୍ର ନିଆଁ ପୁଅଁନ୍ତି। ଏହିପରି ହସକାନ୍ଦର ସଂସାରରେ ବିନା ଜଞ୍ଜାଳରେ ଈଶ୍ୱରଙ୍କର ନିୟମ ମାନି ପ୍ରକୃତି କୋଳରେ ରହନ୍ତି।

ଜଙ୍ଗଲ ଭିତରେ ଆଦିବାସୀ ନାରୀମାନେ ଆହାର ଖୋଜୁଥିବେ, ବା ବର୍ଷା ପାଣିରେ ଭରି ଯାଇଥିବା କେଉଁ ବଡ଼ ଖାଲରେ ଦଳ ହୋଇ ଗାଧୋଉଥିବା ବେଳେ ତାଙ୍କର ପୁରୁଷ ଲୋକ ସବୁ ଅଦୂରରେ ଧନୁ-ଶର ବା ବର୍ଚ୍ଛା ଧରି ଜଗି ରହନ୍ତି ହିଂସ୍ର ଜନ୍ତୁଙ୍କୁ, ଆଉ ସାଥିରେ ସଭ୍ୟ ଦୁନିଆଁର ଲୋକଙ୍କୁ। କାରଣ ସେହି ଲୋକମାନଙ୍କୁ ବିଶ୍ୱାସ କରନ୍ତି ନାହିଁ। ନାରୀମାନଙ୍କୁ ଦେଖି ଯେବେ ରାସ୍ତାରେ ଯାଉଥିବା କୌଣସି ଗାଡ଼ି ଅଟକେ, କିମ୍ବା ଗାଡ଼ି ଭିତରେ ଥାଇ କେହି ହସେ କାହାକୁ ଦେଖି ଇଶାରା କରେ ତ, ସଙ୍ଗେ ସଙ୍ଗେ ଶର ଓ ବର୍ଚ୍ଛା ଛୁଟି ଆସେ। ତେଣୁ ଜଙ୍ଗଲ ଭିତର ଦେଇ ଗାଡ଼ି ଯିବାବେଳେ ଡ୍ରାଇଭର ସମସ୍ତଙ୍କୁ ସତର୍କ କରି ଦିଏ। ପ୍ରାଣ ଭୟରେ ଯେତେ ଶୀଘ୍ର ନୀରବରେ ସେ ସ୍ଥାନ ଗୁଡ଼ିକ ପାରି ହୋଇଯାଆନ୍ତି ସଭ୍ୟ ଲୋକମାନେ।

ଉଚ୍ଚ ପାହାଡ଼ିଆ ଘାଟିର ସରୁ ରାସ୍ତାରେ ବହୁ ସତର୍କତା ସହ ଜିପ ବା ଟ୍ରକ ଗାଡ଼ି ଚାଲେ। ଟିକେ ଅସତର୍କ ହୋଇଗଲେ ଗାଡ଼ି ଗଡ଼ି ଗଡ଼ି ପାହାଡରୁ ଖସିଯାଇ ଚୂନା ହୋଇଯାଏ। ସେହି ଦୁଷ୍କର ପଥରେ ଯାତାୟତ କରିବା ବେଳେ ତଳକୁ ଚାହିଁଲେ ପାହାଡ଼ କୋଳରେ କେଉଁଠି ପାଞ୍ଚ, ସାତ ବା କେଉଁଠି ସାତ, ଆଠଟି କୁଡିଆ ଘର ଦୃଷ୍ଟିଗୋଚର ହୁଏ। ତାହା ଏକ ଏକ ଗାଁ। ସେମାନେ ଡାକ୍ତର କ'ଣ ଜାଣନ୍ତି ନାହିଁ। ସେହି ବନସ୍ତର କେଉଁ ଗଛର ପତ୍ର, ଛେଲି, ଚେରମୂଳ ତାଙ୍କର ଔଷଧ। ପାହାଡର ପଥର ତାଙ୍କ ଶିଳ ଓ ଶିଳପୁଆ। ସେଥିରେ ଛେଚି ରସ କାଢ଼ନ୍ତି, ଗୁଣ୍ଡ କରନ୍ତି ସବୁ କିଛି ! ସେମାନେ ତ ପୁଣି ସେଇଠି ଜନ୍ମ ହୋଇ ବୁଢ଼ା ହୁଅନ୍ତି ! ସବୁ ଈଶ୍ୱରଙ୍କ କୃପା।

ଇଏ ତ କେତେ ବର୍ଷ ତଳର ଦକ୍ଷିଣ ଓଡିଶାର ଆଦିବାସୀଙ୍କ କଥା। ସେହି ଜଙ୍ଗଲର କଚା ରାସ୍ତା ପକ୍କା ହୋଇଗଲାଣି। ଆଦିବାସୀମାନେ ରାସ୍ତା ପାଖରୁ ଦୂରେଇ ଗଲେଣି। ସେହି ସବୁ ଅଞ୍ଚଳ ଉନ୍ନତି କଲାଣି। ତା ସହିତ ଆଦିବାସୀମାନେ ମଧ୍ୟ ଉନ୍ନତ ହେଉଛନ୍ତି।

ଦେଶସାରା ଭିନ୍ନ ଭିନ୍ନ ସ୍ଥାନରେ ଆଦିବାସୀ ଅଛନ୍ତି। ଏହା ବିହାର-ଝାଡ଼ଖଣ୍ଡ ମିଶି ରହିଥିବା, ବ୍ରିଟିଶ ଅମଳର କଥା। ସେତେବେଳେ ଆଦିବାସୀଙ୍କ ଭିତରେ କେତେ ବୀରପୁରୁଷ ଓ ବୀରାରମଣୀ ଥିଲେ। ସେମାନଙ୍କ ମଧ୍ୟରେ ସାନ୍ତାଳ ସମ୍ପ୍ରଦାୟ ଅଗ୍ରଣୀ ଅଟନ୍ତି। ଆଦିବାସୀମାନେ ବିଶେଷ କରି ପାହାଡିଆ ଅଞ୍ଚଳରେ ବାସ କରୁଥିଲେ। ଏଠାକାର ଆଦିବାସୀଙ୍କ ଉପରେ ଇଂରେଜ ସରକାରଙ୍କ ନଜର ପଡ଼ିଲା। ତାଙ୍କଠାରୁ 'କର' ଆଦାୟ କରି ସେମାନଙ୍କୁ ଶୋଷଣ କଲେ। ପାହାଡ଼ ଅଞ୍ଚଳରେ କେତେ ବା ଖାଦ୍ୟ-ଶସ୍ୟ ଉତ୍ପାଦନ ହୁଏ ! ଯେତିକି ଆମଦାନୀ ହୁଏ, ତାହା ନିଜେ କେବଳ ଚଳିଯିବା ପାଇଁ। 'କର' ଦେଲେ ରହିବ କେତେ ? ପୁଣି ବିଦେଶୀ ସରକାରଙ୍କ ଅପେକ୍ଷା ତାଙ୍କ ଦାୟୀତ୍ୱ ତୁଲାଉଥିବା ଦେଶୀ ଜମିଦାର, ସାମନ୍ତ ଓ ତାଙ୍କ ପାଖଲୋକମାନେ ଅଧିକ ମାରାତ୍ମକ ଥିଲେ। ସେମାନେ ଜାଣ ମହାଦେବଙ୍କ ଷଣ୍ଢ।

- '୧୭୫୫' ମସିହା। ଝାଡ଼ଖଣ୍ଡ 'ସୁଲତାନଗଞ୍ଜ' ଅଞ୍ଚଳର 'ତିଳକପୁର'ରେ ଏକ ଆଦିବାସୀ ପରିବାର ଥାଏ। ସେହି ଘରେ ସୁନ୍ଦରା ମୁର୍ମୁ ଓ ସୋମୀଙ୍କର ଏକ ପୁତ୍ର ଓ କନ୍ୟା ଜନ୍ମ ହୋଇଥିଲେ। ପୁତ୍ର ବଡ଼, ତାର ନାମ ଜବରା ମୁର୍ମୁ ଆଉ ଝିଅ ସାନ, ତାର ନାମ ପିୟରୋ ମୁର୍ମୁ ଦିଆଯାଇଥିଲା। ଇଂରେଜ ସରକାରଙ୍କର ଶୋଷଣ ଓ ଜମିଦାର ଇତ୍ୟାଦିଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ, ଏହି ଭାଇ-ଭଉଣୀ ଦୁଇଜଣ ବଡ଼ ହୋଇ ଇଂରେଜ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ। ଆଦିବାସୀ ସଂଗଠନ କରି - ୧୭୭୦ ରୁ ୧୭୮୪ ମସିହା ପର୍ଯ୍ୟନ୍ତ ଇଂରେଜଙ୍କୁ କିଲ୍‌ବିଲ୍ କରି ପକାଇଥିଲେ। ଏହି ବିଦ୍ରୋହକୁ 'ପାହାଡ଼ିଆ ବିଦ୍ରୋହ' କୁହାଯାଏ। ଆଉ ସେହି ବିଦ୍ରୋହ ମଧ୍ୟରେ ଜବରା ମୁର୍ମୁର ନାମ ବଦଳିଯାଇ ଜବରା ପାହାଡିଆ ବା 'ଜବରା ମାଝି' (ମୁଖିଆ) ଓ ପିୟରୋ ମୁର୍ମୁର ନାମ 'ପାରୋ ମାଝି' ହୋଇଗଲା। 'ପାହାଡିଆ ବିଦ୍ରୋହ' ପରେ ଇଂରେଜ ସରକାର ପୁଣି ସେହି ଝାଡଖଣ୍ଡର ଆଦିବାସୀଙ୍କ ଉପରେ ଶୋଷଣ ଓ ଅତ୍ୟାଚାର ବଢ଼ାଇ ଦେଲେ। ସେତେବେଳେ ପୁଣି ବିଦ୍ରୋହ ମୁଣ୍ଡ ଟେକିଲା। ସେତେବେଳକୁ ଯେଉଁଠାରେ 'ସାନ୍ତାଳ'ମାନଙ୍କ ସଂଖ୍ୟା ଅଧିକା ଥିଲା, ସେହି ସ୍ଥାନର ନାମ 'ସାନ୍ତାଳ ପ୍ରଗଣା' ହୋଇସାରିଥିଲା।

ଏହି ବିଦ୍ରୋହର ମୁଖ୍ୟ ଥିଲେ 'ସାନ୍ତାଳ ପ୍ରଗଣା'ର ମୁଖିଆ ଚୁନ୍ନୀ ମୁର୍ମୁଙ୍କର ଛଅ ସନ୍ତାନ। ଯଥା - ପୁତ୍ର ସିଦ୍ଧୁ, କାହ୍ନୁ, ଚାନ୍ଦ ଓ ଭୈରବ। ଆଉ ଦୁଇଟି କନ୍ୟା ଫୁଲୋ ଓ ଝାନୋ। ଏହି ଛଅଜଣ ମୁଖ୍ୟତଃ ସାନ୍ତାଳଲୋକ ବାକି ସାଥିରେ ଅନ୍ୟାନ୍ୟ ଆଦିବାସୀମାନଙ୍କୁ ଏକତ୍ର କରି ବଡ଼ ଆକାରରେ ବିଦ୍ରୋହ ଆରମ୍ଭ କଲେ। ୧୮୫୫ ମସିହା ବେଳକୁ ଯୁଦ୍ଧ ଲାଗିଗଲା। ଏହି ବିଦ୍ରୋହର ନାମ 'ସାନ୍ତାଳ ହୁଲୋ' କୁହାଗଲା। କିନ୍ତୁ ଏହି ବିଦ୍ରୋହକୁ ଇଂରେଜମାନେ ୧୮୫୬ ମସିହାରେ ଦମନ କରିଦେଲେ। କାରଣ ବିଦ୍ରୋହୀମାନେ ନିଜର ପାରମ୍ପରିକ ଅସ୍ତ୍ର କଟୁରୀ, କୁରାଢ଼ୀ ଓ ଧନୁଶର ଦ୍ୱାରା ଯୁଦ୍ଧ ଲଢୁଥାନ୍ତି ଆଉ ଇଂରେଜମାନେ ବନ୍ଧୁକ, ତୋପ ଦ୍ୱାରା। ସେତେବେଳେ ସେହି ବନ୍ଧୁକ ଗୁଳି ଓ ତୋପ ଯୋଗୁ, ଆଧୁନିକ ଅସ୍ତ୍ର ଦ୍ୱାରା ଇଂରେଜ ସବୁଠାରେ ଜିତି ଯାଉଥିଲେ।

ଆଦିବାସୀ 'ବିରସା ମୁଣ୍ଡା' ନାମ ସମସ୍ତେ ଜାଣନ୍ତି। ବର୍ତ୍ତମାନର ଝାଡ଼ଖଣ୍ଡ ରାଜ୍ୟର 'ନାଗପୁର' ଅଞ୍ଚଳରେ 'ଉଲୀହାତୁ' ଗ୍ରାମରେ ସେ ଜନ୍ମ ହୋଇଥିଲେ। ପିଲାବେଳେ ତାଙ୍କର ପାଠ ପଢ଼ିବାରେ ବହୁତ ଆଗ୍ରହ ଥିଲା। କିନ୍ତୁ ଯିଏ ଇଂରେଜ ସରକାରଙ୍କ ସ୍କୁଲରେ ପଢ଼ନ୍ତି, ତାଙ୍କର ଧର୍ମ ବଦଳାଇ ଦିଆଯାଏ। ବିରସାଙ୍କର ମଧ୍ୟ ବଦଳାଗଲା। ପିଲାଲୋକ। ସେ କିଛି ବୁଝି ନଥିଲେ। ଯେତେବେଳେ ବୁଝିଲେ, ତାପରେ ସେ ନିଜ ଧର୍ମକୁ ପୁଣି ଫେରି ଆସିଲେ। ପୁରୀ ଜଗନ୍ନାଥଙ୍କ ପାଖକୁ ଆସି ଭକ୍ତି ସହକାରେ ଧ୍ୟାନ କରିଥିଲେ। ତାପରେ ଯାଇ ଆଦିବାସୀ ଲୋକଙ୍କ ମନରେ ଇଂରେଜ ସରକାର ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିଥିଲେ। ଆଦିବାସୀମାନେ ବିରସା ମୁଣ୍ଡାଙ୍କୁ ଭଗବାନ ବୋଲି କହୁଥିଲେ। ସରକାର ଗୁଜୁରାଟ ରାଜ୍ୟର ରାଜ୍ୟପୀପଳାଠାରେ ବିରସାମୁଣ୍ଡା ନାମରେ ଏକ 'ବିରସାମୁଣ୍ଡା ଟ୍ରାଇବାଲ ୟୁନିଭର୍ସିଟି' ପ୍ରଦାନ କରିଛନ୍ତି।

ଜାତିର ପିତା ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ନିଆଁରା ଥିଲା ନିଶ୍ଚୟ। ହେଲେ ସେତେବେଳେ ଭାରତର ପ୍ରତି କୋଣ ଅନୁକୋଣ, ଜଙ୍ଗଲ-ପାହାଡ଼ ସବୁ ଜାଗି ଉଠିଥିଲା। ସେଥିପାଇଁ ନିରୁପାୟ ହୋଇ ଇଂରେଜ ସରକାର (ଇଷ୍ଟଇଣ୍ଡିଆ କମ୍ପାନୀ) ଭାରତ ଛାଡ଼ି ଚାଲିଗଲେ।

ଆଦିବାସୀ ଶବର ବିଶ୍ୱାବସୁ। ସେ ଘୋର ଜଙ୍ଗଲର ଏକ ପାହାଡ଼ ଖୋଲ ଭିତରେ 'ନୀଳମାଧବ' ମୂର୍ତ୍ତି ପୂଜା କରୁଥିଲେ। ତାହା ବିଷୟରେ ବଡ଼ କାହାଣୀ ଅଛି। ଯାହା ଏହି ସୀମିତି ଲେଖାରେ ଲେଖିବା ସମ୍ଭବ ନୁହେଁ। ତେବେ ସେହି ଶବର ରାଜା ବିଶ୍ୱାବସୁଙ୍କ ଯୋଗୁ ଆମ ଓଡ଼ିଶାରେ ଆଜି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପ୍ରତିଷ୍ଠିତ। ପ୍ରଭୁ ଜଗନ୍ନାଥ ସ୍ୱତନ୍ତ୍ର ଠାକୁର। ବ୍ରହ୍ମ ସ୍ୱରୂପ। ଯେଉଁ ବ୍ରହ୍ମ ପଞ୍ଚମହାଭୂତରୁ ଊର୍ଦ୍ଧ୍ୱରେ। ଅଯୋନି ସମ୍ଭୂତ। ଯାହାର ପ୍ରଥମ ସେବକ ସ୍ୱୟଂ ଗଜପତି ରାଜା। ସେହି ମହିମାବନ୍ତ ମହାପ୍ରଭୁ ଜଗନ୍ନାଥ ବର୍ତ୍ତମାନ ଆଉ ଓଡ଼ିଶାରେ ସୀମିତ ହୋଇ ରହିନାହାନ୍ତି। ଜଗନ୍ନାଥ ବିଶ୍ୱପ୍ରସିଦ୍ଧ ବିଶ୍ୱନାଥ ହୋଇଗଲେଣି। ମହାପ୍ରଭୁଙ୍କ ମହିମା ସୂର୍ଯ୍ୟକିରଣ ପରି ଚତୁର୍ଦ୍ଦିଗ ବ୍ୟାପୀ ଚାଲିଛି। ତାଙ୍କର ରଥଯାତ୍ରା - ଗୁଜୁରାଟର ଅହମଦାବାଦରେ ବହୁ ପୂର୍ବରୁ ଅନୁଷ୍ଠିତ ହୁଏ। ବର୍ତ୍ତମାନ ଦିଲ୍ଲୀ, ପଶ୍ଚିମବଙ୍ଗ, ଆଉ ଭାରତ ବାହାରେ ବର୍ଲିନ, ଡାଲାସ୍, ପ୍ୟାରିସ, ଲଣ୍ଡନ, ଉଇମ୍ବେଲିଡନ, ସାଓପାଉଲୋ, ଭେନିସ୍, ଆମସ୍ଟେରଡାମ, ଓଟାଓ୍ୱା, ଅସ୍କଲ୍ୟାଣ୍ଡ, ରୋମ, ଭର୍ଜିନିୟା, ମାଣ୍ଡ୍ରିଡ, ପେରିଥ, ମିଲାନ, ନ୍ୟୁୟର୍କ, ଟୋରୋଣ୍ଟୋ, ଦୁବାଇ, ପ୍ରାଗୁଇ, ପେରୁ, ନିଝନି, କାରଡିଫ୍, ମାଞ୍ଚେଷ୍ଟର ଓ ଲସ୍ଏଞ୍ଜୋଲସ ଇତ୍ୟାଦି ସ୍ଥାନରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଚାଲୁଛି। ତେଣୁ ପ୍ରଭୁଙ୍କର ମହାଭକ୍ତ ସେହି ଆଦିବାସୀ ଶବରରାଜ ବିଶ୍ୱାବସୁ ଆମର ବନ୍ଦନୀୟ।

ଆଦିବାସୀ ସମ୍ମାନର ପାତ୍ର। ସେମାନେ ଦେଶରେ ଆଗରୁ ଥିଲେ। ପରେ ପରେ ଭିନ୍ନ ଭିନ୍ନ ଲୋକ ଆସି ଦେଶରେ ବସବାସ କରି ରହିଗଲେ। (ପ୍ରାୟ ପ୍ରତ୍ୟେକ ଦେଶରେ ଏପରି ହୋଇଥାଏ) ଆଦିବାସୀଙ୍କୁ ଆଉ ଏକ ନାମ ଦିଆଯାଇଛି 'ଜନଜାତି'। ଏବେ କେତେ ନଦୀରେ ବନ୍ଧ (ଡ୍ୟାମ) ବନ୍ଧା ହେଲାଣି। ଜଙ୍ଗଲ ଭିତରେ ଓ ପାହାଡ଼ ଉପରେ ପକ୍କା ରାସ୍ତା ହୋଇଗଲାଣି। ସହରକୁ ସହର ରାସ୍ତାଯୋଡ଼ା ଚାଲିଛି। ତେଣୁ ଜଙ୍ଗଲ କୋଳର ଆଦିବାସୀ ଧୀରେ ଧୀରେ ସଭ୍ୟ ଜଗତର ସ୍ରୋତରେ ମିଶିଲେଣି।

ଆମ ଓଡିଶାର ଦ୍ରୌପଦୀ ମୁର୍ମୁ ବର୍ତ୍ତମାନ ଭାରତର ସର୍ବୋଚ୍ଚପଦବୀରେ 'ରାଷ୍ଟ୍ରପତି' ଅଛନ୍ତି। ଏହା ଓଡିଶା ପାଇଁ ଗର୍ବର କଥା।

ପ୍ଲ.ନ.-୧୦୩୪
ମହାନଦୀ ବିହାର, ନୂଆବଜାର
କଟକ-୪






ବାଗ୍ମୀର ଯଦି ବିଚାର ବୁଦ୍ଧି ନାହିଁ, ତାକୁ ଲଗାମ୍ ନ ଥିବା ଘୋଡ଼ା ସହିତ ତୁଳନା କରାଯାଇପାରେ।

# ବରିଷ୍ଠ ଜୀବନରେ ହସର ଭୂମିକା



ବିଭୂତିଭୂଷଣ ସେନାପତି

ସାଧାରଣତଃ ଷାଠିଏ ବର୍ଷ ବା ତହିଁରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ବରିଷ୍ଠ କୁହାଯାଏ। ସେମାନେ ସମାଜରେ ଗୁରୁଜନ । ସେମାନେ ସୁସ୍ଥ ଓ ନୀରୋଗ ରହିଲେ ସମାଜ ସୁସ୍ଥ ରହିବ। ଏଥିପାଇଁ ସରକାର ବିଭିନ୍ନ ଆଇନ କାନୁନ ପ୍ରଣୟନ କରିଛନ୍ତି । ଆଇନ ଆଖିରେ ସେ ଶ୍ରେଷ୍ଠ ଓ ଜ୍ୟେଷ୍ଠ। ବୈଜ୍ଞାନିକ ମାନେ କହନ୍ତି ୬୦ବର୍ଷରୁ ଅଧିକ ହେଲେ ମସ୍ତିଷ୍କ ଆକୃତି ସଂକୁଚିତ ହୁଏ। ସ୍ମୃତି ଭଣ୍ଡାର ସଂକୁଚିତ ହେବାରୁ ସ୍ମୃତି କ୍ଷୟ ଘଟେ। କେରଳ ବୟସ୍କ ଜନ ସଂଖ୍ୟାର ୧୬.୫ ପ୍ରତିଶତ, ତାମିଲନାଡୁ ୧୩.୬ ପ୍ରତିଶତ, ପଶ୍ଚିମ ବଙ୍ଗ ୧୨.୪ ପ୍ରତିଶତ, ମାତ୍ର ଓଡିଶାରେ ଏହା ୨୦୨୧ ସୁଦ୍ଧା ୮୦ଲକ୍ଷ ଟପି ଯାଇପାରେ। ସିଗମଣ୍ଡ ଫ୍ରଏଡ୍ କହନ୍ତି, ମଣିଷର ମନ ଓ ଅତୀତ ସ୍ମୃତି ମଣିଷର ସ୍ୱଭାବ ଓ ବ୍ୟକ୍ତିକୁ ବହୁଳ ଭାବରେ ପ୍ରଭାବିତ କରିପାରେ । ମନର ଶରୀର ଅତଳରେ କାମନାର ସ୍ରୋତ ଓ ନୀତିର ପ୍ରତିସ୍ରୋତ ମଣିଷ ମନ ଓ ସ୍ୱଭାବକୁ ପରିବର୍ତ୍ତନ କରିଥାଏ ।

ଏହି ପରିପ୍ରେକ୍ଷୀରେ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍ ବରିଷ୍ଠ ଜୀବନର ପରିଣତି ଶ୍ମଶାନ ଭସ୍ମନୁହେ, ତାହାର ଆଶା ଅନନ୍ତ ଓ ଉନ୍ନତି ଅନନ୍ତ । ସୁସ୍ଥ ରହିବାର ମାଧ୍ୟମ କେବଳ ଔଷଧ ସେବନ ନୁହେଁ ମନ ଖୋଲା ହସ ବହୁ ଜଟିଳ ରୋଗକୁ ଅଚିରେ ଭଲ କରିଥାଏ। ସାଧାରଣତଃ ବୟସ ବଢିଲେ ବ୍ଲଡପ୍ରେସର, ଡାଇବେଟିସ୍, ହୃଦରୋଗ ଓ ପାନକ୍ରିୟା ସଂପର୍କୀୟ ରୋଗ ବୟସ୍କଙ୍କୁ ମୃତ୍ୟୁମୁଖକୁ ଟାଣି ଆଣେ।

ହୃଦରୋଗ ବିଶେଷଜ୍ଞ ଡଃ ଏଚ୍.କେ.ଚୋପ୍ରା କହନ୍ତି ଯେଉଁ ବରିଷ୍ଠ ମନ ଖୋଲା ହସର ଜୁଆରରେ ନିଜର ଜୀବନକୁ କଟାଇ ଦିଏ ଅଥବା କୌଣସି ଦିନରେ ୧୫ମିନିଟ ହସରେ ମଜି ଯାଏ ସେହି ବ୍ୟକ୍ତିଙ୍କର ଔଷଧ ଖର୍ଚ୍ଚ ଯଥେଷ୍ଟ କମିଯାଏ । ସେଥିପାଇଁ ନ୍ୟୁୟର୍କ ସ୍ଥିତ ସାରାଟୋଗା ସ୍ପ୍ରିଙ୍ଗିସ୍ ଠାରେ କାର୍ଯ୍ୟ କାରୀ ହେଉଥିବା ହସ ଯୋଜନାରେ ଚଳଚିତ୍ର ଦର୍ଶନ ଅଥବା ହାସ୍ୟ ରସାତ୍ମକ ସାହିତ୍ୟକୃତି ଅଧ୍ୟୟନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଷ୍ଟାନଫୋର୍ଡ ବିଶ୍ୱ ବିଦ୍ୟାଳୟର ହାସ୍ୟ ରସ ଗବେଷକ ଡଃ ଉଇଲିୟମ ଫ୍ରାଇ କହନ୍ତି ଯେଉଁଠାରେ ବରିଷ୍ଠ ରୋଗୀମାନେ ଥଟ୍ଟା ପରିହାସରେ କିଛି ସମୟ ବିତାଇବେ ତାଙ୍କର ହୃତପିଣ୍ଡର ମାଂସ ପେଶୀ ସକ୍ରିୟ ହେବ । ହୃତକମ୍ପ ଓ ଶ୍ୱାସ କ୍ରିୟାର ହାର ବୃଦ୍ଧି ପାଇବ । ଶରୀରର ଅମ୍ଳଜାନର ବ୍ୟବହାର ଆଶା ଜନକ ହେବ । କରୋନାରୀ ଧମନୀରେ ଅବରୋଧ ହେଲେ ହୃଦ୍ ଘାତ ହୁଏ । ଅବରୋଧ ଯୋଗୁ ହୃତ୍ ପିଣ୍ଡ ଟିସୁରେ ରକ୍ତ ପହଁଚି ପାରି ନ ଥାଏ । ସେଥିରୁ ମୁକ୍ତି ପାଇବା ପାଇଁ ହସର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାର୍ଡିଆକ ଆରେଷ୍ଟରେ ହୃତ୍ ସ୍ପନ୍ଦନର ଅନୀୟମିତତା ବ୍ୟକ୍ତକୁ ଚେତା ଶୂନ୍ୟ କରାଇଦିଏ । ସେଗୁଡିକ ଆକ୍ରମଣ କରିବା ପୂର୍ବରୁ ସୁଷମ ଖାଦ୍ୟ ସହିତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅନ୍ତତ ପକ୍ଷେ ମନ ଖୋଲା ହସରେ ମନ ମଜାଇବା ଉଚିତ୍ ।

ସ୍ୱାଧୀନତା ସଂଗ୍ରାମୀ ଖୁଦୀରାମ ମୁଜାଫର ଜେଲରେ ଫାଶୀ ଖୁଣ୍ଟରେ ଚଢିବା ପୂର୍ବରୁ ବୟସ୍କ ଜେଲରଙ୍କୁ ନିଜେ ଖାଇଥିବା ଆମ୍ବକୁ କାରାଗାରର ଗୋଟିଏ କୋଣରେ ରଖିଦେଇ ଖାଇବା ପାଇଁ କହିଥିଲେ । ତାହାକୁ ଜେଲର ଉଠାଇବା ବେଳେ ପିଚ୍ ପିଚ୍ ହୋଇ ପାଣି ବାହାରି ତାଙ୍କ ପୋଷାକକୁ ଭିଜାଇ ଦେଲା । ଏହାର କାରଣ ପଚାରିବାରୁ ଖୁଦୀ କହିଲେ ମରିବା ପୂର୍ବରୁ ଅନ୍ତତଃ ପକ୍ଷେ ହାସ୍ୟରୋଳ ସୃଷ୍ଟିହେବା ଆବଶ୍ୟକ । ଜୀବନର ଉତ୍ତରାହ୍ନରେ ମନଖୋଲା ହସ ବୟସ୍କଙ୍କ ପାଇଁ ସୋମ ରସ ତୁଲ୍ୟ । ବୟସ୍କ ଜେଲର ଏ କଥା ଶୁଣି ଅବାକ୍ ହୋଇଗଲେ ।

ସେହିପରି ପାରକିନସନ୍ସ ଏକ ଅସାଧ୍ୟ ରୋଗ ।ଏହା ସାଧାରଣତଃ ବୟସ ବଢିଲେ ଆକ୍ରମଣ କରିଥାଏ । ବୟସ ବୃଦ୍ଧି ସହିତ ମସ୍ତିଷ୍କର ସ୍ନାୟୁ କୋଷ ଗୁଡିକ ହ୍ରାସ ପାଇ ଯାଆନ୍ତି । ଯାହା ଫଳରେ ସ୍ନାୟୁ କୋଷରୁ ନିର୍ଗତ ରାସାୟନିକ ପଦାର୍ଥ ବରିଷ୍ଠଙ୍କ ସ୍ମରଣ ସହିତ ବୁଦ୍ଧିକୁ ନିୟନ୍ତ୍ରଣ କରିଥାଏ । ଏହି ରୋଗରେ ସମ୍ମୁଖୀନ ହେଲେ ନିୟମିତ ହାସ୍ୟରସରେ ମଜ୍ଜି ଯିବା ଉଚିତ୍ ଯାହା ଫଳରେ କ୍ଷରିତ ହରମୋନ ରୋଗ ପ୍ରତିରୋଧକ ଶକ୍ତି ରୂପେ କାର୍ଯ୍ୟ କରେ । ୟୁ.ଏସ୍.ରେ ପାର୍କିନସନ୍ସ ରୋଗୀ ସଂଖ୍ୟା ପ୍ରାୟ ଏକ ମିଲିୟନ୍ । ପୃଥିବୀରେ ଏମାନଙ୍କ ସଂଖ୍ୟା ପ୍ରାୟ ଛଅ ମିଲିୟନ । ୬୦ବର୍ଷ ବା ତଦୁର୍ଦ୍ଧ ବୟସ୍କ ବ୍ୟକ୍ତି ଏହି ରୋଗରେ ପୀଡିତ ହୋଇଥା'ନ୍ତି । ୨୦ଭାଗ ବା ତହିଁରୁ କମ୍ ବ୍ୟକ୍ତିଙ୍କଠାରେ ଏହି ରୋଗ ଆକ୍ରମଣ କରିଥାଏ । ମସ୍ତିଷ୍କର ଆଘାତ ଏହାର ଅନ୍ୟତମ କାରଣ ହୋଇଥାଏ ।

ସୁସ୍ଥ ଜୀବନ କଟାଇବା ପାଇଁ ପ୍ରତିଦିନ ମନଯୋଗ ସହିତ କିଛି ହସ ଆଉକିଛି ଅଧ୍ୟୟନ ଏହାନ୍ତ ଆବଶ୍ୟକ । କିନ୍ତୁ ସେହି ବହି କମ୍ପ୍ୟୁଟର ସ୍କ୍ରିନ ନ ହେବା ଆବଶ୍ୟକ । ନିୟମିତ ଅଧ୍ୟୟନ ତଥା ହାସ୍ୟରୋଳ ମସ୍ତିଷ୍କର କୋଷ ଗୁଡିକୁ ନିୟନ୍ତ୍ରଣ କରିଥାଏ । ସୃଷ୍ଟିରେ ମଣିଷ କେବଳ ହସିବାର ଅଧିକାରୀ । ମାର୍କ ଇଷ୍ଟମାଲଙ୍କ ମତରେ ସ୍ୱାଗତ କରିବାର ସାର୍ବଜନୀନ ମାଧ୍ୟମ ହସ । ହଜାରେ ଉପଦେଶରେ ଜନ ବିରୋଧୀ କାର୍ଯ୍ୟର ନିରାକରଣ ହୋଇ ନ ପାରେ ମାତ୍ର ଚେନାଏ ହସ ନିମିଷକେ ପରକୁ ଆପଣାର କରେ । ବରିଷ୍ଠ ଜୀବନରେ ସୁଖରେ କାଳାତିପାତ କରିବାକୁ ହେଲେ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଅ ।

ଜୀବନ ଏକ ଲମ୍ବା ରାସ୍ତା । ଦୁଃଖରେ ଚାଲିଲେ ତାହା ବହୁତ ଲମ୍ବା ଲାଗିବ । ଆଉ ହସି ହସି ଚାଲିଲେ ତାହା କେତେବେଳେ ସରିଯିବ ଜଣା



ଦୁଃଖ ଓ କଷ୍ଟର ପଥରେ ଚାଲି ଚାଲି ଯେତେ ସଫଳତା ମିଳେ, ତାହା ଅଧିକ କାଳ ସ୍ଥାୟୀ ହୁଏ।

ପଡିବ ନାହିଁ । ଜୀବନରେ କୁହୁଡି ଦେଖି ଭୟଭୀତ ନ ହୋଇ ଆଗକୁ ଚାଲିବା ବରିଷ୍ଠଙ୍କ ପାଇଁ ଧ୍ୟେୟ ହେଉ । କାରଣ ପରିକଳ୍ପନାର ନିୟୋଜନ ପଛରେ ବରିଷ୍ଠ ଜୀବନର ସୁଖ ଶାନ୍ତି ନିର୍ଭର କରେ । ସାଧାରଣ ମଣିଷର ମସ୍ତିଷ୍କ ମାତ୍ର ସାତ ଭାଗ କାର୍ଯ୍ୟ କ୍ଷମ ହେଲା ବେଳେ ନିଉଟନଙ୍କ ଯେତ୍ରରେ ଆଠରୁ ନଅ ଭାଗ, ଆଇନଷ୍ଟାଇନଙ୍କର ଏଗାର ଭାଗ, ଶକୁନ୍ତଳା ଦେବୀଙ୍କ ପାଇଁ କୋଡିଏ ଭାଗ, ବିବେକାନଂଦଙ୍କ ପାଇଁ ୪୦ପ୍ରତିଶତ କାର୍ଯ୍ୟକ୍ଷେମ ଥିଲା ତାହା ପୁଣି କିଛି ହସ ଆଉ କିଛି ସୁଖର ମାନସିକ କ୍ରିୟା ।

ଭୋଗ, ରାଗ ଓ ଗର୍ବ ତ୍ୟାଗ କରି ଆନନ୍ଦରେ କାଳାତିପାତ କରନ୍ତୁ ନିଜେ ହସି ଅନ୍ୟକୁ ହସାଇବାକୁ ଚେଷ୍ଟା କରନ୍ତୁ । ମନ ଭିତରେ ଓ ବାହାରର ନିଆଁଠାରୁ ଦୂରେଇ ଯାଆନ୍ତୁ । ଦେହ ଓ ମନର ରୋଗ ଦୂର କରିବାର ଉପାୟ ଖୋଜି ବସନ୍ତୁ । ପ୍ରେମ ଓ ସ୍ନେହର ବନ୍ଧନରେ ଅନ୍ୟକୁ ବାନ୍ଧି ଦିଅନ୍ତୁ । ଦୁଃଖରୁ ଆନନ୍ଦ ପାଇଁ, ବନ୍ଧନରୁ ମୁକ୍ତି ପାଇଁ, ନିଷ୍ଠୁରତାରୁ କରୁଣା ପାଇଁ ଏବଂ ତିକ୍ତତାରୁ ପ୍ରେମ ପାଇଁ ସର୍ବଦା ଚେଷ୍ଟା କରିବା ଆବଶ୍ୟକ । ସମଗ୍ର ବିଶ୍ୱକୁ ରଙ୍ଗମଂଚ, ପରମାତ୍ମାଙ୍କୁ ନିର୍ଦ୍ଦେଶକ ଏବଂ ପ୍ରତିଟି ପ୍ରାଣୀକୁ ଅଭିନେତା ବୋଲି କହି ସୁଖରେ କାଳାତିପାତ କରନ୍ତୁ । ହସହିଁ ବରିଷ୍ଠ ଜୀବନର ରତ୍ନ ମୁଣି । ବାର୍ଦ୍ଧକ୍ୟ ଏକ ବରଦାନ । ଉଲ୍ଲାସ, ଉତ୍ସାହ ଓ ହସ ବରିଷ୍ଠ ଜୀବନର ପ୍ରାଣ କେନ୍ଦ୍ର ।

**ସଂପାଦକ,**
**ଡିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘ, ଡିହିଡ଼ି**
**ମୋ - ୯୪୩୭୫୬୭୪୪୬୨**

# ପ୍ରଥମ ଆମେରିକୀୟ ମହିଳା ଜ୍ୟୋତିର୍ବିଜ୍ଞାନୀ ମ୍ୟାରିଆ ମିଚେଲ



**ବିଜୟ ଚନ୍ଦ୍ର ମହାପାତ୍ର**

ସାଧାରଣ ଅର୍ଥରେ ମେଘମୁକ୍ତ ରାତ୍ରି ଆକାଶର ଚନ୍ଦ୍ର,ତାରା, ଗ୍ରହ ନକ୍ଷତ୍ରମାନଙ୍କୁ ଅନୁଧ୍ୟାନ କରି ପରୀକ୍ଷା ନିରୀକ୍ଷା କରିବା ହେଉଛି ଜ୍ୟୋତିର୍ବିଜ୍ଞାନ। ଆକାଶରେ ଦେଖାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର,ତାରା, ଗ୍ରହ,ନକ୍ଷତ୍ର, ଉଲ୍‌କା, ଧୂମକେତୁ ଇତ୍ୟାଦି ପ୍ରାକୃତିକ ବସ୍ତୁ ସବୁକୁ ଜ୍ୟୋତିଷ୍କ କୁହାଯାଏ। ଯେଉଁମାନେ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧରେ ବା ଏସବୁ ଜ୍ୟୋତିଷ୍କମାନଙ୍କର ଗତିବିଧି ଅନୁଧ୍ୟାନ କରନ୍ତି, ସେମାନଙ୍କୁ କୁହାଯାଏ ଜ୍ୟୋତିର୍ବିଜ୍ଞାନୀ। ଆମ ଓଡ଼ିଶାର ସାମନ୍ତ ଚନ୍ଦ୍ରଶେଖର (ଅନ୍ୟନାମ ପଠାଣି ସାମନ୍ତ) ଥିଲେ ଜଣେ ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ। ବହୁ ପ୍ରାଚୀନ କାଳରୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ଜ୍ୟୋତିର୍ବିଜ୍ଞାନର ପର୍ଯ୍ୟବେକ୍ଷଣ ଓ ଗବେଷଣା ଚାଲୁ ରହିଛି। ରାତିରାତି ଉଜାଗର ରହି ଏଭଳି ପର୍ଯ୍ୟବେକ୍ଷଣ କରି ବିବରଣୀ ଟିପି ରଖିବା ଖୁବ୍ କଷ୍ଟକର କାର୍ଯ୍ୟ। ଯବକାଚ ଓ ଦୂରବୀକ୍ଷଣଯନ୍ତ୍ର ବା ଟେଲିସ୍କୋପ ଉଦ୍ଭାବନ ପରେ ଜ୍ୟୋତିର୍ବିଜ୍ଞାନର ପରିସର ଅଧିକ ବ୍ୟାପକ ହେଲା। ପ୍ରଥମେ ପୁରୁଷମାନେ ଏଭଳି କାର୍ଯ୍ୟ ସାଧନାରେ ଲିପ୍ତ ରହିଥିଲେ। କାଳକ୍ରମେ ମହିଳାମାନେ ମଧ୍ୟ ଏ ପରିସରକୁ ଆସିଲେ। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ମହିଳା ଜ୍ୟୋତିର୍ବିଜ୍ଞାନୀ ହେଲେ ମ୍ୟାରିଆ ମିଚେଲ।

୧୮୧୮ ମସିହା ଅଗଷ୍ଟ ୧ ତାରିଖଦିନ ମ୍ୟାରିଆ ମିଚେଲ ମାସାଚ୍ୟୁସେଟ୍ ରାଜ୍ୟର ନାନଟ୍ୟୁକେଟ୍ ଦ୍ୱୀପରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ୱିଲିୟମ୍ ମିଚେଲ୍ ଥିଲେ ଜଣେ ଗଣିତ ଶିକ୍ଷକ ଓ ଜ୍ୟୋତିର୍ବିଜ୍ଞାନୀ। ତାଙ୍କର ପ୍ରୋତ୍ସାହନରେ ମ୍ୟାରିଆଙ୍କର ଗଣିତ, ପ୍ରାକୃତିକ ଓ ଜ୍ୟୋତିର୍ବିଜ୍ଞାନ ଶିକ୍ଷାପ୍ରତି ଆଗ୍ରହ ବଢ଼ିଲା। ରାତ୍ରି ଆକାଶର ଜ୍ୟୋତିଷ୍କମାନଙ୍କର ଗତିବିଧି ସମ୍ବନ୍ଧରେ ସେ ଅନୁଧ୍ୟାନ କରିବାକୁ ଲାଗିଲେ। ୧୮୪୭ ମସିହା ଅକ୍ଟୋବର ୧ ତାରିଖ ରାତିରେ ଦୁଇ ଇଞ୍ଚ ଯବକାଚ ବିଶିଷ୍ଟ ଟେଲିସ୍କୋପ୍‌ରେ ଆକାଶ ପର୍ଯ୍ୟବେକ୍ଷଣ କରୁଥିବା ବେଳେ ଏକ ଧୂମକେତୁକୁ ଆବିଷ୍କାର କଲେ। ସେ ତାହାର ନାମ ଦେଲେ 1847-VI। ପରବର୍ତ୍ତୀ ସମୟରେ ତାହାଙ୍କ ସମ୍ମାନାର୍ଥେ ଏହାର ନାମ 'ମିସ୍ ମିଚେଲସ୍ କମେଟ୍' ରଖାଗଲା। ତାଙ୍କର ଏହି ମହାନ୍ ଆବିଷ୍କାର ପାଇଁ ଡେନ୍‌ମାର୍କର ରାଜା ଷଷ୍ଠ ଫ୍ରେଡ଼ରକ୍ ତାଙ୍କୁ ଏକ ସ୍ୱର୍ଣ୍ଣପଦକ ଦେଇ ସମ୍ମାନିତ କଲେ। ବାଳିକାମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ସେ ବହୁକିଛି କାର୍ଯ୍ୟ କରିଥିଲେ। ୧୮୬୫ ମସିହାରୁ ୧୮୮୮ ମସିହା ପର୍ଯ୍ୟନ୍ତ ସେ 'ଭଷାର କଲେଜ'ରେ ଜ୍ୟୋତିର୍ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ୧୯୭୫ ମସିହାରେ 'ଆମାରିକୀୟ ମହିଳା ବିକାଶ ପରିଷଦ'ର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ୧୮୮୯ ମସିହା ଜୁନ ୨୮ରେ ମାସାଚ୍ୟୁସେଟ୍‌ର ଲିନଠାରେ ତାଙ୍କର ଦେହାନ୍ତ ହୋଇଥିଲା। ଅଗଷ୍ଟ ମାସ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି।

**ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**



ସଂଗ୍ରାମ ଭିତରେ ବୀରତ୍ୱ ରହିଛି, ବିଜୟ ଭିତରେ ନୁହେଁ।

# ରାମଭକ୍ତ ଶରଭଙ୍ଗ



ପଦ୍ମନାଭ ପାଣିଗ୍ରାହୀ

ତପୋଭୂମି ଦଣ୍ଡକାରଣ୍ୟରେ ଅନେକ ଅନେକ ଉର୍ଦ୍ଧ୍ୱରେତା ବ୍ରହ୍ମବାଦୀ ଋଷିମାନେ କଠୋର ତପସ୍ୟା କରୁଥିଲେ। କଠିନ ଯୋଗାଭ୍ୟାସ ପ୍ରାଣାୟମା ଆଦିଦ୍ୱାରା ସଂସାରର ସମସ୍ତ ପଦାର୍ଥ ପ୍ରତି ଆସକ୍ତି ଶୂନ୍ୟ ହୋଇଥିଲେ। କଠୋର ତପସ୍ୟା ଦ୍ୱାରା ଇନ୍ଦ୍ରିୟମାନଙ୍କୁ ସମ୍ପୂର୍ଣ୍ଣ ଜୟ କରିଥିଲେ। ସେମାନଙ୍କ ମଧ୍ୟରେ ଶରଭଙ୍ଗ ଥିଲେ ଅନ୍ୟତମ। ନିଜର ଉତ୍କଟ ତପଦ୍ୱାରା ବ୍ରହ୍ମଲୋକ ପର୍ଯ୍ୟନ୍ତ ବିଜୟ ପ୍ରାପ୍ତ ହୋଇଥିଲେ। ସତ୍କାର ପୂର୍ବକ ବ୍ରହ୍ମଲୋକ ପର୍ଯ୍ୟନ୍ତ ପହଞ୍ଚାଇବା ନିମିତ୍ତ ତାଙ୍କ ନିକଟରେ ପ୍ରବେଶକଲେ ଦେବରାଜ ଇନ୍ଦ୍ର। ଋଷି ଶରଭଙ୍ଗ ଦେଖିବାକୁ ପାଇଲେ ପୃଥିବୀ ପୃଷ୍ଠଠାରୁ କିଛି ଉର୍ଦ୍ଧ୍ୱ ଦେଶରେ ଆକାଶ ପଥରେ ରହିଛି ଦେବରାଜଙ୍କ ସୁସଜ୍ଜିତ ରଥ। ଚତୁଃପାର୍ଶ୍ୱରେ ଘେରି ରହିଛନ୍ତି ଦେବଗଣ। ସେମାନଙ୍କର ଶୋଭା ଅଗ୍ନି ଓ ସୂର୍ଯ୍ୟଙ୍କ ସଦୃଶ ଦେଦିପ୍ୟମାନ। ସ୍ୱର୍ଣ୍ଣ ଦଣ୍ଡଯୁକ୍ତ ଚାମର ସେବା କରୁଛନ୍ତି ଦେବକନ୍ୟା ଗଣ। ତାଙ୍କ ମସ୍ତକ ଉପରେ ଶୋଭା ପାଉଛି ଶ୍ୱେତଛତ୍ର, ମଧୁର ସ୍ୱରରେ ସ୍ତୁତିଗାନ କରୁଛନ୍ତି ଗନ୍ଧର୍ବ, ସିଦ୍ଧ ବିଦ୍ୟାଧର, ବ୍ରହ୍ମର୍ଷିଗଣ ଦେବରାଜ ଇନ୍ଦ୍ର ଋଷିଙ୍କୁ ବ୍ରହ୍ମଲୋକ ଯାତ୍ରା ନିମନ୍ତେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରୁଥିବା ସମୟରେ ଋଷି ଶରଭଙ୍ଗ ଜାଣିବାକୁ ପାଇଲେ ଯେ ପ୍ରଭୁ ରାଜୀବ ଲୋଚନ, ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ଭଗବତୀ ସୀତାଙ୍କ ସହିତ ତାଙ୍କ ଆଶ୍ରମ ପ୍ରତି ଆସୁଛନ୍ତି। ଯେତେବେଳେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଆଗମନ ବାର୍ତ୍ତା ତାଙ୍କର କର୍ଣ୍ଣ ଗୋଚର ହେଲା। ସେତେବେଳେ ତାଙ୍କର ତପଃପୂତ ଅନ୍ତଃକରଣରେ ଭକ୍ତିର ସଂଚାର ହୋଇଗଲା ମନେ ମନେ ଚିନ୍ତା କରିବାକୁ ଲାଗିଲେ- ଆହୋ ଭାଗ୍ୟ! ଯେଉଁ ଭଗବାନଙ୍କ ଚରଣ କମଳ ପ୍ରାପ୍ତି ନିମନ୍ତେ ଲୌକିକ ଏବଂ ବୈଦିକ ସମସ୍ତ ଧର୍ମ ପାଳନ କରାଯାଏ। ସେ ହି ସ୍ୱୟଂ ଭଗବାନ ମୋର ଆଶ୍ରମରେ ଉପସ୍ଥିତ ହେଉଛନ୍ତି। ତାଙ୍କୁ ଛାଡି ବ୍ରହ୍ମଲୋକଙ୍କୁ ଯିବା ମୂର୍ଖତା ନୁହେଁ କି? ବ୍ରହ୍ମ ଲୋକର ମୁଖ୍ୟ ଦେବତା ମୋ ପାଖକୁ ଆସୁଛନ୍ତି। ତେଣୁ ବ୍ରହ୍ମ ଲୋକକୁ ଯିବା ନିଷ୍ପ୍ରୟୋଜନ। ତପସ୍ୟାର ପ୍ରଭାବରେ ମୁଁ ଯେଉଁ ଯେଉଁ ଧର୍ମ ଅର୍ଜନ କରି ଅକ୍ଷୟ ଲୋକ ଅଧିକାର ପ୍ରାପ୍ତ ହୋଇଛି, ସେ ସମସ୍ତ ଭଗବାନଙ୍କ ଚରଣ କମଳରେ ସମର୍ପିତ କରିଦେଉଛି" ବୋଲି ଚକ୍ଷୁ ବନ୍ଦକରି ମନେ ମନେ ସଂକଳ୍ପ କଲେ ଏବଂ ଦେବରାଜ ଇନ୍ଦ୍ରଙ୍କୁ ଫେରିଯିବା ପାଇଁ ଅନୁନୟ କଲେ। ଦେବରାଜ ବିଦାୟ ନେଲେ।

ଋଷି ଶରଭଙ୍ଗ ଅନ୍ତଃକରଣରେ ପ୍ରେମ ଜନିତ ବିରହଭାବ ଉଦୟ ହେଲା "ଚିତ୍ତବତପଥ ରହେଉଁ ଦିନ ରାତି"। ସେ ଭଗବାନ ରାମଙ୍କ ଅଳ୍ପ କାଳର ଅପେକ୍ଷାକୁ ଯୁଗ-ଯୁଗ ବୋଲି ମନେ କଲେ। "ଭଗବାନ ଶ୍ରୀରାମଙ୍କ ସମ୍ମୁଖରେ ହିଁ ଏହି ନଶ୍ୱର ଶରୀରକୁ ତ୍ୟାଗ କରିବ"। ଏହି ଉତ୍ ସଂକଳ୍ପ କରି କ୍ଷଣ କ୍ଷଣ ପ୍ରତୀକ୍ଷା କରିବାକୁ ଲାଗିଲେ। ପ୍ରତୀକ୍ଷାର ଅନ୍ତଘଟିଲା କମଳ-ଦଳ-ଲୋଚନ ନବ ଦୁର୍ବାଦଳ ଶ୍ୟାମ ସୁନ୍ଦର ଭଗବାନ ଶ୍ରୀରାମ ତାଙ୍କ ଆଶ୍ରମରେ ପହଞ୍ଚିଗଲେ। ସୀତା ଲକ୍ଷ୍ମଣଙ୍କ ସହ ରଘୁନନ୍ଦନଙ୍କୁ ଦେଖିଦେଲେ ମୁନିବର। ତାଙ୍କର କଣ୍ଠ ଗଦ୍ ଗଦ୍ ହୋଇଗଲା। ଆଖିରୁ ନିର୍ଗତ ହେଲା ପ୍ରେମାଶ୍ରୁ। ରୋମାଞ୍ଚିତ ହୋଇଗଲା ଶରୀର। କହିବାକୁ ଲାଗିଲେ-

ଚିତବତ ପଥ ରହେଉଁ ଦିନରାତି।
ଅବ ପ୍ରଭୁ ଦେଖି ଜୁଡାନୀ ଛାତୀ।।
ନାଥ ସକଳ ସାଧନ ମୈ ହୀନା।
କୀହ୍ନୀ କୃପା ଜାନି ଜନ ଦୀନା।।

ଭଗବାନ ରାମଙ୍କ ଦର୍ଶନରେ ପ୍ରେମବଶତଃ ତାଙ୍କ ରୂପ ସୁଧା ମକରନ୍ଦ ପାନ କରିବାକୁ ଲାଗିଲେ।

ସୀତା ଅନୁଜ ପ୍ରଭୁ ନୀଳ ଜଳଦ ତନୁ ଶ୍ୟାମ।
ମମ ହିୟଁ ବସହୁ ନିରଂତର ସଗୁନରୂପ ଶ୍ରୀରାମ।।

ଭଗବାନଙ୍କୁ ନିଜ ଅନ୍ତଃ କରଣରେ ସ୍ଥାନଦେଇ ମୁନି ଯୋଗାଗ୍ନିରେ ନିଜ ଶରୀରକୁ ଦଗ୍ଧ କରିଦେଲେ। ଯୋଗାଗ୍ନିରେ ତାଙ୍କର ରୋମ, କେଶ, ଚର୍ମ, ଅସ୍ଥି, ମାଂସ ଏବଂ ରକ୍ତ ସବୁକିଛି ଜଳି ଭସ୍ମ ହୋଇଗଲା। ତାଙ୍କର ସେହି ନଶ୍ୱର ଶରୀର ନଷ୍ଟ ହୋଇଗଲା। କିନ୍ତୁ ଅଗ୍ନି ଏବଂ ସୂର୍ଯ୍ୟଙ୍କ ସମାନ ତେଜୋମୟ ପିଣ୍ଡ ଉତ୍ପନ୍ନ ହେଲା। ଯାହାକି ଭୂଲୋକ, ମହାତ୍ମା, ଋଷି ଦେବଲୋକ ଅତିକ୍ରମ କରି ଦିବ୍ୟଧାମକୁ ଚାଲିଗଲା। ଯେଉଁଲୋକ ଗଲେ ଆଉ ପୁନର୍ଜନ୍ମ ହୁଏ ନାହିଁ। ତେଣୁ କୁହାଯାଇଛି -

ଜପ ତପ ନିୟମ ଜୋଗ ନିଜ ଧର୍ମା।ଶ୍ରୁତି ସଂଭବ ନାନା ଶୁଭ କର୍ମା।।
ଗ୍ୟାନ ଦୟା ଦମ ତୀରଥ ମଜ୍ଜନ। ଜହଁ ଲଗି ଧର୍ମ କହତ ଶ୍ରୁତି ସଜ୍ଜନ।।
ଆଗମ ନିଗମ ପୁରାନ ଅନେକା। ପଢେ ସୁନେକର ଫଳ ପ୍ରଭୁ ଏକା।।
ତବପଦ ପଂକଜ ପ୍ରୀତିନିରନ୍ତର। ସବ ସାଧନ କର ୟହ ଫଳ ସୁନ୍ଦର।।

ଆଖିରେ ପ୍ରଭୁଙ୍କୁ ଧାରଣକରି ଜଗତକୁ ଦେଖିବା ଉଚିତ। ସନ୍ଥ ତୁଳସୀ ଦାସଙ୍କୁ ସୀତା ରାମଙ୍କ ବ୍ୟତୀତ ସଂସାରରେ ଅନ୍ୟ କେହି ପୁରୁଷ ଦେଖାଯାଉ ନଥିଲେ। ତେଣୁ ସେ ଲେଖିଲେ-

ସୀୟା ରାମ ମୟ ସବ ଜଗଜାନୀ
କରଉଁ ପ୍ରନାମ ଜୋରି ଜୁଗ ପାନୀ।

ରାମକଥା ହେଉଛି ମହାସାଗର ପରି। ହରି ଅନନ୍ତା ହରିକଥା ଅନନ୍ତା। ଭଗବାନଙ୍କ ନାମର ଶକ୍ତି ଏପରି ଯେ ମରା-ମରା ଜପ କରୁ କରୁ ଦସ୍ୟୁ ରତ୍ନାକର ବାଲ୍ମୀକିରେ ପରିଣତ ହୋଇଗଲେ।



ସଚ୍ଚୋଟ ଲୋକ କେବେହେଲେ ଯେତିକି କରି ପାରିବ, ତାହାଠାରୁ ଅଧିକ ପ୍ରତିଶ୍ରୁତି ଦେବେ ନାହିଁ।

ତୁଳସୀ ଅପନେ ରାମକୋ ରୀଝ ଭଜେ। ୟା ଖୀଝ
ଉଲଟୋ ସୀଧୋ ଜାମିହେଁ ଖେତ ପରେ କୋ ବୀଜ।

ଯେପରି କ୍ଷେତରେ ମଞ୍ଜିଟି ଓଲଟା କିମ୍ବା ସିଧା ପଡିଥିଲେ ମଧ୍ୟ କ୍ରମଶଃ ଅଙ୍କୁରିତ ହୋଇଥାଏ। ସେହିଭଳି ରାମ ନାମକୁ ଓଲଟା ସିଧା ଯେପରି ଗାନ କଲେ ମଧ୍ୟ କଲ୍ୟାଣପ୍ରଦ ହୋଇଥାଏ।

ଯୋ ଚେତନ କହଁ ଜଡ କରଇ ଜଡହି କରଇ ଚୈତନ୍ୟ
ଅସ ସମର୍ଥ ରଘୁନାୟକ ହିଁ ଉଦହି ଜୀବ ତେ ଧନ୍ୟ।

କୃତିବାସ ରାମାୟଣରେ ନାମ ମହିମା ସମ୍ବନ୍ଧରେ ସୁନ୍ଦର ଆଖ୍ୟାନ ରହିଛି।

ରାମ ନାମ ବଲ ଭାଇ ସର୍ବେ ବାରବାର
ଭବେ ଦେଖ ରାମ ବିନା ଗତି ନାହିଁ ଆର।।

କରୁଣା ବରୁଣାଳୟ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ର ଅପ୍ରାକୃତ ସଚ୍ଚିଦାନନ୍ଦ ଘନ ଭଗବାନ। ତାଙ୍କ ନାମ ମହିମା ଅପ୍ରାକୃତ, ଅନନ୍ତ ନାମ ରସଯୁକ୍ତ ଏହି ନାମ ତ୍ରିତାପ ନାଶକ।

## ଗୁରୁ ଦିବସ

**ସୌମ୍ୟେନ୍ଦ୍ର ମିଶ୍ର**

ଜ୍ଞାନ ଆଲୋକରେ ଉଦ୍ଭାସିତ କଲେ
ଯିଏ ମୋ ଜୀବନ ପଥ
ଗୁରୁ ବୋଲି ହୃଦେ ମାନିଛି ତାହାଙ୍କୁ
ନ ରଖି ମନରେ ଦ୍ୱନ୍ଦ୍ୱ।

ବିବେକକୁ ଯିଏ ଜାଗ୍ରତ କରାନ୍ତି
ଚେତନାର ପୁଟ ଦେଇ
ସେହି ମହାତ୍ମାଙ୍କୁ ପୂଜିବି ନିଶ୍ଚୟ
ଗୁରୁ ଆସନେ ବସାଇ।

ପିତାମାତା ସିନା ଜନ୍ମ ଦେଇଛନ୍ତି
ଗୁରୁ ଖୋଲିଛନ୍ତି ଆଖି
ତାଙ୍କ ହାତଧରି ଆଗକୁ ଯେ ବଢେ
ଜୀବନେ ସେ ହୁଏ ସୁଖୀ।

ଗୁରୁଙ୍କ ଗରିମା ବର୍ଣ୍ଣନାତୀତ
ସୁଧା ସମ ତାଙ୍କ ସ୍ନେହ
ତାଙ୍କ ପାଦପଦ୍ମେ ଲୟ ରଖିଥିବି
ଥିବା ଯାଏଁ ଏଇ ଦେହ।

**ପ୍ରାଣନାଥ ମହାବିଦ୍ୟାଳୟ,
ଖୋରଧା**

## ଲୋଭ କ୍ରୋଧ ଅଟେ ପରମ ଶତ୍ରୁ

**ଶାନ୍ତନୁ କୁମାର ଷଡଙ୍ଗୀ**

ଲୋଭ ଓ କ୍ରୋଧର ବଶବର୍ତ୍ତୀ ହୋଇ
ମଣିଷ ହରାଏ ଜ୍ଞାନ,
ଏ ମର ଧାମରେ ବଞ୍ଚିବାକୁ ହେଲେ
ଏଥିପ୍ରତି ଦେବ ଧ୍ୟାନ।।
ଦୁଇଦିନ ପରା ମଣିଷ ଜୀବନ
କ୍ଷଣକେ ଉଭେଇ ଯିବ,
ରଖିଲେ ଈଶ୍ୱର କିଏବା ମାରିବ
ଏହା ତ ନିଶ୍ଚେ ଘଟିବ।।
ଲୋଭ ଲାଗି ପରା ମଣିଷ ଜୀବନ
ଘଟେ ନାନା ଅଘଟଣ,
କ୍ରୋଧିତ ମଣିଷ ହରାଏ ତ ଜ୍ଞାନ
ହୁଏ ପରା ମ୍ରିୟମାଣ।।
ଏସବୁ ଫଳର ଗୁଣତ ଓଲଟା
ଲଭଇତ ଅପଯଶ।
ଉଚ୍ଚରକ୍ତ ଚାପ କ୍ରୋଧରୁ ତ ଜାତ
କରେ ତ ଜୀବନ ଶେଷ।।
ଲୋଭଗ୍ରସ୍ତ ଯେବେ ନର ନାରୀ ହେବେ
ଉଜୁଡି ଯିବ ସଂସାର,
ମରଣ ଆସିବ ସାଙ୍ଗେ ନେଇ ଯିବ
ଭୁଲିତ ଆପଣା ପର।।
ବିଶ୍ୱାମିତ୍ର ଋଷି କ୍ରୋଧିତ ଅଗ୍ନିରେ
ସଦାବେଳେ ଜଳୁଥିଲେ,
ଅଭିଶାପ ଦେଇ ଦୁର୍ନାମ ଅର୍ଜିଲେ
ଅପଯଶ ଲାଭକଲେ।।
ଲୋଭ ଓ କ୍ରୋଧକୁ ସଂଯତ କରିଲେ
ପାଇବ କୀର୍ତ୍ତି ଓ ଯଶ,
ମର୍ତ୍ତ୍ୟେରେତ ତୁମେ ହେବ କାଳଜୟୀ
ମୁହଁରେ ଫୁଟିବ ହସ।।
ସୀମାହୀନ ଏଇ ସଂସାର ସାଗରେ
ବିବେକ ବୁଦ୍ଧି ଖଟାଅ,
ନିର୍ଲୋଭ ଜୀବନ ଯାପନ କରିବ
ନିନ୍ଦାରୁ ଦୂରେଇ ଯାଅ।।

**ମହିଲୋ, କାଦୁଅପଡା,
ଜଗତସିଂହପୁର**



ସତ୍ୟ ଓ ନ୍ୟାୟର ପାଖେ ପାଖେ ରହିବା ପାଇଁ ମନର ବ୍ୟାକୁଳତାର ଅନ୍ୟନାମ ହେଉଛି, ନୀତି।

# ଓଡ଼ିଶୀ ସଙ୍ଗୀତ ଗୁରୁ ପଣ୍ଡିମେଶ୍ୱର ଜେନା



ତ୍ରିଲୋଚନ ମହାପାତ୍ର

ପ୍ରାୟ ପଚିଶ ବର୍ଷ ତଳର କଥା। ଗାନ୍ଧର୍ବ ମଣ୍ଡଳର ଗୋଟିଏ ସଙ୍ଗୀତ ଆସର ନ୍ୟାସ୍‌ନାଲ୍ ମ୍ୟୁଜିକ୍ ଆସୋସିଏସନ୍‌ର ସହଯୋଗିତାରେ କଟକରେ ଆୟୋଜନ କରାଯାଇଥାଏ। ଅଖିଳ ଭାରତ ଗାନ୍ଧର୍ବ ମଣ୍ଡଳର କେତେଜଣ ବରିଷ୍ଠ ସଙ୍ଗୀତଜ୍ଞ ଉପସ୍ଥିତ ରହିଥାନ୍ତି। ଆୟୋଜକ ଓ ଆଗନ୍ତୁକ ସଙ୍ଗୀତଜ୍ଞମାନଙ୍କ ଅନୁରୋଧକ୍ରମେ ଜନୈକ ଓଡ଼ିଶୀ ସଙ୍ଗୀତଗୁରୁ ଓଡ଼ିଶୀ ଗାୟନ କଲେ। ଗାୟନ ପରେ ବିମୁଗ୍ଧ ସଙ୍ଗୀତଜ୍ଞମାନେ ସମୂହଭାବେ ମଞ୍ଚ ଉପରକୁ ଯାଇ ଗାୟକଙ୍କ ପାଦଛୁଇଁ ପ୍ରଣାମ କରି କହିଲେ – ଆମ୍ଭେମାନେ ମୁଗ୍ଧ ହୋଇଗଲୁ। ଏଭଳି ସଙ୍ଗୀତ ଆମ୍ଭେମାନେ ପୂର୍ବରୁ କେବେ ବି ଶୁଣି ନଥିଲୁ। ଏହି ସଙ୍ଗୀତ ଗୁରୁ ଥିଲେ ଓଡ଼ିଶୀ ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦୀ ଶିଳ୍ପୀ ପଣ୍ଡିମେଶ୍ୱର ଜେନା।

ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ମୁସଲମାନଙ୍କ ଆକ୍ରମଣରେ ଓଡ଼ିଶାର ରାଜନୈତିକ ସ୍ଥିତି ସଙ୍କଟଜନକ ଅବସ୍ଥାରେ ଥିଲା। ସ୍ଥିତିର ଉନ୍ନତି ଆଣିବାଲାଗି ମଳିପଡ଼ା ଦଳ ବେହେରା ସରଣୀ ପାତ୍ର, କୋକଲଗଡ଼ ଦଳ ବେହେରା ରଘୁ ପାତ୍ର ଓ ଘୋରଡ଼ିଆ ଦଳ ବେହେରା ଝାଡୁ ପରିଡ଼ା ଉଦ୍ୟମ କରିଥିଲେ। ବରୁଣେଇ ପାହାଡ଼ ନିକଟରେ ଦୁର୍ଗ ନିର୍ମାଣ କରି ଖ୍ରୀ. ୧୫୬୯–୭୦ରେ ରାମଚନ୍ଦ୍ର ଦେବଙ୍କୁ ଓଡ଼ିଶାର ରାଜାରୂପେ ଅଧିଷ୍ଠିତ କରାଇଲେ। ଖୋରଧାଠାରୁ ୧୩ କି.ମି. ଦକ୍ଷିଣରେ ନଂ ୧୬ ଜାତୀୟ ରାଜପଥ ପାର୍ଶ୍ୱରେ ମଳିପଡ଼ା ଗଡ଼। ପଣ୍ଡିମେଶ୍ୱର ସେହି ଗ୍ରାମରେ ୧୯୩୮ ମସିହା ଜୁଲାଇ ୧୧ ତାରିଖରେ ଜନ୍ମଲାଭ କରିଥିଲେ। ପିତାଙ୍କ ନାମ ଗୋପୀନାଥ ଓ ମାତାଙ୍କ ନାମ ହାରାମଣି। ପିଲାଦିନେ ପାଠ ପଢ଼ାରେ ମନ ନଦେଇ ସେ ସାଥୀଙ୍କ ମେଳରେ ବୁଲିବା, ଗୀତ ଗାଇବା, ବାଜା ବଜେଇବା, ନାଚ କରିବା, ତାମସା ଦେଖିବାରେ ସମୟ କାଟୁଥିଲେ। ସେ ତାଙ୍କ ଜେଜେବାପା ଦୀନବନ୍ଧୁ ଓ ନାଟ୍ୟଗୁରୁ ଦୁର୍ଯ୍ୟୋଧନ ବଳିଆରସିଂହଙ୍କଠାରୁ ପ୍ରାରମ୍ଭିକ ସଙ୍ଗୀତ ଶିକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ସଙ୍ଗୀତର ଆଦିଗୁରୁ ପୁରୀର ଶ୍ୟାମସୁନ୍ଦର କରଙ୍କ ତତ୍ତ୍ୱାବଧାନରେ ୧୦ ବର୍ଷକାଳ ସଙ୍ଗୀତ ଶିକ୍ଷା କଲେ। କଠିନ ସାଧନା ଓ ଅଧ୍ୟବସାୟ ବଳରେ ଗୁରୁଙ୍କଠାରୁ ଭଜନ, କଣାଣ, ଛାନ୍ଦ, ଚମ୍ପୂ, ଚଉପଦୀ, ଓଡ଼ିଶୀ ଶିକ୍ଷା ସହିତ ଓଡ଼ିଶୀ ଶୈଳୀରେ ବ୍ୟବହୃତ ରାଗ, ତାଳ, ଛନ୍ଦ, ଲୟ, ଘାତ, ଅନାଘାତ, ମିଡ଼, ସ୍ୱର୍ଶସ୍ୱର, ଆଡ଼ିଲୟ, ହର୍ମ୍ବଧ ଓ ଦୀର୍ଘର ପାର୍ଥକ୍ୟ ପ୍ରଦର୍ଶନ, ଶୁଦ୍ଧ ଉଚ୍ଚାରଣ, ଭାବାନୁଯାୟୀ ଶବ୍ଦର ପ୍ରୟୋଗବିଧି, କୁରାଳ ଗମକ ଓ ଶ୍ରୀକ୍ଷେତ୍ର ଗାୟନ ଶୈଳୀରେ ପାରଦର୍ଶିତା ଲାଭ କରିଥିଲେ।

ଶ୍ରୀ ଜେନାଙ୍କ ସମ ସାମୟିକ ସଙ୍ଗୀତକାରମାନେ ଓଡ଼ିଶୀ ସଙ୍ଗୀତରେ ଖାଦ ପୂରେଇବା ଫଳରେ ସେ ତାର ଦୃଢ଼ ପ୍ରତିବାଦ କରୁଥିଲେ। ସେଥିପାଇଁ କେତେଜଣ ତାଙ୍କର ଘୋର ବିରୋଧୀ ହୋଇଥିଲେ ଏବଂ ତାଙ୍କୁ ନାନା ଭାବରେ ଅପମାନିତ କରିଥିଲେ। ତାଙ୍କ ପ୍ରଗତିରେ ବାଧା ସୃଷ୍ଟି କଲେ। ସେ ଏଥିକୁ ଖାତିର ନକରି ଚିରାଜାମାରେ ଡାଙ୍କି ପକେଇ ଛିଣ୍ଡା ଚପଲରେ କନାଧଡ଼ିଗୁଡେଇ, ମାସିକ ପନ୍ଦର ଟଙ୍କା ନେଇ ଘର ଘର ବୁଲି ସଙ୍ଗୀତ ଶିକ୍ଷା ଦେଲେ। ଓଡ଼ିଶୀ ସଙ୍ଗୀତର ମୌଳିକତା ରକ୍ଷାଲାଗି ସଂଗ୍ରାମ ଜାରି ରଖିଲେ।

ଥରେ ରବୀନ୍ଦ୍ର ମଣ୍ଡପରେ ପାରମ୍ପରିକ ସଙ୍ଗୀତ ପ୍ରତିଯୋଗିତାର ପୁରସ୍କାର ବିତରଣ ସଭା ହେଉଥିଲା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅନୁରୋଧକ୍ରମେ ଶ୍ରୀ ଜେନା ନିଜସ୍ୱ ଶୈଳୀରେ ଗୋଟିଏ ଚମ୍ପୂ ଓ ଗୋଟିଏ ଛନ୍ଦ ଗାଇ ଶ୍ରୋତା ମଣ୍ଡଳୀକୁ ବିମୋହିତ କରିଥିଲେ। ଗାୟନ ଶେଷରେ ଘନ ଘନ କରତାଳିରେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ ପ୍ରକମ୍ପିତ ହୋଇଥିଲା।

ଭାବ ଓ ଆବେଗଭରା ସୁଲକିତ ତଥା ମଧୁର ସ୍ୱରର ଅଧିକାରୀ ଶ୍ରୀ ଜେନା ସାରା ରାଜ୍ୟରେ ସୁଖ୍ୟାତି ଅର୍ଜନ କରିଥିଲେ ବି ଦାରିଦ୍ର୍ୟ ଥିଲା ତାଙ୍କର ଚିର ସହଚର। ଜନ୍ମରୁ ମୃତ୍ୟୁଯାଏ ସେ ଅଭାବ ଅନଟନରେ ଜର୍ଜରିତ ଥିଲେ। ସମାଜ, ସଙ୍ଗୀତ ଜଗତ ଓ ସରକାର ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିନଥିଲେ। ମଳିପଡ଼ା ଗ୍ରାମରେ ଥିବା ମାଟିକାନ୍ଥ ଓ ଚାଳ ଛପର ଘରେ ତାଙ୍କ ପରିବାର ଦୟନୀୟ ଜୀବନ ଯାପନ କରୁଥିଲେ। ନାନା କଷ୍ଟରେ ସେ ପାଞ୍ଚଝିଅଙ୍କୁ ବିବାହ ଦେଇଥିଲେ। ବିବାହିତ ଏକମାତ୍ର ପୁଅଟି ଯୁବାବସ୍ଥାରେ ମୃତ୍ୟୁ ମୁଖରେ ପଡ଼ିବାରୁ ପରିବାରର ଦୁଃଖ ବହୁଗୁଣ ବଢିଗଲା। ତଥାପି ସଙ୍ଗୀତ ଓ କଳାର ପ୍ରାଣକେନ୍ଦ୍ର କଟକ ଛାଡ଼ି ନଥିଲେ। କେତେଜଣ ଶୁଭେଚ୍ଛୁଙ୍କ ଉଦ୍ୟମ କ୍ରମେ ସେ ମାଧ୍ୟମିକ ଶିକ୍ଷା ପରିଷଦ ଉଚ୍ଚ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ।

ଅନେକ ଓଡ଼ିଶୀ ସଙ୍ଗୀତ ଗବେଷକ ତାଙ୍କଠାରୁ ସହାୟତା ଲାଭ କରିଥିଲେ। ଶ୍ରୀ ଜେନାଙ୍କ ଗୋଟିଏ ବକ୍ତବ୍ୟ ସମସ୍ତେ ସ୍ମରଣ ରଖିଥିଲେ।

'ଓଡ଼ିଶୀ ସଙ୍ଗୀତ ଝୁଙ୍କ, ଓଡ଼ିଶୀ ଅବଢ଼ା ଛୁଙ୍କ, ଓଡ଼ିଶୀ ନାଚରେ ବନ୍ଧ, ଓଡ଼ିଶୀ ଗୀତର ଛନ୍ଦ, ଓଡ଼ିଆଣୀ ହାତ ଝୋଟି, ଓଡ଼ିଆ ବିନ୍ଧାଣୀ କୁଟୀ, ଓଡ଼ିଆ ପାଇକ ନିଶ, ଓଡ଼ିଆ ମାଇପି ବେଶ।'

ଜନୈକ ଓଡ଼ିଶୀ ସଙ୍ଗୀତ ସାଧକ ଅଜିତ୍ କୁମାର ଜେନାଙ୍କ ମତରେ– ସଙ୍ଗୀତ ଜଗତର ଏଭଳି ଜଣେ ପ୍ରତିଭାଧାରୀ ବ୍ୟକ୍ତି ଯାହାଙ୍କ ସମ୍ମୁଖକୁ ଆସିବାକୁ ଆଜି କାଲିର ଆଗ ଧାଡ଼ିର ସଙ୍ଗୀତଜ୍ଞମାନେ ଭୟ କରୁଥିଲେ, ସେଭଳି ଜଣେ ବ୍ୟକ୍ତି ସାଧାରଣରେ ଆଲୋଡ଼ା ହୋଇଯିବା, ବୃଦ୍ଧ ବୟସରେ ଆକାଶବାଣୀ କଣ୍ଠ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାଧାରଣ 'ଖ' ଶ୍ରେଣୀର କଳାକାର ଭାବେ ଶେଷ ନିଃଶ୍ୱାସ ତ୍ୟାଗ କରିବା, ଅଭାବ ଅନଟନରେ ସାରା ଜୀବନ ବିତେଇବା

ଓଡ଼ିଶାର ସଙ୍ଗୀତ ଜଗତ ପାଇଁ ଲଜ୍ଜା ଓ ପରିତାପର ବିଷୟ।

ଗବେଷକ ଡଃ କୀର୍ତ୍ତନ ନାରାୟଣ ପାଢ଼ୀ ତାଙ୍କ ସମ୍ପର୍କରେ କହିଛନ୍ତି- ଓଡ଼ିଶାରେ ଅନେକ ଓଡ଼ିଶୀ ସଙ୍ଗୀତଜ୍ଞ ଅଛନ୍ତି, ଅନେକ ଜନ୍ମ ହେବେ, ପଣ୍ଡିମେଶ୍ୱର ଜେନା ମିଳିବେ ନାହିଁ।

୨୦୧୦ ଡିସେମ୍ବର ୦୮ ତାରିଖରେ ସେ ପରଲୋକ ଗମନ କଲେ।

ଶ୍ରୀ ଜେନା ଐତିହାସିକ ତଥା ଓଡ଼ିଶାର ଆଦି ନାରୀକବିଙ୍କ ସାଧନାପୀଠ ମଳିପଡ଼ା ଗ୍ରାମକୁ ଖୋରଧା ଜିଲ୍ଲାକୁ ଓ ସାରା ଓଡ଼ିଶାକୁ ଗୌରବ ମଣ୍ଡିତ କରିଥିଲେ। ଓଡ଼ିଶୀ ସଙ୍ଗୀତ ଆକାଶରେ ଅମଳିନ ଜ୍ୟୋତିଷ୍କ ଭାବରେ ସେ ଚିର ଉଦ୍ଭାସିତ ରହିଥିବେ।

**ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନାର ତାଲିକା**

ଇଣ୍ଡୋ-ସୋଭିଏତ୍ କଲଚରାଲ୍ ସୋସାଇଟି, ଓଡ଼ିଶା ଷ୍ଟେଟ୍ କାଉନ୍ ସିଲର- ୧୪.୦୮.୧୯୮୬, ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ସ୍ମୃତି ସଂସଦ, କଟକ- ୩୦.୦୯.୧୯୯୪, ସଙ୍ଗୀତ ସୁଧାକଣ୍ଠ- ଶାରଳା ସଙ୍ଗୀତ କଳାକେନ୍ଦ୍ର, କଟକ- ୧୭.୧୧.୧୯୯୬, ପୁରାତନ ଛାତ୍ର ସଂସଦ ରଜତ ଜୟନ୍ତୀ, ମାଧ୍ୟମିକ ଶିକ୍ଷା ପରିଷଦ ଉଚ୍ଚ ବିଦ୍ୟାଳୟ, କଟକ-୦୧.୩.୧୯୯୭, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, କଳିଙ୍ଗ ଭାରତୀ, କଟକ-୧୯୯୬-୯୭, ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର -୧୯୯୬, ୦୬.୩.୧୯୯୭ ଲିଙ୍ଗରାଜ ସ୍ମୃତି ସମ୍ମାନ ଡାଳତୋଳା-୧୯୯୮ ସିଂହାରୀ ଜୟନ୍ତୀ ସ୍ମୃତି ସମ୍ମାନ, ଶ୍ୟାମ ସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ ଓ ଓଡ଼ିଶୀ ସଙ୍ଗୀତ ଗବେଷଣା ପୀଠ, ପୁରୀ -୧୯୯୯ ସଙ୍ଗୀତ ସରସ୍ୱତୀ ସମ୍ମାନ, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ, ଭୁବନେଶ୍ୱର - ୧୫.୫.୧୯୯୯, ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର, ସୃଜନ ଓଡ଼ିଶୀ ନୃତ୍ୟୋତ୍ସବ - ୨୦୦୨, ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଦେବ ପ୍ରସାଦ କଳାତୀର୍ଥ, ପୁରୀ - ୦୭.୦୧.୨୦୦୭, ନେତାଜୀ ପ୍ରତିଭା ସମ୍ମାନ, ଇଣ୍ଟର ନାସନାଲ୍ କ୍ଲବ୍, କଟକ-୨୦୧୦।

**ଜଟଣୀ**
**୯୯୩୮୯୯୪୮୨୨(ଦୂରଭାଷ)**

# ଗୋପାଳ ଚନ୍ଦ୍ର ପ୍ରହରାଜ



ଉପସ୍ଥାପନା - ରାମଶଙ୍କର

ଓଡ଼ିଶାବାସୀ ରାଜ୍ୟର ବରପୁତ୍ରମାନଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବାରେ ଅବହେଳା କରିଛନ୍ତି। ସେମାନଙ୍କ ମଧ୍ୟରୁ ଗୋପାଳ ଚନ୍ଦ୍ର ପ୍ରହରାଜ ଅନ୍ୟତମ। ଓଡ଼ିଆ ଶବ୍ଦର ଉତ୍ପତ୍ତି ଓ ବ୍ୟବହାରକୁ ନେଇ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବେଙ୍ଗଲୀ, ତେଲୁଗୁ ଭାଷାରେ ଓଡ଼ିଆ ଶବ୍ଦର ପ୍ରତିଶବ୍ଦକୁ ଲିପିବଦ୍ଧ କରି ସେ ସର୍ବବୃହତ୍ତ "ଓଡ଼ିଆ ଭାଷାକୋଷ ପ୍ରସ୍ତୁତି କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୩୦ ବର୍ଷ କଠିନ ପରିଶ୍ରମ କରିବାକୁ ପଡିଥିଲା। ଏହି ଭାଷାକୋଷ ୭ ଖଣ୍ଡକୁ ନେଇ ପ୍ରସ୍ତୁତ କରାଯାଇ ଅଛି। ଏହାର ୯୫୦୦ ପୃଷ୍ଠାରେ ୧,୮୫,୦୦୦ ଶବ୍ଦ ସ୍ଥାନିତ ହୋଇଅଛି।

ଇଂରାଜୀ ଭାଷାରେ ବହୁଳ ବ୍ୟବହୃତ Oxford English Dictionaryର ୧୯୮୯ ମସିହାରେ ପ୍ରକାଶିତ ଏହାର ୨୦ ଖଣ୍ଡରେ ୧,୭୧,୭୨୮ ଶବ୍ଦ ସ୍ଥାନିତ ହୋଇଅଛି।

ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ଭାଷାକୋଷକୁ ୧୯୩୧ ରୁ ୧୯୪୦ ମଧ୍ୟରେ ଛାପିବା ପାଇଁ ସେତେବେଳେ ଅନେକ ବାଦାନ୍ୟ ବ୍ୟକ୍ତି ଓ ରାଜା ମହାରାଜା ଆର୍ଥିକ ସାହାଯ୍ୟ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ମୟୁରଭଞ୍ଜର ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ଯାହାଙ୍କ ନାମରେ ନାମିତ "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ" ଏବଂ ଏହି ଅମୂଲ୍ୟ ଭାଷାକୋଷକୁ 'ଉଡ଼ିଆଙ୍କ କୋଠ ସମ୍ପତ୍ତି' ଭାବରେ ସେ ଉତ୍ସର୍ଗ କରିଯାଇଛନ୍ତି। ଅବିଭାକ୍ତ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମରେ ୨୭.୯.୧୮୭୪ ମସିହାରେ ଗୋପାଳଚନ୍ଦ୍ର ପ୍ରହରାଜ ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ରେଭେନ୍ସା କଲିଜିଏଟ ସ୍କୁଲରୁ ମାଟ୍ରିକ୍, ରେଭେନ୍ସା କଲେଜରୁ ଏଫ୍.ଏ. ଓ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରିଥିଲେ। ଏକାଧାରାରେ ସେ ଜଣେ ସଫଳ ଲେଖକ, ଭାଷାକୋଷର ଓ ବାରିଷ୍ଟର ଥିଲେ। ତାଙ୍କ ଦ୍ୱାରା ରଚିତ ଭାଗବତ ଟୁଙ୍ଗୀରେ ସଂଧ୍ୟା (୧୯୦୩), ବାଇ ମହାନ୍ତି ପାଞ୍ଜି (୧୯୨୩), ଦୁନିଆର ହାଲଚାଲ (୧୯୫୨), ନନାଙ୍କ ବସ୍ତାନୀ, ରାସ ଚକ୍ର, ନବ ଭାରତ, ସତ୍ୟ ସମାଚାର ପ୍ରମୁଖ ଓଡ଼ିଆ ସାହିତ୍ୟକୁ ଅନନ୍ୟ ଅବଦାନ।

କଟକ ସହରରେ ସେ ରହୁଥିବା ସ୍ଥାନ ଆଜି "ଭାଷାକୋଷ ଲେନ୍" ନାମରେ ପରିଚିତ। ଏହି ବରପୁତ୍ରଙ୍କ ତା ୧୬.୫.୧୯୪୫ ରେ ଦେହାନ୍ତ ହୋଇଥିଲା।

**ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ,ଖୋରଧା**
**ମୋ - ୯୩୩୭୬୨୧୪୫୫**



ଲୋକ ଯେତେବେଳେ ଅତିମାତ୍ରାରେ ଦେଖେଇ ହୁଏ, ସେତିକି ବେଳେ ହିଁ ହାସ୍ୟାସ୍ପଦ ହୋଇଥାଏ।

# ମଣିଷ ଭୂମିକାରେ ମେସିନ୍



**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଆଜିକାଲି ଖୁବ୍ ଶୁଣାଯାଉଛି ଏ.ଆଇ. ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର କଥା। ଏହାକୁ ଆମେ ଓଡ଼ିଶାରେ କୃତ୍ରିମ ମେଧା ବା କୃତ୍ରିମ ବୁଦ୍ଧିମତ୍ତା ବୋଲି କହିପାରିବା। ଏହି ବିଷୟଟିକୁ ନେଇ ଅନେକଙ୍କଠାରେ ସ୍ପଷ୍ଟ ଧାରଣା ନାହିଁ। ପ୍ରାୟତଃ ଶୁଣାଯାଉଛି ଯେ କୃତ୍ରିମ ବୁଦ୍ଧିମତ୍ତା ସମସ୍ତ ମନୁଷ୍ୟ ସଭ୍ୟତାକୁ ଓଲଟ ପାଲଟ କରିଦେବ। ମଣିଷର ସବୁ କାର୍ଯ୍ୟକ୍ରମ କରିବ ଯନ୍ତ୍ର। ଯନ୍ତ୍ର ହିଁ ପରିଚାଳିତ କରିବ ମଣିଷକୁ। ମଣିଷ ଯେ ଯନ୍ତ୍ରରେ ପରିଣତ ହୋଇପାରେ ଏହା ଏକଦା ଥିଲା କଳ୍ପ ବିଜ୍ଞାନର କାହାଣୀ। ମାତ୍ର ଏବେ ଏହା ବାସ୍ତବ ରୂପ ନେବା ପଥରେ ଅଗ୍ରସର। କିନ୍ତୁ ଯନ୍ତ୍ର ଅବା ମଣିଷରେ ପରିଣତ ହୋଇପାରିବ କିପରି ?

କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ କିଛିଟା ଆଲୋକପାତ କରିବାପାଇଁ ହେଲେ ଏବଂ କେଉଁ ପ୍ରକାରେ ତାହା ମଣିଷର କାମରେ ଲାଗିପାରେ। ବିଶେଷତଃ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ତଥା ରୋଗ ନିର୍ଣ୍ଣୟ କ୍ଷେତ୍ରରେ ତାହାର ଭୂମିକା କ'ଣ, ଏହା ଭାବିଲେ ମନେ ପଡନ୍ତି ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ ଷ୍ଟାନ୍‌ଫୋର୍ଡ ୟୁନିଭରସିଟିର ଅଧ୍ୟାପକ ଷ୍ଟାନ୍‌ଲି ମ୍ୟାକାର୍ଥି। ସେ ହିଁ ଆଟିଫିସିଆଲ ଇଣ୍ଟେଲିଜେନ୍ସ ଶବ୍ଦଟିର ପ୍ରଥମ ବ୍ୟବହାରକାରୀ। ତାଙ୍କର ବର୍ଣ୍ଣନା ଅନୁଯାୟୀ କୃତ୍ରିମ ବୁଦ୍ଧିମତ୍ତା ହେଲା - ଦ ସାଇନ୍ସ- ଆଣ୍ଡ ଇଞ୍ଜିନିୟରିଂ ଅଫ୍ ମେକିଂ ଇଣ୍ଟେଲିଜେଣ୍ଟ ମେସିନସ୍ ବା ବୁଦ୍ଧିମାନ୍ ଯନ୍ତ୍ର ନିର୍ମାଣର ବିଜ୍ଞାନ ଓ ପ୍ରଯୁକ୍ତି। ସେହି ଯନ୍ତ୍ର ନିଜେ ଶିଖିଥିବା ବୁଦ୍ଧି ବଳରେ ମଣିଷ ଭଳି ଚିନ୍ତା କରିପାରିବ ଏବଂ ନାନା ସମସ୍ୟାର ଯୁକ୍ତିସଙ୍ଗତ ନିଷ୍ପତ୍ତି କରିବାପାଇଁ ସମର୍ଥ ହୋଇପାରିବ।

ମାତ୍ର ପ୍ରଶ୍ନ ଉଠେ,'ଇଣ୍ଟେଲିଜେନ୍ସ'ବା ବୁଦ୍ଧିମତ୍ତା ବୋଇଲେ ଆମେ କ'ଣ ବୁଝୁ ? ଅତି ସରଳ ଭାଷାରେ କହିଲେ, ଯେଉଁସବୁ କାର୍ଯ୍ୟ କେତୋଟି ସାଧାରଣ ନିୟମ ମାନି ସମ୍ପନ୍ନ କରାଯାଏ। ଯେପରିକି ଦୁଇଟି ଅତି ବଡ଼ ସଂଖ୍ୟାକୁ ଗୁଣନ କରିବା କି କୌଣସି ବୃହତ୍ ସଂସ୍ଥାର ଟଙ୍କା ପଇସାର ହିସାବ ରଖିବା ସେହି ସବୁ କାମ କରିବାପାଇଁ ଇଣ୍ଟେଲିଜେନ୍ସ ବା ବୁଦ୍ଧି ଦରକାର ପଡେନି। ଚେଷ୍ଟା କଲେ ଯେକୌଣସି କମ୍ପୁଟରକୁ ଧୀରେ ଧୀରେ ସେହି କାର୍ଯ୍ୟଗୁଡିକୁ ଶିଖେଇବା ବା ପ୍ରୋଗ୍ରାମ୍ କରେଇପାରିବା ସମ୍ଭବ। କିନ୍ତୁ ଏପରି କିଛି କାର୍ଯ୍ୟ ଅଛି ଯାହା ଆମେ ମଣିଷମାନେ ଅନାୟାସରେ କରିପାରୁ। ଅଥଚ କେହି ଯଦି ପ୍ରଶ୍ନ କରେ ଯେ ଏହି କାମଟିକୁ କିପରି କରିପାରିଲ ତା'ର ଉତ୍ତର ଆମେ ଦେଇପାରିବୁନି ଯେପରିକି ଅନେକ ଜୀବଜନ୍ତୁଙ୍କ ମଧ୍ୟରୁ ଗୋଟିଏ ଜନ୍ତୁ ବିରାଡି ବୋଲି ଚିହ୍ନିତ କରିବା ବା ହାତର ଲେଖାକୁ ପଢିପାରିବା ଶିଖିବା। ଏହି ଧରଣର କାର୍ଯ୍ୟ, ଯାହାକୁ ଆମେ ସଚେତନ ଭାବରେ ଛୋଟ ଛୋଟ ଭାବରେ ଭାଙ୍ଗିଦେଇ ପାରୁନା, ସେଗୁଡିକୁ କରିପାରିବାର କ୍ଷମତାକୁ ହିଁ ଇଣ୍ଟେଲିଜେନ୍ସ ବୋଲି କୁହାଯାଏ। ଗୋଟିଏ କମ୍ପୁଟର ଯନ୍ତ୍ରକୁ ସେହିସବୁ କାର୍ଯ୍ୟଗୁଡିକୁ ଆୟତ୍ତ କରେଇପାରିବାର ପ୍ରଯୁକ୍ତିର ନାମ ହିଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ  ବା କୃତ୍ରିମ ବୁଦ୍ଧିମତ୍ତା।

କୃତ୍ରିମ ବୁଦ୍ଧିମତ୍ତା ବିଷୟକ ଆଧୁନିକ ଗବେଷଣାକୁ ମୂଳତଃ ଦୁଇଟି ପ୍ରଧାନ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ବୈଜ୍ଞାନିକ ଗୋଷ୍ଠୀ ଆମ ମସ୍ତିଷ୍କର ଏକ ସରଳୀକୃତ ମଡେଲ ବ୍ୟବହାର କରିଥାନ୍ତି, ଯାହାର ନାମ ନିଉରାଲ ନେଟ୍‌ଓୟାର୍କ। ଏହି ମଡେଏଲରେ ଲକ୍ଷ ଲକ୍ଷ ଉଦାହରଣ ସାହାଯ୍ୟରେ କମ୍ପ୍ୟୁଟରକୁ ଯେକୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନ କରିବା ନିମନ୍ତେ ଶିଖେଇବାପାଇଁ ହୁଏ। ଯେପରିକି ଜନ୍ତୁର ଛବି ଚିହ୍ନିବା କିମ୍ବା ହାତର ଲେଖା ପଢି ଶିଖିବା। ଠିକ୍ ଭାବରେ ଶିଖେଇଥିଲେ ଏହି ମଡେଲର ସାହାଯ୍ୟରେ କମ୍ପୁଟର କିନ୍ତୁ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟିକୁ ମଣିଷଭଳି କରିପାରେ। ଏହାର ଉଦାହରଣ ହୋଇପାରେ କୌଣସି ରୋଗୀର ରୋଗ ନିର୍ଣ୍ଣୟ ବା ଦୋଭାଷୀର କାର୍ଯ୍ୟକରିବା କି ଚେସ୍‌ଖେଳିବା। ଏହି ପଦ୍ଧତିଟି ପୁରୁଣା ହେଲେ ମଧ୍ୟ ଗତ ଦଶବର୍ଷ ଭିତରେ କମ୍ପୁଟରର କ୍ଷମତା ବୃଦ୍ଧି ପାଇବା ଫଳରେ ଏବଂ ପ୍ରଶିକ୍ଷଣ ପାଇଁ ପ୍ରଚୁର ଟ୍ରେନିଂ ଡାଟା ବା ତଥ୍ୟ ଉପଲବ୍ଧ ହେବା କାରଣରୁ ଏହି ବିଷୟକ ଗବେଷଣାରେ ବିପୁଳ ଓ ଅବିଶ୍ୱାସ୍ୟ ଅଗ୍ରଗତି ହୋଇଛି ; କୃତ୍ରିମ ବୁଦ୍ଧିମତ୍ତା। ସଂକ୍ରାନ୍ତ ବେଶୀର ଭାଗ ବାଣିଜ୍ୟିକ ପ୍ରଗତି ମଧ୍ୟ ନିଉରାଲ ନେଟ୍‌ଓୟାର୍କ୍ ମଡେଲ ଉପରେ ଭିତ୍ତିକରି ସମ୍ଭବ ହୋଇଛି। ତେବେ ଏହି ଧରଣର ମଡେଲଗୁଡିକ ଯେକୌଣସି ଏକ କାର୍ଯ୍ୟକୁ ନିଖୁଣ ଭାବରେ ସଂପାଦନ କରିପାରେ। କିନ୍ତୁ ଅନ୍ୟ କୌଣସି ଏକ ସହଜ କାର୍ଯ୍ୟ କରିବାରେ ସେହି ମଡେଲ ବ୍ୟର୍ଥ ହୋଇପାରେ। ଯେପରିକି ଯେଉଁ କମ୍ପୁଟର ଚେସ୍ କ୍ରୀଡାପ୍ରତିଯୋଗିତାରେ ବିଶ୍ୱ ଚାମ୍ପିଅନ୍‌କୁ ହରେଇ ଦେଇପାରେ, ପିଲାଙ୍କ ମାମୁଲି ଲୁଡୁଖେଳ ଖେଳିବାପାଇଁ କହିଲେ ତାହା ସଂପୂର୍ଣ୍ଣ ଅପଦସ୍ଥ ହୋଇଯିବ।

ତେବେ ଦ୍ୱିତୀୟ ବୈଜ୍ଞାନିକ ଗୋଷ୍ଠୀ, ଯିଏ କୃତ୍ରିମ ବୁଦ୍ଧିମତା ବିଷୟରେ, ଏହି ବିଶେଷ ପଥରେ ଗବେଷଣା କରିଥାନ୍ତି, ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଲା, ଏପରି ଯନ୍ତ୍ର ତିଆରି କରିବା ଯାହା ମଣିଷ ଶିଶୁଭଳି ନାନା କାର୍ଯ୍ୟକୁ ଏକା ସାଙ୍ଗରେ ଶିଖିପାରିବ। ଏହାକୁ କୁହାଯାଏ ଜେନେରାଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ସାଧାରଣ କୃତ୍ରିମ ବୁଦ୍ଧିମତ୍ତା। ଧାରଣାଟି ଖୁବ୍ ଚିତ୍ତାକର୍ଷକ, ହେଲେ ଏ କ୍ଷେତ୍ରରେ ସଂପ୍ରତି ବିଶେଷ ଅଗ୍ରଗତି ସମ୍ଭବ ହୋଇପାରିନି। ତେବେ ବିଜ୍ଞାନୀମାନଙ୍କ ପାଇଁ ଏ କ୍ଷେତ୍ରରେ ପ୍ରଗତି ଓ ବୁଦ୍ଧିମାନ ଯନ୍ତ୍ର ନିର୍ମାଣ ଏକ ବିରାଟ ଆହ୍ୱାନ।

ସଂପ୍ରତି ଜନସାଧାରଣଙ୍କ ଚିକିତ୍ସା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା

ବିଶେଷ ଭାବରେ ବ୍ୟବହୃତ ହେଉଛି। ଭାରତରେ ଜନସଂଖ୍ୟା ଅନୁପାତରେ ସାଧାରଣ ଚିକିତ୍ସକ ଏବଂ ବିଶେଷଜ୍ଞ ଚିକିତ୍ସକମାନଙ୍କ ସଂଖ୍ୟା ଯଥେଷ୍ଟ କମ୍। ଗ୍ରାମାଞ୍ଚଳରେ, ଯେଉଁଠି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ହସ୍‌ପିଟାଲର ଘୋର ଅଭାବ, ସେଠାରେ ଡାକ୍ତର ଜଣେ ମିଳିବା ଅତ୍ୟନ୍ତ କଷ୍ଟକର। ହୁଏତ ଅଦୂର ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ସାହାଯ୍ୟରେ କୌଣସି ବିଶେଷଜ୍ଞ ଚିକିତ୍ସକଙ୍କ ବ୍ୟତୀତ ମଧ୍ୟ ପ୍ରାଥମିକ ବା ସାଧାରଣ ଚିକିତ୍ସକଙ୍କ ପକ୍ଷେ କମ୍ପ୍ୟୁଟର ବ୍ୟବହାର କରି ରୋଗ ବିଶ୍ଲେଷଣ, ରୋଗ ନିର୍ଦ୍ଧାରଣ ଓ ରୋଗ ଚିକିତ୍ସାର ନାନା ପଥ ନିର୍ଣ୍ଣୟ କରିବା ସମ୍ଭବ ହୋଇପାରିବ। ସାରା ପୃଥିବୀର ନାନା ରୋଗର କୋଟି କୋଟି ଟ୍ରେନିଂ ଡାଟା, ଯେପରିକି ରୋଗର ବର୍ଣ୍ଣନା, ନିର୍ଣ୍ଣୟ ଏବଂ ଚିକିତ୍ସା ପଦ୍ଧତି କମ୍ପ୍ୟୁଟରରେ ସଂଚିତ ହୋଇପାରିବ ନିଉରାଲ ନେଟ୍‌ଓ୍ୱାର୍କ ମଡେଲର ମାଧ୍ୟମରେ। ତୃତରାଂ ପ୍ରାଥମିକ ଚିକିତ୍ସକଙ୍କ ନସ୍ ମଧ୍ୟ ଯଦି କୌଣସି ରୋଗୀର ସମସ୍ତ ଶାରୀରିକ ସମସ୍ୟାର ତଥ୍ୟ କମ୍ପ୍ୟୁଟରକୁ ଯୋଗାଇ ଦେଇପାରିବେ, ତାହାହେଲେ କମ୍ପ୍ୟୁଟରଟି ସେହି ତଥ୍ୟକୁ ବିଶ୍ଳେଷଣ କରି ସଞ୍ଚିତ ତଥ୍ୟର ସହ ତୁଳନା କରି ରୋଗର ବର୍ଣ୍ଣନା ଓ ନିର୍ଣ୍ଣୟ ଜଣେଇ ଦେଇପାରିବ। ଏହାର ଅର୍ଥ ଯନ୍ତ୍ରକୁ 'ଶିଖେଇ' ଦେଇହେବ, କେଉଁ ରୋଗର ନିର୍ଣ୍ଣୟ ବା ଡାୟାଗ୍ନୋସିସ୍ କେଉଁ ପ୍ରକାରରେ କରାଯାଇପାରେ। କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏହି କମ୍ପ୍ୟୁଟର ଚିକିତ୍ସକମାନଙ୍କ ପାଇଁ ହୋଇ ଉଠିବ ଅତ୍ୟନ୍ତ ବିଶ୍ୱାସଯୋଗ୍ୟ ସହାୟକ। କୌଣସି ମଣିଷ ପକ୍ଷେ ବି ପୃଥିବୀର ସବୁ ରୋଗର ଯାବତୀୟ ତଥ୍ୟ ଜାଣିବା ସମ୍ଭବ ନୁହେଁ। ଅଥଚ କମ୍ପ୍ୟୁଟର ପକ୍ଷରେ ସେଇଟା ଅନାୟାସରେ ହିଁ ସମ୍ଭବ। ବର୍ତ୍ତମାନର କୋଭିଡ୍ ମହାମାରୀର କ୍ଷେତ୍ରରେ ମଧ୍ୟ ବ୍ୟବହୃତ ହେଉଛି କୃତ୍ରିମ ବୁଦ୍ଧିମତ୍ତା। ଯେପରିକି କୋଭିଡ୍ ସଂକ୍ରମଣର ମଡେଲ ତିଆରି କରିବା ଏବଂ କେଉଁ ଲହର କେବେ କେଉଁ ଦେଶର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରକାଶ ପାଇପାରେ, ତା'ର ପୂର୍ବାଭାସ କରିବା। ଏହିସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବହୁଳ ବ୍ୟବହାର ହେଉଛି। ଫଳରେ ଘଟଣା ଘଟିବା ପୂର୍ବରୁ ସମ୍ଭାବ୍ୟ ପରିସ୍ଥିତି ସମ୍ବନ୍ଧରେ ଆମେ ଅବହିତ ରହି ପାରୁଛେ ଏବଂ ସଂକ୍ରମଣ ପ୍ରତିରୋଧ ପାଇଁ ପ୍ରତିକାର ବିଧାନ ସମ୍ଭବ ହୋଇପାରୁଛି। ସଂପ୍ରତି ଆମ ଦେଶରେ ପ୍ରଧାନତଃ ଚାରିଟି ରୋଗ ନିର୍ଣ୍ଣୟ ଓ ଚିକିତ୍ସା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟାବାହର ଆରମ୍ଭ ହୋଇଛି। କ୍ୟାନସର, ଡାଇବେଟିସ୍ ଓ ତଜ୍ଜନିତ ଚକ୍ଷୁର ସମସ୍ୟା, ଆଜମା ଏବଂ ଯକ୍ଷ୍ମା। ଭାରତର ଅଗ୍ରଗଣ୍ୟ କିଛି ହସପିଟାଲ ସହ ପୃଥିବୀର ଏକାଧିକ ଅତ୍ୟୁନ୍ନତ ତଥ୍ୟ ପ୍ରଯୁକ୍ତି ସଂସ୍ଥାର ଯୌଥ ଉଦ୍ୟୋଗରେ କାର୍ଯ୍ୟ ଚାଲିଛି।

ତେବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାରରେ ସମସ୍ୟା ମଧ୍ୟ ରହିଛି। ଯେପରିକି ଆମ ଦେଶର ନିର୍ଭ୍ରଯୋଗ୍ୟ ସ୍ୱାସ୍ଥ୍ୟ -ତଥ୍ୟର ଯଥେଷ୍ଟ ଅଭାବ। ବେଶୀର ଭାଗ ତଥ୍ୟ ହେଉଛି ହାତଲେଖା। ତାହା ପୁଣି ଅନେକ କ୍ଷେତ୍ରରେ ପଢ଼ିପାରିବା ବି ଅସମ୍ଭବ। ସେଥିପାଇଁ ଯଥାର୍ଥ ଡାଟାବେସ୍ ତିଆରି କରିବା ଖୁବ୍ କଠିନ। ଅଥଚ ଯଥାର୍ଥ ଟ୍ରେନିଂ ଡାଟା ଯଦି ଡାଟାବେସ୍‌ରେ ନଥାଏ, ତେବେ କମ୍ପ୍ୟୁଟର ପକ୍ଷରେ ଠିକ୍ ରୋଗ ନିର୍ଦ୍ଧାରଣ ଏବଂ ଚିକିତ୍ସାର ଉପାୟ ନିର୍ଣ୍ଣୟ କରିବା ଅସମ୍ଭବ ହେବାରେ ଅସ୍ୱାଭାବିକତା କିଛି ନାହିଁ। ସେ କ୍ଷେତ୍ରରେ ପ୍ରତି ପଦେ ପଦେ ଭୁଲ ହେବାଟା ସ୍ୱାଭାବିକ। କମ୍ପ୍ୟୁଟରକୁ ଭୁଲ୍ ବା ଅସଂପୂର୍ଣ୍ଣ ତଥ୍ୟ ଦେଲେ ସେ ତ୍ରୁଟିପୂର୍ଣ୍ଣ ଫଳ ଦେବାରେ ବିଚିତ୍ରତା ନାହିଁ। ଏହି ସମସ୍ୟା ସମାଧାନର ପ୍ରଥମ ପଦକ୍ଷେପ ହେଲା ସ୍ୱାସ୍ଥ୍ୟସଂକ୍ରାନ୍ତ ସମସ୍ତ ରେକର୍ଡ କେନ୍ଦ୍ରୀଭୂତ ଭାବେ ଡିଜିଟାଲ ନଥିଭୁକ୍ତ କରିବା। ଏହା ହୋଇ ପାରିଲେ ଦେଶର ଯେକୌଣସି ସ୍ଥାନରୁ ଯେକୌଣସି ସ୍ୱାସ୍ଥ୍ୟରେକର୍ଡ ଅନାୟାସରେ କମ୍ପ୍ୟୁଟର ମାଧ୍ୟମରେ ଦେଖି ନେଇହେବ। ପରବର୍ତ୍ତୀ କାଳରେ ଏହି ରେକର୍ଡ ପର୍ଯ୍ୟାପ୍ତ ହୋଇଗଲେ ତାକୁ ଡାଟାବେସ୍‌ରେ ନଥିଭୁକ୍ତ କରିହେବ। ଧୀରେ ଧୀରେ ହେଲେ ମଧ୍ୟ ଆମ ଦେଶ କିନ୍ତୁ ନିଶ୍ଚିତ ଭାବରେ ଏହି ପଥରେ ଅଗ୍ରସର ହୋଇ ଚାଲିଛି।


ଆହୁରି ଗୋଟିଏ ଦିଗପ୍ରତି ଲକ୍ଷ୍ୟ ରଖିବା ଅତ୍ୟନ୍ତ ଜରୁରୀ। ତାହାହେଲା- କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଆମ ଦେଶରେ ଦକ୍ଷତା ବୃଦ୍ଧି ପାଉଛି କି ନା। ଗତ କେତେକ ବର୍ଷ ଭାରତରେ ଏହି କୃତ୍ରିମ ବୁଦ୍ଧିମତ୍ତା ସଂକ୍ରାନ୍ତ ସଂସ୍ଥାଗୁଡ଼ିକର ଶତକଡ଼ା ବୃଦ୍ଧିର ହାର ଆମେରିକା ଓ ଚୀନକୁ ଅତିକ୍ରମ କରିଗଲାଣି। ପୁନଶ୍ଚ ଏହି ବିଷୟରେ ପୃଥିବୀର ସବୁଠାରୁ ବେଶୀ ସ୍ନାତକ ଛାତ୍ରଛାତ୍ରୀ ହେଉଛନ୍ତି ଭାରତୀୟ। ଅଥଚ୍ ଦୁଃଖର ବିଷୟ ହେଲା, ସ୍ନାତକୋତ୍ତର ସ୍ତରରେ କିମ୍ବା ପିଏଚ୍.ଡି. କରିବାପାଇଁ ଆମ ଦେଶରୁ ଛାତ୍ରଛାତ୍ରୀମାନେ ବିଦେଶକୁ ଚାଲି ଯାଉଛନ୍ତି, କାରଣ ଭାରତରେ ଏହି ବିଷୟରେ ଉଚ୍ଚଶିକ୍ଷାର ସୁଯୋଗ ଖୁବ୍ କମ୍। ଯେଉଁମାନେ ଉଚ୍ଚତର ଶିକ୍ଷାଲାଭ ପାଇଁ ବିଦେଶକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଦେଶକୁ ଫେରିଆସିବାର ନାଁ ଧରୁନାହାନ୍ତି। ଏହି ମେଧା - ଚାଲାଣ ବନ୍ଦ କରିବାପାଇଁ ହେଲେ ସ୍ୱଭାବତଃ ହିଁ ଦେଶ ଭିତରେ ଯଥାର୍ଥ ସୁଯୋଗର ବ୍ୟବସ୍ଥା କରିବାପାଇଁ ହେବ। କେବଳ ଉଚ୍ଚଶିକ୍ଷାର ମାଧ୍ୟମରେ ନୁହେଁ, ପ୍ରକୃତ ନିଯୁକ୍ତିର ପ୍ରତିଶ୍ରୁତି ମିଳିବା ମଧ୍ୟ ପ୍ରୟୋଜନ। ଏହା ଅନସ୍ୱୀ କାର୍ଯ୍ୟ ଯେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳିତ। ନିକଟ ଭବିଷ୍ୟତର ଉନ୍ମୁକ୍ତ ଆହ୍ୱାନକୁ ଆମେ ଯେପରି ଅଗ୍ରାହ୍ୟ ନ କରୁ।

ତୟାଲ୍ଡାର ଆଇଜ୍ୟାକସନ୍ ଲେଖିଥିଲେ ଯେ, କୃତ୍ରିମ ବୁଦ୍ଧିମତା ହେଲା ଯନ୍ତ୍ରର ସହ ଶ୍ରମ ଏବଂ ଶିଳ୍ପ ସମିଶ୍ରଣ। ଆମେ ଜାଣୁ ଯେ ଯନ୍ତ୍ରକୁ ଶ୍ରମିକର କାର୍ଯ୍ୟ ଶିଖେଇବା ସମ୍ଭବ। କିନ୍ତୁ ପ୍ରଶ୍ନ ଉଠେ ଯେ ଯନ୍ତ୍ରକୁ ଚିନ୍ତା କରିବାପାଇଁ ଶିଖେଇଲେ ଯନ୍ତ୍ର କ'ଣ ଶିଳ୍ପୀ ମଧ୍ୟ ହୋଇପାରିବ ? ହୁଏତ ହୋଇପାରେ !

**ପ୍ଲଟ ନଂ- ୧୧୩୧, ସେକ୍ଟର-୬,**
**ଅଭିନବ ବିଡାନାସୀ, କଟକ**



ଶତ୍ରୁ ଓ ମିତ୍ର - ଉଭୟଙ୍କର ଜନ୍ମଦାତା ହେଉଛି ମନୁଷ୍ୟର ନିଜର ବ୍ୟବହାର।




# ନୀରଜଙ୍କ ଐତିହାସିକ ସଫଳତା

ଆଶିଷ କୁମାର ରାୟ



୨୭ ଅଗଷ୍ଟ ୨୦୨୩ – ଏହି ଦିନଟି ଭାରତୀୟ ଆଥଲେଟିକ୍ସ ଇତିହାସରେ ଏକ ସ୍ମରଣୀୟ ଦିବସ ହୋଇ ରହିବ, ଠିକ୍ ୮ ଅଗଷ୍ଟ ୨୦୨୧ ଭଳି। ଦୁଇବର୍ଷ ତଳେ ଅଗଷ୍ଟ ୮ ତାରିଖରେ ଜାପାନର ରାଜଧାନୀ ଟୋକିଓରେ ଅଲିମ୍ପିକ୍ ଷ୍ଟାଡିୟମରେ ଭାରତର ଜାଭଲିନ୍ ନିକ୍ଷେପକାରୀ ନୀରଜ ଚୋପ୍ରା ଆଥଲେଟିକ୍ସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରି ଇତିହାସ ରଚିଥିବା ବେଳେ ଏହି ବର୍ଷ ଅଗଷ୍ଟ ୨୭ରେ ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟ ସ୍ଥିତ ନ୍ୟାସନାଲ ଆଥଲେଟିକ୍ସ ସେଣ୍ଟରରେ ଆୟୋଜିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ମଧ୍ୟ ଆମ ଦେଶ ପାଇଁ ଜିତିଛନ୍ତି ପ୍ରଥମ ସ୍ୱର୍ଣ୍ଣପଦକ। ଏଠାରେ ଫାଇନାଲରେ ନୀରଜ ୮୮.୧୭ ମିଟର ଦୂରତ୍ୱକୁ ଜାଭଲିନ୍ ଫିଙ୍ଗି ବିଶ୍ୱ ଚାମ୍ପିଆନ ବନିଯାଇଛନ୍ତି। ପୂର୍ବରୁ ବିଶ୍ୱସ୍ତରୀୟ ଆଥଲେଟିକ୍ସ ମୁକାବିଲାରେ ଆମକୁ ଖୁବ୍ କମ ସଫଳତା ମିଳିଥିବା ଦୃଷ୍ଟିରୁ ଆମ ଦେଶର ଉଦୀୟମାନ ତାରକା ନୀରଜ ଚୋପ୍ରାଙ୍କର ଏହି ଦୁଇଟି ଐତିହାସିକ ସଫଳତା ନିଶ୍ଚିତ ଭାବେ ଏହି ଖେଳରେ ଦେଶର ଗୌରବ ବୃଦ୍ଧି କରିଛି। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିଆନଶିପରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଗତ ବର୍ଷ ସ୍ୱିଜରଲାଣ୍ଡର ଲୌସାନେ ଠାରେ ଆୟୋଜିତ ଡାଇମଣ୍ଡ ଲିଗ୍‌ର ଫାଇନାଲରେ ବିଜୟୀ ହେବା ମଧ୍ୟ ତାଙ୍କର ଆଉ ଏକ ଉଲ୍ଲେଖନୀୟ ସଫଳତା।

ଭାରତୀୟ ଆଥଲେଟିକ୍ସର ଗୋଲଡେନ୍ ବୟ ନୀରଜ ଚୋପ୍ରା ଯେ ଆମ ଦେଶର ସର୍ବଶ୍ରେଷ୍ଠ ଆଥଲେଟ୍ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ୨୪ ଡିସେମ୍ବର ୧୯୯୭ରେ ହରିୟାଣାର ପାନିପତ୍ ନିକଟସ୍ଥ ଖାଣ୍ଡ୍ରା ନାମକ ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ନୀରଜଙ୍କ ଆଥ୍‌ଲେଟିକ୍ସ ଦୁନିଆରେ ପ୍ରବେଶ ଥିଲା ଏକ ସଂଯୋଗ ମାତ୍ର। ପିଲାଦିନୁ ଅଧିକ ମୋଟା ହୋଇଯାଉଥିବାରୁ ନୀରଜଙ୍କୁ ତାଙ୍କ ପିତା ସତୀଶ କୁମାର ଏକ ଜିମ୍‌ରେ ଭର୍ତ୍ତି କରାଇଥିଲେ ଏବଂ ଷ୍ଟାଡିୟମ୍‌ରେ ଦୌଡ଼ାଧାଁ କରିବାକୁ ପଠାଇଥିଲେ। ସେହିଠାରୁ ହିଁ ନୀରଜଙ୍କ ଆଥ୍‌ଲେଟିକ୍ସ ଜୀବନର ମୂଳଦୁଆ ପଡ଼ିଲା। ଜାଭ୍‌ଲିନ୍ ଥ୍ରୋ ଭଳି ଏକ କଷ୍ଟସାଧ୍ୟ ଖେଳରେ ନିଜକୁ ନିୟୋଜିତ କରିବା ସହିତ ଏଥିରେ ଦିନକୁ ଦିନ ଉନ୍ନତି କରିବାକୁ ଲାଗିଲେ ଏବଂ କିଛିବର୍ଷ ଧରି ଜର୍ମାନୀର ପ୍ରସିଦ୍ଧ କୋଚ୍ ଉବେ ହନ୍ ଏବଂ ପରବର୍ତ୍ତୀ ସମୟରେ କ୍ଲାଉସ୍ ବାର୍ଟୋନିସ୍ଙ୍କ ତତ୍ତ୍ୱାବଧାନରେ ରହି ଜଣେ ବିଶ୍ୱବିଜୟୀ ଆଥଲେଟ୍‌ରେ ପରିଣତ ହୋଇଗଲେ ସେ।

୨୦୧୬ରେ ଜାଭଲିନ୍ ଥ୍ରୋରେ ଜାତୀୟ ଚାମ୍ପିଆନ ହେବା ପରେ ସେହିବର୍ଷ ନୀରଜ ଗୁଆହାଟିଠାରେ ଦକ୍ଷିଣ ଏସୀୟ ଆଥଲେଟିକ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ଭିଏତ୍‌ନାମରେ ଆୟୋଜିତ ଏସୀୟ ଜୁନିଅର ଆଥଲେଟିକ୍ସରେ ରୌପ୍ୟପଦକ ଜିତିଥିଲେ। ସେହି ବର୍ଷ ମଧ୍ୟ ପୋଲାଣ୍ଡର ବାଇଡୋସିଚ୍‌ରେ ଆୟୋଜିତ ବିଶ୍ୱ ଜୁନିଅର ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ୮୬.୪୮ ମିଟର ଦୂରତାକୁ ଜାଭଲିନ୍ ନିକ୍ଷେପ କରି ସ୍ୱର୍ଣ୍ଣ ଜିଣିବା ସହିତ ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ। ଏହାପରେ ୨୦୧୭ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏସୀୟ ଆଥଲେଟକ୍ସ, ୨୦୧୮ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ତଥା ଇଣ୍ଡୋନେସିଆର ରଜଧାନୀ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆଡରେ ସ୍ୱର୍ଣ୍ଣପଦକ ଜିତି ଦେଶର ଗୌରବ ବୃଦ୍ଧି କରିଥିଲେ। ତେବେ ୨୦୧୯ରେ ଆଘାତପ୍ରାପ୍ତ ହୋଇ କିଛିଦିନ ଖେଳରୁ ଦୂରେଇ ରହିବା ପରେ କରୋନା ମହାମାରୀ ଯୋଗୁଁ ମଧ୍ୟ ତାଙ୍କର ଅଭ୍ୟାସ ବାଧାପ୍ରାପ୍ତ ହୋଇଥିଲା।

କରୋନା ମହାମାରୀ ସକାଶେ ଟୋକିଓ ଅଲିମ୍ପିକ୍ ଗୋଟିଏ ବର୍ଷ ବିଳମ୍ବିତ ହେବା ମଧ୍ୟ ନୀରଜଙ୍କ ପାଇଁ ଥିଲା ଆଶୀର୍ବାଦ ସଦୃଶ। ଇତିମଧ୍ୟରେ ନିଜକୁ ଭଲଭାବେ ପ୍ରସ୍ତୁତ କରି ପ୍ରଥମଥର ସକାଶେ ଅଲିମ୍ପିକ୍‌ର କ୍ରୀଡ଼ାଙ୍ଗନରେ ଅବତୀର୍ଣ୍ଣ ହେବା ସହିତ ଜାଭଲିନ୍ ଥ୍ରୋ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ୮୭.୫୮ ମିଟର ଦୂରକୁ ଜାଭଲିନ୍ ନିକ୍ଷେପ କରି ନୀରଜ ଭାରତର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ଅଲିମ୍ପିକ୍‌ର ଏକ ଦୁର୍ଲଭ ସ୍ୱର୍ଣ୍ଣପଦକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଜର୍ମାନୀର ଯୋହାନସ୍ ଭେଟର୍ ଓ ଜୁଲିଆନ୍ ୱେବର୍ ତଥା ଚେକ୍ ରିପବ୍ଲିକ୍‌ର ୟାକୁବ୍ ଭାଲଡେଚ୍ ଏବଂ ଭିଟେସ୍ଲାଭ୍ ଭେସେଲୀଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇ ଅଲିମ୍ପିକ୍ ସ୍ୱର୍ଣ୍ଣ ଜିଣିବା ଥିଲା ଏକ ବିରାଟ ସଫଳତା। ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ଜିଣିଥିବା ଯୋଗୁଁ ନୀରଜ ଚୋପ୍ରାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମଧ୍ୟ ମିଳିଥିଲା। ଏତଦ୍‌ବ୍ୟତୀତ ସେହିବର୍ଷ ତାଙ୍କୁ ସେନାବାହିନୀର ପରମ ବିଶିଷ୍ଟ ସେବା ପଦକ ମିଳିବା ସହିତ ପଦ୍ମଶ୍ରୀ ସମ୍ମାନ ମଧ୍ୟ ମିଳିଥିଲା।

ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟ ପରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ମଧ୍ୟ ଅନୁରୂପ ସଫଳତା ହାସଲ କରିବା ଥିଲା ନୀରଜଙ୍କ ପରବର୍ତ୍ତୀ ଲକ୍ଷ୍ୟ। ସେହି ଲକ୍ଷ୍ୟ ନେଇ ଫିନଲାଣ୍ଡରେ ସେ କଠିନ ଅଭ୍ୟାସ ଆରମ୍ଭ କରିଦେଇଥିଲେ। ୨୦୨୨ର ଜୁନ୍ ମାସରେ ସେ ଦେଶରେ ଆୟୋଜିତ ପାଭୋ ନୁର୍ମି ଗେମ୍ସରେ ରୌପ୍ୟ ପଦକ ହାସଲ କରିବା ପରେ କୁର୍ଟେନ୍ ଗେମ୍ସରେ ହାସଲ କରିଥିଲେ ସ୍ୱର୍ଣ୍ଣପଦକ। ଏହାପରେ ଜୁନ୍ ୩୦ ତାରିଖ ଦିନ ସ୍ୱିଡେନ୍‌ର ଷ୍ଟକହୋମ୍‌ରେ ଆୟୋଜିତ ଡାଇମଣ୍ଡ ଲିଗ୍‌ରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ୮୯.୯୪ମିଟର ଦୂରକୁ ଜାଭଲିନ୍ ନିକ୍ଷେପ କରି ରୌପ୍ୟପଦକ ଜିଣିଲେ। ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାରେ କୌଣସି ଭାରତୀୟ ଆଥଲେଟ୍‌ଙ୍କର ଏହା ଥିଲା ପ୍ରଥମ ପଦକ। ପରେ ସେ ୨୦୨୨ର ଡାଇମଣ୍ଡ ଲିଗ୍ ଫାଇନାଲରେ ସ୍ୱର୍ଣ୍ଣପଦକ ମଧ୍ୟ ହାସଲ କରିଥିଲେ।

୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ସ୍ୱର୍ଣ୍ଣପଦକ ଜିତିବାର ଲକ୍ଷ୍ୟ ନେଇ ନୀରଜ ପହଁଚିଥିଲେ ଆମେରିକାରେ। ପୂର୍ବରୁ ଏହି ପ୍ରତିଯୋଗିତାରେ ଭାରତକୁ କେବଳ ଗୋଟିଏ ବ୍ରୋଞ୍ଜପଦକ ହିଁ ମିଳିଥିଲା, ଯାହାକୁ ୨୦୦୩ରେ ପ୍ୟାରିସଠାରେ ମହିଳା ଲଙ୍ଗଜମ୍ପରେ ଅଞ୍ଜୁ ବବି ଜର୍ଜ ହାସଲ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ଓରେଗନ୍ ରାଜ୍ୟର ୟୁଜିନ୍‌ଠାରେ ଅନୁଷ୍ଠିତ ୨୦୨୨ର ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ଚୋପ୍ରା ଅଲିମ୍ପିକ୍ ସଫଳତାକୁ ଦୋହରାଇ ପାରିନଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟପଦକ ହାସଲ କଲେ। ସେଠାରେ ଜାଭଲିନ୍‌ର ଫାଇନାଲରେ ଗ୍ରେନାଡ଼ାର ଆଣ୍ଡରସନ୍ ପିଟର୍ସ ୯୦.୫୪ମିଟର ଥ୍ରୋ କରି ବାଜି ମାରିନେଇଥିବା ବେଳେ ନୀରଜ ୮୮.୧୩ ମିଟରକୁ ଜାଭଲିନ୍ ଫିଙ୍ଗି ତାଙ୍କ ପଛକୁ ରହିଯାଇଥିଲେ।

ତେବେ ଗତବର୍ଷ ନୀରଜଙ୍କ ଯେଉଁ ସ୍ୱପ୍ନ ଅଧୁରା ରହିଯାଇଥିଲା ତାହା ଏହିବର୍ଷ ବୁଦାପେଷ୍ଟରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସରେ ପୂରଣ ହୋଇଯାଇଛି। ପାକିସ୍ତାନର ଅଶରଫ୍ ନଦୀମ୍ ଓ ଚେକ୍ ରିପବ୍ଲିକ୍‌ର ୟାକୁବ୍ ଭାଲଡେଚ୍‌ଙ୍କୁ ପଛରେ ପକାଇ ନୀରଜ କେବଳ ନିଜର ନୁହେଁ, ବରଂ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ଭାରତର ପ୍ରଥମ ସ୍ୱର୍ଣ୍ଣପଦକ ମଧ୍ୟ ହାସଲ କରି ନେଇଛନ୍ତି। ବୁଦାପେଷ୍ଟ ଠାରେ ନୀରଜଙ୍କୁ ମିଶାଇ ଭାରତର ତିନିଜଣ ଖେଳାଳି ଜାଭଲିନ୍ ଥ୍ରୋ ଫାଇନାଲରେ ପହଁଚିବା ମଧ୍ୟ ଆଉ ଏକ ଉଲ୍ଲେଖନୀୟ ଘଟଣା। ଏଥରେ ନୀରଜ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିଣିଥିବା ବେଳେ ଓଡ଼ିଶାର କିଶୋର କୁମାର ଜେନା ପଞ୍ଚମ ତଥା କର୍ଣ୍ଣାଟକର ଡି.ପି. ମନୁ ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ସୁତରାଂ ନୀରଜ ଚୋପ୍ରାଙ୍କ ସଫଳତା ଭାରତର ଅନ୍ୟ ଆଥଲେଟ୍‌ମାନଙ୍କୁ କିଭଳି ଉନ୍ନତ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିଛି, ତାହା ଏହି ଘଟଣାରୁ ସ୍ପଷ୍ଟ। ଆଗକୁ ମଧ୍ୟ ନୀରଜଙ୍କ ପଦାଙ୍କ ଅନୁସରଣ କରି ଆମ ଦେଶର ଯୁବ ଖେଳାଳିମାନେ ବିଶ୍ୱସ୍ତରୀୟ କ୍ରୀଡ଼ାରେ ଦେଶ ପାଇଁ ପଦକ ନିଶ୍ଚୟ ଜିଣିବେ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ମୋ-୯୪୩୭୬୨୭୫୧୪

# ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ବର୍ଷ ସେପଟ୍ମେର ୫ରେ ଶିକ୍ଷକ ଦିବସ ତଥା ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ବାର୍ଷିକୀ ଅବସରରେ 'ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩' ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ବିଜ୍ଞାନ ଭବନରେ ଆୟୋଜିତ ହୋଇଥିଲା।

ଚଳିତ ବର୍ଷ ଏହି ସମ୍ମାନଜନକ ପୁରସ୍କାର ପାଇଁ ଦେଶର ୭୫ ଜଣ ଶିକ୍ଷକଙ୍କୁ ଚୟନ କରାଯାଇଛି। ଏହି ପୁରସ୍କାର ଶିକ୍ଷକମାନଙ୍କର ଅନନ୍ୟ ଅବଦାନକୁ ସମ୍ମାନିତ କରିବା ପାଇଁ ପ୍ରଦାନ କରାଯାଏ, ଯେଉଁମାନେ ସେମାନଙ୍କର ପ୍ରତିବଦ୍ଧତା ଏବଂ ନିଷ୍ଠା ଦ୍ୱାରା କେବଳ ଶିକ୍ଷାର ଗୁଣରେ ଉନ୍ନତି କରିନାହାଁନ୍ତି ବରଂ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କ ଜୀବନକୁ ମଧ୍ୟ ସମୃଦ୍ଧ କରିଛନ୍ତି। ପୁରସ୍କାର ସ୍ୱରୂପ ଏକ କୃତିତ୍ୱ ପ୍ରମାଣପତ୍ର, ଏକ ରୌପ୍ୟ ପଦକ ସହିତ ୫୦ ହଜାର ଟଙ୍କାର ନଗଦ ପ୍ରଦାନ କରାଯାଏ।

ମନୋନୀତ ୭୫ ଶିକ୍ଷକଙ୍କ ମଧ୍ୟରୁ ୫୦ ଜଣ ବିଦ୍ୟାଳୟର ଶିକ୍ଷକ, ୧୩ ଜଣ ଉଚ୍ଚଶିକ୍ଷାର ଶିକ୍ଷକ ଏବଂ ୧୨ ଜଣ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ବିଭାଗର ଶିକ୍ଷକ। ଆମ ଓଡିଶାରୁ ମଧ୍ୟ ୪ ଜଣ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ, ଭଦ୍ରକର କେନ୍ଦୁଆପଡା ନୋଡାଲ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶଶି ଶେଖର କର ଶର୍ମା, ଜଗତସିଂପୁରର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ଆଇଟିଆଇ ଖୋର୍ଦ୍ଧାର ଶିକ୍ଷକ ରବିନାରାୟଣ ସାହୁ ଏବଂ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର ଶିକ୍ଷୟତ୍ରୀ ସୁନୀତା ସିଂହ।



ସମ୍ପଦ ମନକୁ ଆନନ୍ଦ ଦିଏ, କିନ୍ତୁ ବିପଦ ମନକୁ ଦୃଢ କରିଦିଏ।

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ମଙ୍ଗଳ ଗ୍ରହରେ ସୁନା ଅଛି କି ?** ନାସା ଦ୍ୱାରା ପ୍ରେରିତ ୬ ଚକଯୁକ୍ତ କ୍ୟୁରୋସିଟି ଯାନ ମଙ୍ଗଳ ବକ୍ଷରେ ଥିବା ଭେରା ରୁବିନ ରିଜରେ ଅବତରଣ କରି ସେଠାକାର ଏକ ଧୂସର ରଙ୍ଗର ବେଡରକକୁ ନିରୀକ୍ଷଣ କଲାବେଳେ ତା' ନଜରରେ ଆଉ ଚାରୋଟି ଅପେକ୍ଷାକୃତ ମସୃଣ ପାହାଡ ଆସିଥିଲା ଯାହାର ରଙ୍ଗ ସୁନା ପରି ହୋଇଥିଲା । ନାସାର ବୈଜ୍ଞାନିକଙ୍କ ମତରେ ଲିଟିଲ କୋଲୋନସେ ଗୋଟିଏ ଗ୍ରହାଣୁ ହୋଇପାରେ । କିନ୍ତୁ ଏହାକୁ ନିଶ୍ଚିତ କରିବା ଲାଗି କେତୋଟି ରାସାୟନିକ ପରୀକ୍ଷଣର ଆବଶ୍ୟକତା ରହିଛି । କ୍ୟୁରୋସିଟି ଯାନରେ ଥିବା କେମକ୍ୟାମ ଯେଉଁଥିରେ ଏକ କ୍ୟାମେରା ସହ ସ୍ପେକ୍ଟ୍ରୋଗ୍ରାଫ୍ ଓ ଲେଜର ବ୍ୟବସ୍ଥା ରହିଛି । ଏହାଦ୍ୱାରା ୭ ମିଟର ଦୂରରୁ ଗୋଟିଏ ପାହାଡର ପ୍ରକାର, ଗୋଡି ମାଟିର ଉପାଦାନ, ମହଜୁଦ ଥିବା ରାସାୟନିକ ପଦାର୍ଥର ପରିମାଣ, ଖଣିଜ ପଦାର୍ଥରେ ରହିଥିବା ଜଳ ଓ ବରଫର ଉପସ୍ଥିତିକୁ ବାରିପାରିବା, ପାହାଡ ଉପରିଭାଗରେ ଥିବା ଖୋଳପାର ଗଭୀରତା ଏବଂ ଏହାର ସଂରଚନା ସଂପର୍କରେ ସଠିକ ସୂଚନା ଦେବା, ଗାତ ଖୋଳା ହେଲାବେଳେ ଆବଶ୍ୟକ ଆଲୋକ ଦେଖାଇବା ଆଦି କାର୍ଯ୍ୟ ସଂପାଦିତ ହୋଇଥାଏ । ୨୦୧୩ ରେ ଏହାଦ୍ୱାରା ପ୍ରେରିତ ଚିତ୍ରଟିଏ ଠେକୁଆ ପରି ଦୃଶ୍ୟମାନ ହେଉଥିଲା, କିନ୍ତୁ ପ୍ରକୃତରେ ଏହା ଏକ ପ୍ରକାର ପାରିଡୋଲିଆ ଥିଲା ଅର୍ଥାତ ଆଲୋକର ଇନ୍ଦ୍ରଜାଲ ଯେଉଁଥିରେ ଆପେ ଆପେ ଆମ ମସ୍ତିଷ୍କ ଜୀବଜନ୍ତୁଙ୍କ ଚିତ୍ରର କଳ୍ପନା କରିଥାଏ । ୨୦୧୫ ରେ ଏହି ଯାନ ଏକ ବୃହତ ଗ୍ରହାଣୁକୁ ଠାବ କରିଥିଲା ଯେଉଁଠାରେ ନିକେଲ ଓ ଲୁହା ପ୍ରଚୁର ପରିମାଣରେ ଗଚ୍ଛିତ ଥିବା ଜଣାଗଲା । ୨୦୧୮ରେ ଦୂରରୁ ଏକ ଚକଚକ୍ କରୁଥିବା ହଳଦିଆ ରଙ୍ଗର ପାହାଡ ଦେଖାଗଲା ଯାହାକୁ ଲିଟିଲ କୋଲୋନସେ କୁହା ଯାଉଛି ସେଥିରେ ପ୍ରଚୁର ପରିମାଣରେ ସୁନା ମହଜୁଦ ଥିବା ଅନୁମାନ କରି ଆଉଥରେ ଅତି ନିକଟରୁ ଏହାର ପୂର୍ଣାଙ୍ଗ ବିଶ୍ଳେଷଣ କରିବାକୁ ନାସା ସ୍ଥିର କରିଛି ।

**ଟ୍ୱିଟର ବନାମ ଥ୍ରେଡ୍ସ –** ୨୦୨୩ ମସିହା ଜୁନ ୬ ତାରିଖରେ ଇନଷ୍ଟାଗ୍ରାମର ମୂଳ କଂପାନୀ ମେଟା ଥ୍ରେଡ୍ସ ନାମକ ଏକ ନୁଆଁ ଆପ ପ୍ରଚଳନ ଆରମ୍ଭ କଲା ଯାହାର ମୂଳ ଲକ୍ଷ୍ୟ ଦୀର୍ଘ ଦଶନ୍ଧି ଧରି ମାଇକ୍ରୋବ୍ଲଗିଙ୍ଗ ସ୍ପେସର ଏକ ଅଂଶରେ ପ୍ରଭୁତ୍ୱ ବିସ୍ତାର କରିଥିବା ଏଲନ ମସ୍କଙ୍କୁ ଟକ୍କର ଦେବା । ଟ୍ୱିଟର ଭଳି ଟେକ୍ସ ଅପଡେଟ୍ସ, ଲିଙ୍କ୍ସ, ଛବି, ଭିଡିଓ ଏବଂ ଆଲଗରିଦମ ଦ୍ୱାରା ସମର୍ଥିତ ଲାଇକ, କମେଂଟ ଏବଂ ରିପୋଷ୍ଟ ଭଳି ବ୍ୟବସ୍ଥା ଥିବାରୁ ଏହା ସମାନ୍ତର ଗତିରେ ପ୍ରତିଯୋଗୀତାକୁ ଆହୁରି ତୀବ୍ର କରିପାରିଛି । ଏହାର ବଡପଣ ହେଲା ଏହାର ନେଟୱାର୍କ ଇଫେକ୍ଟ । ମେଟାର ଆଉ ଏକ ଯୁକ୍ତାତ୍ମକ ଦିଗ ହେଲା ଏହି ଯେ ଏହାର ୨.୩୫ ବିଲିଅନ ୟୁଜରବେସ ଅଛି ଯେଉଁମାନେ ଚାହିଁଲେ ସହଜରେ ଥ୍ରେଡ ପ୍ଲାଟଫର୍ମକୁ ପ୍ରବେଶ କରିପାରିବେ ଏବଂ ସେହି ମଣିଷ ଓ ସେହି ଆକାଉଂଟକୁ ସହଜରେ ଗ୍ରହଣ କରିପାରିବେ । ଏହିସବୁ କାରଣରୁ ମାତ୍ର ୨ ଦିନ ମଧ୍ୟରେ ପ୍ରାୟ ୭୦ ମିଲିଅନ ବ୍ୟବହାରକାରୀ ଏହା ସହ ଜୋଡି ହୋଇ ସାରିଲେଣି । କେବଳ ୟୁଜର ବେସ ନୁହଁ ବରଂ ବିଜ୍ଞାପନଦାତା କ୍ଷେତ୍ରରେ ବି ଟ୍ୱିଟରକୁ ଥ୍ରେଡ୍ସ ଜିତି ଗଲାଣି । ଏଲନ ମସ୍କଙ୍କ ନୀତି, କାର୍ଯ୍ୟ ଦକ୍ଷତା ଓ ବ୍ୟବସାୟିକ ଆଦର୍ଶର କ୍ଷଣକୁ କ୍ଷଣ ହେଉଥିବା ଦ୍ରୁତ ପରିବର୍ତ୍ତନ ଯୋଗୁଁ ଅଧିକାଂଶ ବିଜ୍ଞାପନଦାତ ତାଙ୍କୁ ମୁହଁମୋଡି ଥ୍ରେଡ୍ସକୁ ଯାଉଛନ୍ତି । ତେଣୁ ଏହି ବର୍ଷ ପ୍ରାୟ ୫୯% ରାଜସ୍ୱ ହରାଇ ସାରିଲାଣି । ପୁନଶ୍ଚ ମେଟାର ପେଡ ଭେରିଫିକେସନ ସିଷ୍ଟମକୁ ଉତ୍ତରାଧିକାର ସୂତ୍ରରେ ପାଇ ଥିବାରୁ ଥ୍ରେଡ୍ସର ଆର୍ଥିକ ସ୍ଥିତି ସୁଦୃଢ ରହିଛି । କିନ୍ତୁ ମେଟାର ଗୋଟିଏ ଅବଗୁଣ ହେଲା ବ୍ୟକ୍ତିଗତ ଗୋପନୀୟତା ଓ ସୁରକ୍ଷାକୁ ଏହା ଗୁରୁତ୍ୱ ଦିଏନାହିଁ । ଏହାର ମୂଳ ଆପ ହ୍ୱାଟ୍ସଆପରୁ ବିଲିଅନ ସଂଖ୍ୟକ ଗ୍ରାହକଙ୍କ ମନୋବୃତ୍ତି ଓ ଚାଲିଚଳନକୁ ପାଥେୟ କରି ନିଜର ବିଜ୍ଞାପନଦାତାଙ୍କୁ କିପରି ଆକୃଷ୍ଟ କରିବ ସେଥିପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଥାଏ । ଏବେ ଅନୁମାନ କରାଯାଉଛି ଯେ ରାଜନୈତିକ ଫାଇଦା ହେଉ କିମ୍ବା ସାମ୍ପ୍ରଦାୟିକ ସଦଭାବନାକୁ ନଷ୍ଟ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ତେଣୁ ବହୁ ରାଷ୍ଟ୍ରରେ ମେଟା ,ଗୁଗଲ ଓ ଆମାଜନ ଭଳି ସାମାଜିକ ଗଣମାଧ୍ୟମ ଗୁଡିକ ଉପରେ ସେଠାକାର ସରକାରମାନେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରଖିବାକୁ ଦାବି ହେଲାଣି । ଉକ୍ତ କାରଣରୁ ଆଜି ପର୍ଯ୍ୟନ୍ତ ୟୁରୋପୀୟ ଦେଶ ମାନଙ୍କରେ ଥ୍ରେଡ୍ସର ପ୍ରଚଳନ ଆରମ୍ଭ ହୋଇନାହିଁ । ଯଦି ଏହା ନିଜର ସ୍ୱାତନ୍ତ୍ର୍ୟତା ବଜାୟ ରଖିବାକୁ ଚାହେଁ ତେବେ ରାଜନୀତିଠୁ ନିଜକୁ ନିରପେକ୍ଷ ରଖିବାକୁ ପଡିବ ।

**କ୍ଲଷ୍ଟର ବୋମା –** ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ସଂପର୍କରେ ଆମେ ସମସ୍ତେ ଜ୍ଞାତ । ଯୁଦ୍ଧର ଗତି ଯାହା ହେଉନା କାହିଁକି ଏହା ସ୍ୱତଃସିଦ୍ଧ ଯେ ଏଠାରେ ଏକ ଛାୟା ଯୁଦ୍ଧ ଚାଲିଛି ଯେଉଁଠି ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର କ୍ଷମତା ପରୀକ୍ଷା କରିପାରୁଛନ୍ତି । ଏ ପର୍ଯ୍ୟାୟରେ ସାମିଲ ହୋଇଛି ୟୁକ୍ରେନକୁ ଆମେରିକା ପ୍ରଦତ୍ତ କ୍ଲଷ୍ଟର ବୋମା ଯାହାର ପୟୋଗକୁ ୧୧୧ଟି ଦେଶ ନିଷିଦ୍ଧ ଘୋଷଣା କରିଛନ୍ତି । ଏହା ଏକ ମାରାତ୍ମକ ଅସ୍ତ୍ର ଯାହା ଏକ ବିଶାଳ ଅଂଚଳର ଧନଜୀବନକୁ ନଷ୍ଟ କରିଦିଏ । ଏହାର ପ୍ରୟୋଗ ସ୍ଥଳରେ ବିସ୍ଫୋରଣ ପରେ ଏହାର ମଡେଲ ଉପରେ ନିର୍ଭର କରି ସେଥିରୁ କିଛି ଡଜନରୁ ଆରମ୍ଭ କରି ୬୦୦ ସଂଖ୍ୟକ ଛୋଟ ବମ ଯାହାକୁ ବମ୍ବଲେଟ୍ସ କୁହାଯାଏ, ବାହାରି ଦିଶାଶୂନ୍ୟ ଅବସ୍ଥାରେ ଚତୁର୍ଦ୍ଦିଗକୁ ମାଡିଯାଏ ଏବଂ ବିସ୍ଫୋରିତ ହୋଇଥାଏ । ଏଗୁଡିକର ଓଜନ ୨୦ କିଗ୍ରାରୁ କମ । ଏଥିରୁ ଅଧିକାଂଶ ବୋମା ଅଫୁଟା ହୋଇ ବର୍ଷ ବର୍ଷ ଧରି ପଡିରହି ପରେ ଅସଂଖ୍ୟ ସାଧାରଣ ଜନତାଙ୍କ ଜୀବନ ହାନିର କାରଣ ସାଜିଥାଏ । ଆଫଗାନିସ୍ଥାନ ଓ ଇରାକରେ ଏହାର ଭୟାବହତା ସାରା ବିଶ୍ୱ ଦେଖି ସାରିଛି । ଆମେରିକା, ରୁଷିଆ, ଚୀନ, ଭାରତ, ଇସ୍ରାଏଲ, ପାକିସ୍ତାନ

ଓ ଅନ୍ୟ ନାଟୋ ମେଂଟର ଦେଶମାନେ ଏହାକୁ ତିଆରି କରି ମହଜୁଦ କରିଛନ୍ତି। ମଇ ୩୦, ୨୦୦୮ରେ ଏହି ଅସ୍ତ୍ରର ତିଆରି, ବ୍ୟବହାର, ମହଜୁଦ ଓ ଅନ୍ୟ ଦେଶକୁ ହସ୍ତାନ୍ତର ବିରୁଦ୍ଧରେ ୧୦୭ଟି ରାଷ୍ଟ୍ର ଡବଲିନଠାରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ, ଯାହା ଅଗଷ୍ଟ ୧, ୨୦୧୦ରେ ଏକ ନ୍ତର୍ଜାତୀୟ ନିୟମ ରୁପେ ଘୋଷିତ ହେଲା। ବର୍ତ୍ତମାନ ଏହି ଦେଶମାନଙ୍କ ସଂଖ୍ୟା ୧୨୩ ରେ ପହଂଚିଲାଣି। ବିଶ୍ୱ ମାନବାଧିକାର କମିଶନର ରିପୋର୍ଟ ଅନୁଯାୟୀ, ଉଭୟ ୟୁକ୍ରେନ ଓ ରୁଷିଆ ଏହାର ବ୍ୟବହାର କରି ବ୍ୟାପକ ଧନଜୀବନ ନଷ୍ଟର କାରଣ ସାଜିଛନ୍ତି। ଆମେରିକା ପଠାଉଥିବା ଏହି ବୋମାରେ ବମ୍ବଲେଟ୍ସ ସହିତ ୧୦୫ ମିମି, ୧୫୫ ମିମି ଓ ୨୦୩ ମିମି ରକେଟ ସିଷ୍ଟମ ବି ଖଞ୍ଜାଯାଇଛି। ଏପରି କାର୍ଯ୍ୟଦ୍ୱାରା ଉଭୟ ରୁଷିଆ ଓ ୟୁକ୍ରେନ ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛନ୍ତି।

**ଡେଙ୍ଗୁ ଜ୍ୱର –** ଋତୁ ବଦଳିବା ସହିତ ଯେଉଁ କେତୋଟି ରୋଗ ମାଡିବସେ ସେଥିରେ ଡେଙ୍ଗୁ ଅନ୍ୟତମ। ସାଧାରଣତଃ ଅଗଷ୍ଟ ଓ ସେପ୍ଟେମ୍ବର ତଥା ନଭେମ୍ବରରୁ ଜାନୁଆରୀ ଭିତରେ ଏହାର ପ୍ରାବଲ୍ୟତା ଅନୁଭୁତ ହୋଇଥାଏ। ଏହି ରୋଗ ମଶା କାମୁଡାରୁ ବ୍ୟାପିଥାଏ। ଅଧିକାଂଶ ସମୟରେ ଏହା ଲକ୍ଷଣ ବିହୀନ ହୋଇଥାଏ। କିନ୍ତୁ ଯଦି ଜ୍ୱର ସହିତ ଆଂଠୁ ଗଂଠି ଓ ଅଂଟା, ପିଠିରେ ଯନ୍ତ୍ରଣା ଅନୁଭୁତ ହୁଏ, ମୁଣ୍ଡ ବିନ୍ଧେ, ଅବଶ ଲାଗେ, ଦେହସାରା ନାଲି କିମ୍ବା ଧଳା ରଙ୍ଗର ଚକଡା ହୋଇ କୁଣ୍ଡାଇ ହୁଏ, ବାନ୍ତି ଓ କ୍ଷୁଧାହୀନତା ଦେଖାଦିଏ, ତେବେ ତାହା ଡେଙ୍ଗୁ ହୋଇ ଥାଇପାରେ। ଏହା ଏକ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିପାରେ କିନ୍ତୁ, ପରବର୍ତ୍ତୀ ୨ ସପ୍ତାହ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୁତ ହୋଇଥାଏ। ଏହାର ପ୍ରତିଷେଧକ ବ୍ୟବସ୍ଥା ହେଲା ନିଜ ଆଖପାଖ ଅଂଚଳରୁ ମଶାଙ୍କୁ ତଡନ୍ତୁ, ତାଙ୍କୁ ବଂଶ ବିସ୍ତାର କରିବାକୁ ଦିଅନ୍ତୁ ନାହିଁ, ବିଶେଷ କରି ବର୍ଷା ରୁତୁରେ। ଯଦି ସମ୍ଭବ ଫ୍ରିଜରୁ ନିୟମିତ ଭାବେ ପାଣି ବାହାର କରନ୍ତୁ। ବାଲଟି, କୁଲର, ଡ୍ରମ, ପାଇପ ଆଦିକୁ ପ୍ରତି ୩ରୁ ୪ ଦିନରେ ସଫା କରନ୍ତୁ, ଆଉ ଦେଖନ୍ତୁ ଯେପରି ପାଣି ଜମା ହୋଇ ନରହେ। ଯଦି ଘର ଭିତରେ ଫୁଲଗଛ ରଖି ପାଣି ଦେଉଛନ୍ତି, ତେବେ ଏହି ରୁତୁରେ ସେଗୁଡିକୁ ବାହାରକୁ ଆଣନ୍ତୁ। ଏମିତି ପଦାର୍ଥ ଘରେ ରଖନ୍ତୁ ନାହିଁ ଯାହା ପାଣିକୁ ଶୋଷି ପାରୁଥିବ।

**ସାପ କାମୁଡାରୁ ରକ୍ଷା ପାଇବେ କିପରି ?** ବିଗତ କିଛି ଦିନ ମଧ୍ୟରେ ଆପଣ ସମ୍ବାଦ ପତ୍ରରେ ଦେଖୁଥିବେ କେତେ ନିରୀହ ଜୀବନ ସାପ କାମୁଡା ଯୋଗୁଁ ଚାଲି ଯାଇଛି। ନିଜର ଅସାବଧାନତା ତଥା ସଚେତନତାର ଅଭାବ ଯୋଗୁଁ ଏହା ହୋଇଛି। ସାଧାରଣତଃ ବର୍ଷା ଦିନରେ ସାପଗାତରେ ପାଣି ପଶିବାରୁ ସେମାନେ ଖାଦ୍ୟ ଅନ୍ୱେଷଣ ହେଉ ବା ଜୀବନ ବଂଚାଇବାକୁ ଗାତରୁ ବାହାରକୁ ବାହାରି ଆସନ୍ତି। ଏହି ସମୟରେ ଯଦି ଅଜାଣତରେ ଆମ ଗୋଡ ତା ଉପରେ ପଡିଯାଏ କିମ୍ବା ଶୋଇଲାବେଳେ ସାପ ଉପରେ ଅଜାଣତରେ ଆମ ଶରୀରର ଅଙ୍ଗ ପଡିଯାଏ ତେବେ ନିଜ ଜୀବନ ପ୍ରତି ବିପଦ ପଡିଲା ଭାବି ସାପଟି ଆମକୁ କାମୁଡିଥାଏ। କିନ୍ତୁ ସବୁ ସାପ ବିଷାକ୍ତ ନଥାନ୍ତି। ସାପ କାମୁଡାରେ ପ୍ରଥମ ସତର୍କତା ହେଲା ରୋଗୀ କିମ୍ବା ସଂପର୍କୀୟ ବ୍ୟସ୍ତ ହୁଅନ୍ତୁ ନାହିଁ କାରଣ ଏପରି ହେବା ଦ୍ୱାରା ରୋଗୀର ହୃତସ୍ପନ୍ଦନ ବଢିଯାଇତାର କ୍ଷତି କରିଥାଏ। ତୁରନ୍ତ ଡାକ୍ତରୀ ସହାୟତା ପାଇସଁ ଚେଷ୍ଟା କରନ୍ତୁ। ଅଧିକାଂଶ କ୍ଷେତ୍ରରେ କିଛି ଘଂଟା ପାଇଁ ରୋଗୀର ସେପରି କିଛି ଘଟି ନଥାଏ। ରୋଗୀର ହାତରୁ ଟାଇଟ ଘଂଟା ,କୌଣସି ଚିପା ଅଳଙ୍କାର ଆଦିକୁ ଖୋଲି ଦିଅନ୍ତୁ। ଯଦି ସମ୍ଭବ ହସପିଟାଲ ଯିବା ବାଟରେ କ୍ଷତସ୍ଥାନ ର ଉପରକୁ ଗୋଟିଏ ରସି ଭିଡି ଦିଅନ୍ତୁ ଯଦ୍ୱାରା ବିଷ ହୃତପିଣ୍ଡ ପାଖରେ ଶୀଘ୍ର ପହଂଚି ପାରିବ ନାହିଁ। ରୋଗୀକୁ ବେଶୀ ହଲଚଲ ନକରି ସ୍ଥିର ରହିବାକୁ ପରାମର୍ଶ ଦିଅନ୍ତୁ। ପ୍ରଭାବିତ ଅଙ୍ଗକୁ ସମ୍ଭବ ହେଲେ ବାନ୍ଧି ରଖନ୍ତୁ। ସମ୍ଭବ ହେଲେ କ୍ଷତ ସ୍ଥାନକୁ ସଫା ପାଣିରେ ଧୋଇ ଦିଅନ୍ତୁ। ପ୍ରଭାବିତ ବ୍ୟକ୍ତିଙ୍କୁ ମଦ କିମ୍ବା ଅନ୍ୟ ନିଶା ଦିଅନ୍ତୁ ନାହିଁ। ଏହା ଶରୀରର ଲାଭ ଅପେକ୍ଷା କ୍ଷତି କରିଥାଏ।

କଣ କରିବେ ନାହିଁ – ଆଂଟିଭେନମ ଇଞ୍ଜେକ୍ସନକୁ ତତକ୍ଷଣାତ ଦିଅନ୍ତୁ ନାହିଁ କାରଣ କେତେକଙ୍କ କ୍ଷେତ୍ରରେ ଏହା ଆଲର୍ଜି ସୃଷ୍ଟି କରିଥାଏ। ତେଣୁ ଇଞ୍ଜେକ୍ସନ ଦେଉଥିବା ବ୍ୟକ୍ତି ହାର୍ଟ ଓ ଫୁସଫୁସ ପାଇଁ ଦରକାର ଅତ୍ୟାବଶ୍ୟକ ଚିକିତ୍ସା ବାବଦରେ ଅଭିଜ୍ଞ ଥିବା ଜରୁରୀ। ସାପଟିକୁ ରାଗରେ ମାରି ଦିଅନ୍ତୁ ନାହିଁ ବରଂ ଜାଣି ରଖନ୍ତୁ ଯେ ସାପଟି ଆପଣଙ୍କ କ୍ଷତି ପାଇଁ ନୁହଁ ବରଂ ନିଜର ପ୍ରତିରକ୍ଷା ପାଇଁ ଦଂଶନ କରିଛି। ସାପଟିକୁ ଧରିବା ପାଇଁ ପ୍ରୟାସ କରନ୍ତୁ ନାହିଁ କାରଣ ଏଥିରେ ଆପଣଙ୍କ କିଛି ଲାଭ ହେବାର ନାହିଁ। କେତେଜଣ ପ୍ରଭାବିତ ସ୍ଥାନକୁ ବ୍ଲେଡରେ କାଟି ଦେବାକୁ କହନ୍ତି। ଏଥିରେ ଲାଭ ବଦଳରେ ସଂକ୍ରମଣ ମାତ୍ରା ବଢିଯାଏ। ଆମର ଏକ ବିଶ୍ୱାସ ଅଛି ଯେ ଆମେ କ୍ଷତ ସ୍ଥାନରୁ ବିଷକୁ ଶୋଷି ଆଣିବା ଉଚିତ। ଏପରି କେବେବି କରନ୍ତୁ ନାହିଁ। ତଦ୍ୱାରା ଶୋଷିଲା ଲୋକର ଦାନ୍ତ ମାଧ୍ୟମରେ ବିଷ ଶରୀର ମଧ୍ୟକୁ ଚାଲି ଯାଇପାରେ। ପୁନଶ୍ଚ ଶଷୋଷିଲାବାଲା ଯଦି କୌଣସି ରୋଗରେ ଆକ୍ରାନ୍ତ ଥାଆନ୍ତି ତେବେ ଜୀବାଣୁ ଦ୍ୱାରା ସର୍ପାଘାତ ବ୍ୟକ୍ତିର ସଂକ୍ରମଣ ସ୍ତର ବୃଦ୍ଧି ପାଇପାରେ। କେବେବି ରୋଗୀକୁ ଉତ୍ତେଜିତ କରନ୍ତୁ ନାହିଁ କିମ୍ବା ଜୋରରେ ଚାଲିବାକୁ କିମ୍ବା ଦୌଡିବାକୁ କୁହନ୍ତୁ ନାହିଁ। ଏପରି କରିବା ଦ୍ୱାରା ବିଷ ଶୀଘ୍ର ଶୀଘ୍ର ଶରୀର ସାରା ସଂଚାରିତ ହୋଇଯାଏ। ପ୍ରଭାବିତ ସ୍ଥାନରେ ବରଫ କିମ୍ବା ଅନ୍ୟ ଥଣ୍ଡା ବସ୍ତୁ ଦିଅନ୍ତୁ ନାହିଁ। ସେହିପରି ବିଷ କ୍ରିୟା ହ୍ରାସ କରିବାକୁ କୌଣସି ବୈଦ୍ୟୁତିକ ସକ୍ ଦିଅନ୍ତୁ ନାହିଁ।

**ମେଟଫର୍ମିନ –** ଟାଇପ-୨ ଡାଇବେଟିସ ଚିକିତ୍ସାରେ ଏହାକୁ ଏକ ଅମୋଘ ଔଷଧ ରୁପେ ବ୍ୟବହାର କରାଯାଏ। ଖାଦ୍ୟ ଓ ବ୍ୟାୟାମ ସାଙ୍ଗରେ ଏହି ଔଷଧର ବ୍ୟବହାର ରକ୍ତ ଶର୍କରା ନିୟନ୍ତ୍ରଣରେ ସହାୟକ ହୁଏ ବୋଲି କୁହାଯାଏ। ଏହା ଶରୀର ମଧ୍ୟରେ ଗ୍ଲୁକୋନିଓଜେନେସିସ ପ୍ରକ୍ରିୟାକୁ ହ୍ରାସ କରେ ଓ କ୍ଷୁଦ୍ରାନ୍ତ୍ରରେ ଏହାର ଅବଶୋଷଣକୁ ବିରୋଧ କରେ। କିନ୍ତୁ ଏହା ସେତେବେଳେ ଯାଇ କାମ କରେ ଯେତେବେଳେ କିଛି ପରିମାଣର ଇନସୁଲିନ ମହଜୁଦ ରହିଥିବ। ଅଥାର୍ତତ ଯାହାର ପାଚନତନ୍ତ୍ରରେ ଅଗ୍ନାଶୟର ଇସଲେଟ କୋଷଗୁଡିକ କାର୍ଯ୍ୟକ୍ଷମ ରହିଥିବେ। ତେଣୁ ଏହାକୁ ଟାଇପ-୧ ଡାଇବେଟିସ ରୋଗୀଙ୍କୁ ଦିଆଯାଏ ନାହିଁ।



ଶରୀର ବଳ ପ୍ରକୃତ ବଳ ନୁହେଁ, ଇଚ୍ଛା ଶକ୍ତି ହେଉଛି ପ୍ରକୃତ ବଳ।

ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଦିଷ୍ଟ ଡୋଜରେ ଏହାକୁ ନିଅନ୍ତୁ। ଯଦି ଆପଣଙ୍କୁ ଓଭର ଡୋଜ ଭଳି ଅନୁଭୁତ ହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ନଚେତ ଆପଣ ହାଇପୋଗ୍ଲାଇସେମିଆର ଶିକାର ହୋଇ ପାରନ୍ତି। ରକ୍ତ ଶର୍କରା କମି ଗଲେ ହେଉଥିବା ପ୍ରତିକ୍ରିୟାକୁ ଅନୁଭବ କରି ତଦନୁଯାୟୀ ପାଖରେ ଚକୋଲେଟ, କ୍ୟାଣ୍ଡିକୁ ପାଖରେ ରଖି ତାର ବ୍ୟବହାର କରନ୍ତୁ। ଯଦି ଆପଣଙ୍କ କିଡନି କିମ୍ବା ହାର୍ଟ ରୋଗ ଅଛି ତେବେ ଡାକ୍ତରଙ୍କୁ ଜଣାନ୍ତୁ ତେବେ ସେ ଏହି ଔଷଧକୁ ଦେବେ ନାହିଁ। ଯଦି ଏକ୍ସରେ କିମ୍ବା ସିଟି ସ୍କାନ ରଙ୍ଗ ଉପସ୍ଥିତିରେ କରୁଛନ୍ତି ତେବେ ଡାକ୍ତର ଏହାକୁ ଅସ୍ଥାୟୀ ରୁପେ ବନ୍ଦ କରିବାକୁ କହି ପାରନ୍ତି। ଅନ୍ୟ କେତେକ ମେଡିସିନ ଏହାର ପ୍ରଭାବକୁ କମ କିମ୍ବା ବେଶୀ କରି ପାରନ୍ତି। ତେଣୁ ତା' ପୂର୍ବରୁ ଆପଣଙ୍କ ଡାକ୍ତର ସେ କଥା ଜାଣିବା ଜରୁରୀ। ମେଟଫର୍ମିନ ବ୍ୟବହାରବେଳେ ମଦ୍ୟପାନ କରନ୍ତୁ ନାହିଁ। ଏହା ରକ୍ତ ଶର୍କରାକୁ କମ କରିବା ସହିତ ଲାକ୍ଟିକ ଏସିଡୋସିସର କାରଣ ହୋଇପାରେ।

ଏହି ମେଡିସିନକୁ ମନେ ମନେ ବନ୍ଦ ନକରି ନିୟମିତ ରୂପେ ନେବା ଜରୁରୀ। ରୋଗୀର ଶର୍କରା ସ୍ତରକୁ ଯାଂଚ କଲାପରେ ଡାକ୍ତର ଏହାର ଡୋଜକୁ କମ ବେଶୀ କରି ପାରନ୍ତି। କୌଣସି ଆଘାତ ପାଇଲେ, ରୋଗରେ ସଂକ୍ରମିତ ହେଲେ, ଶଲ୍ୟ ଚିକିତ୍ସା ପୂର୍ବରୁ ଡାକ୍ତର ଅନ୍ୟ ଔଷଧ ଦେବାକୁ ଏହାକୁ ପୁରା ବନ୍ଦ କରି ପାରନ୍ତି କିମ୍ବା ନୂଆଁ ଔଷଧ ଦେଇ ପାରନ୍ତି। ଯଦି ରୋଗୀଟିଏ ଏହି ଔଷଧ ନେଲାପରେ ବହୁ ସମୟ ପର୍ଯ୍ୟନ୍ତ ଖାଲି ପେଟରେ ରହନ୍ତି କିମ୍ବା ମାନସିକ ଚାପରେ ଥାଆନ୍ତି କିମ୍ବା ଅତ୍ୟଧିକ ମଦ୍ୟପାନ କରନ୍ତି, ତେବେ ଶର୍କରା ସ୍ତର ଖସି ଆସିପାରେ। ଏପରି କ୍ଷେତ୍ରରେ ଭୋକ ଲାଗିବା, ଦେହ ହାତ ଥରି ଝିମଝିମ ଲାଗିବା ,ମୁଣ୍ଡ ବିନ୍ଧି ଦୁର୍ବଳ ଲାଗିବା, ଚିଡିଚିଡାପଣ ବୃଦ୍ଧି ପାଇବା, ଦେହରୁ ଝାଳ ବୋହିବା, ହୃତସ୍ପନ୍ଦନ ଗତି ବଢିଯିବା ଏବଂ କେତେକ କ୍ଷେତ୍ରରେ ରୋଗୀ ବେହୋସ ହୋଇ କୋମାକୁ ଚାଲିଯିବା ମଧ୍ୟ ଦେଖାଯାଏ। ପ୍ରଥମେ ପ୍ରଥମେ ଏହି ଔଷଧକୁ ନେଲେ ତରଳ ଝାଡା ସହ ପେଟ କାଟିପାରେ, ବାନ୍ତି ଲାଗିବା ସହ ଭୋକ ନ ହୋଇପାରେ, ତେଣୁ ପ୍ରଥମରୁ ଏହି ଔଷଧକୁ ସ୍ୱଳ୍ପ ଡୋଜରେ ଆରମ୍ଭ କରାଯାଏ।

ଟିକ୍ରାପଡା,
ବଲାଙ୍ଗୀର-୭୬୭୦୦୧

# ଆଶା ମରିଯାଇନାହିଁ

**କୈଳାସ ଚ଼ନ୍ଦ୍ର ପାଢ଼ୀ**

ମର୍କଟ ହାତରେ
ଶାଳଗ୍ରାମ ଏଠି
ମର୍କଟୀ ବଜାଏ ଗିନି,
ଭକୁଆ ଦର୍ଶକ
ତାଳି ମାରି ମାରି
ନାଚନ୍ତି ତାଧିନି ଧିନି।
ଲୁଣକୁ କହିବେ ଚିନି,
ରାତିଟାକୁ ଦିନ
କହିବେ ଯଦି ସେ
ଅନାୟାସେ ଯିବା ମାନି ॥

ଭାଗ୍ୟର ବିଧାତା
ଭଗବାନ ବୋଲି
ମିଛରେ ପଡ଼ିଛି ହୁରି,
ମିଛୁଆ ଭଣ୍ଡୁଆ
ସାଧୁ ବାବା ଆଜି
ସର୍ବତ୍ର ଗଲେଣି ପୂରି।
ଚ଼ଳାଇ ସେ ରାସଲୀଳା,
ଡରଭୟ ନାହିଁ
ବୁଡ଼ାଇ ଦେଲେଣି
ଭାରତ ମାତାର ଭେଳା।।

ପଙ୍ଗପାଳ ଏଠି
ଘେରିତ ଗଲେଣି
ଛୋଟଠାରୁ ବଡ଼ଯାଏ,
କୃଷି-କଳପନା
ଚୁଲିକୁ ଗଲାଣି
ବାଡ଼ ବି ତ କ୍ଷେତଖାଏ।
କାହାକୁ କହିବ କିଏ
ଯେଝା ହାତେ ଯେଝେ
ଚ଼ଉଦ ପାଆ ତ
କହିବା ସମ୍ଭବ ନୁହେଁ ॥

ଦଳ ଗୋଳମାଳ
ବଢ଼େ ଦିନୁଁ ଦିନ
ବିବେକ ପାଲଟେ ବୋକା,
ପରିବାର ମଧ୍ୟେ
କଳି-ମଞ୍ଜି ବୁଣି
ନେତାଏ ମାରନ୍ତି ଛକା।
ଖେଳାଳି ସେ ବଡ଼ ପକ୍କା,
ବେଳକେ ପଡ଼ିବେ
ଗୋଡ଼ ତଳେ ଆସି
ବେଳକେ ମାରିବେ ଧକ୍କା ।।

ପାଣ୍ଡୁର ବଦନା
ମୋ ମାଆ ଭାରତ
ଦିଶେ ଆଜି ଶିରୀହୀନା,
କାନ୍ଦେ ଅହରହ
ଅତୀତକୁ ସ୍ମରି
ତା' ବୀର ସନ୍ତାନ ବିନା।
ସମୟକୁ ରହେ ଚାହିଁ,
ଆଶାବାଦୀ ସିଏ
ହୃଦୟରୁ ତାର
ଭରସା ତ ତୁଟିନାହିଁ ।।

**କୁମାରପୁର, ଅନନ୍ତପୁର,**
**ବାସୁଦେବପୁର, ଭଦ୍ରକ**

# ସମ୍ବାଦ ବିଚିତ୍ରା

୧. ମୁମ୍ବାଇସ୍ଥିତ ଭାବା ଆଣବିକ ଅନୁସନ୍ଧାନ କେନ୍ଦ୍ରର ଓଡିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତି ଆଇୟୁପିଏସି ପୁରସ୍କାର ଗ୍ରହଣ କରିଛନ୍ତି । ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରାର ବାସିନ୍ଦା ବୈଜ୍ଞାନିକ ଦେଶର ପ୍ରଥମ ମହିଳା ଭାବରେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

୨. ବ୍ରିଟିଶ ଅମଳରୁ ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ରାସଗୋବିନ୍ଦପୁର ବିମାନବନ୍ଦର ଜମିକୁ ରାଜ୍ୟ ସରକାର ନିଜ ଅଧୀନକୁ ଆଣିବା ଲାଗି ରାଜ୍ୟ ସରକାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରାଳୟକୁ ୨୬ କୋଟି ୩ ଲକ୍ଷ ୧୦ ହଜାର ୪୩୮ ଟଙ୍କା ପ୍ରଦାନ କରାଯାଇଛି।

୩. ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ କରିବାକୁ ଦେଶର ପ୍ରଥମ ସୂର୍ଯ୍ୟ ଅଭିଯାନ ଆରମ୍ଭ ହୋଇଛି । ଲଞ୍ଚ ହେଲା 'ଆଦିତ୍ୟ ଏଲ-୧' । ଶ୍ରୀହରିକୋଟା ସ୍ପେସ୍ ସେଣ୍ଟରରୁ ଉତ୍‌କ୍ଷେପଣ ହେଲା 'ଆଦିତ୍ୟ ଏଲ୧'। PSLV-C57ରେ 'ଆଦିତ୍ୟ ଏଲ୍-୧'ର କରାଗଲା ଉତ୍‌କ୍ଷେପଣ। ସୂର୍ଯ୍ୟଠାରୁ ୧୪.୮୫ କୋଟି କିଲୋମିଟର ଦୂରତାରେ ରହି ଏହାର ଫେସ୍ ରିଡିଙ୍ଗ କରିବ ଆଦିତ୍ୟ ଏଲ୍-୧ ।

୪. ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ଗ୍ଲୋବାଲ୍ ଫାଇନାନ୍ସ କେନ୍ଦ୍ରୀୟ ବ୍ୟାଙ୍କର ରିପୋର୍ଟ କାର୍ଡ ୨୦୨୩ରେ 'A+' ରେଟିଂ ପ୍ରଦାନ କରାଯାଇଛି।

୫. ଓଡ଼ିଶାରେ ୨୦୦୧ରୁ ୨୦୨୧ ପର୍ଯ୍ୟନ୍ତ ବଜ୍ରପାତରେ ୫୧୬୪ ଜଣଙ୍କର ମୃତ୍ୟୁ ଘଟିଛି।

୬. ଓଡ଼ିଶା ବିଧାନସଭାରେ ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡିର ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରଲୋକ। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା।

୭. ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବିଶିଷ୍ଟ ଆଇନଜୀବୀ ଶିବ ଶଙ୍କର ମିଶ୍ର ଓ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରା ଶପଥ ଗ୍ରହଣ କରିଛନ୍ତି।

୮. ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରୋଭିଜିନାଲ ସାର୍ଟିଫିକେଟ୍ ଏବଂ ଡିଗ୍ରୀରେ ଛାତ୍ରଛାତ୍ରୀଙ୍କ ଆଧାର ନମ୍ବର ପ୍ରଦର୍ଶନ ହୋଇପାରିବନି। ୟୁଆଇଡିଏଆଇର ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ମହାବିଦ୍ୟାଳୟ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)।

୯. ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାନରା ବ୍ୟାଙ୍କର ୫୩୮ କୋଟି ଟଙ୍କା ଠକେଇ ମାମଲାରେ 'ଜେଟ୍ ଏୟାର ୱେଜ୍'ର ସଂସ୍ଥାପକ ନରେଶ ଗୋୟଲଙ୍କୁ ଗିରଫ କରିଛି।

୧୦.ନୟାଗଡ଼ ଜିଲାର ପ୍ରସିଦ୍ଧ କଣ୍ଟେଇମୁଣ୍ଡି ବାଇଗଣ ଭାରତ ସରକାରଙ୍କ ଜିଆଇ ଟ୍ୟାଗ୍ (ମାନ୍ୟତା) ପାଇଲା

୧୧.ନେହେରୁ ମେମୋରିଆଲ ମ୍ୟୁଜିୟମ ଏବଂ ଲାଇବ୍ରେରୀ (ଏନ୍‌ଏମ୍‌ଏମ୍‌ଏଲ୍)ର ନାମ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଭାବରେ ନାମକରଣ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି।

୧୨.ଜୟା ବର୍ମା ସିହ୍ନା ରେଳବାଇ ବୋର୍ଡର ପ୍ରଥମ ମହିଳା ଅଧକ୍ଷା ହେଲେ ।

୧୩.ଓଡ଼ିଶାକୁ ଉଜ୍ଜ୍ୱଳା ଯୋଜନାରେ ୫ଲକ୍ଷ ନୂଆ ସଂଯୋଗ ମିଳିବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

୧୬.ଦିଲ୍ଲୀ ୱାକଅଫ୍ ବୋର୍ଡରୁ ଫେରସ୍ତ ନିଆଯିବ ୧୨୩ ସମ୍ପତ୍ତି, ଜାରି ହେଲା ନୋଟିସ୍ , ଜାମା ମସଜିଦ୍ ମଧ୍ୟ ସାମିଲ।

୧୪.ଚନ୍ଦ୍ରରେ ଅଛି ସଲଫର୍, ଆଲୁମିନିୟମ୍, କ୍ୟାଲସିୟମ୍, ଅକ୍ସିଜେନ୍ । ଟୁଇଟ୍ କରି ସୂଚନା ଦେଲା ଇସ୍ରୋ ।

୧୫.ଜ୍ୟୋସ୍ନାରାଣୀ, ଜାତୀୟ ସ୍ତରକୁ ଉନ୍ନୀତ କିକ୍ ବକ୍ସିଂରେ ସ୍ୱର୍ଣ୍ଣପଦକ ପାଇଲେ ।

୧୬.ଚଳିତ ବର୍ଷ ଓଡ଼ିଶାର ଦୁଇ ଜଣ ଶିକ୍ଷକ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୩ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶଶିଶେଖର କରଶର୍ମା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କେନ୍ଦୁଆପଦା ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ । ସୁଭାଷ ଚନ୍ଦ୍ର ରାଉତ ଜଗତସିଂହପୁର ସ୍ଥିତ ବୃନ୍ଦାବନ ସରକାରୀ ହାଇସ୍କୁଲରେ ଶିକ୍ଷକତା କରୁଛନ୍ତି।

୧୭.୫ଟି ମହାନଗରର ଗରିବ ବସ୍ତି ପରିବାରକୁ ମିଳିଲା ଭୂମି ଅଧିକାର ପ୍ରମାଣ ପତ୍ର । ଜାଗା ମିଶନରେ ୬୫ ହଜାର ପରିବାରକୁ ମିଳିଲା ଜମି ଅଧିକାର। ସବୁ ପରିବାରକୁ ଜମି ଅଧିକାର ମିଳିବା ପର୍ଯ୍ୟନ୍ତ ଜାରି ରହିବ ଏ କାର୍ଯ୍ୟକ୍ରମ। ରାଜ୍ୟରେ ଆଉ ରହିବନି ବସ୍ତି। ସବୁ ବସ୍ତି ହେବ ବିଜୁ ଆଦର୍ଶ କଲୋନୀ।

୧୮.୨୦୨୩ ପାଇଁ ଟେନିସ ତାରକା ଦେବାଶିଷ ସାହୁ ଏକଲବ୍ୟ ପୁରସ୍କାର ବିଜେତା ହୋଇଛନ୍ତି। ଟେନିସ ତାରକା ଦେବାଶିଷ ସାହୁ ଏକଲବ୍ୟ ପୁରସ୍କାର ସହ ୫ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ସେହିପରି ୨୦୨୩ ମସିହା ପାଇଁ ୨ଜଣ ଉପବିଜେତାଙ୍କ ନାମ ମଧ୍ୟ ଘୋଷଣା ହୋଇଛି। ଆଥଲେଟ ବାପି ହାଁସଦା ଓ ଭାରୋତ୍ତୋଳକ ଜ୍ୟୋତ୍ସ୍ନା ଶବରଙ୍କୁ ଉପବିଜେତା ଭାବେ ଘୋଷଣା କରାଯାଇଛି।

୧୯.ଫିଚର ଫିଲ୍ମ ବର୍ଗରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ବିବେଚିତ ହୋଇଛି 'ପ୍ରତୀକ୍ଷା', ପାଇବ ଜାତୀୟ ପୁରସ୍କାର।

୨୦.୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର' ଘୋଷଣା କରାଯାଇଛି। 'ଗଙ୍ଗୁବାଇ କାଠିଆୱାଡ଼ି' ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ଆଲିଆ ଭଟ୍ଟଙ୍କୁ ଓ 'ମିମି' ଚଳଚ୍ଚିତ୍ର ପାଇଁ କୃତୀ ସାନନ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମନୋନୀତ କରାଯାଇଛି। 'ପୁଷ୍ପା' ଚଳଚ୍ଚିତ୍ର ପାଇଁ ଅଲ୍ଲୁ ଅର୍ଜୁନଙ୍କୁ 'ଶ୍ରେଷ୍ଠ ଅଭିନେତା ପୁରସ୍କାର' ପ୍ରଦାନ କରାଯିବ।

୨୧.ବାୟୁସେନା କିଣିବ ୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୦୦ରୁ ଅଧିକ ଏଲସିଏ ମାର୍କ-୧ ଯୁଦ୍ଧ ବିମାନ।

୨୨.ସାରା ବିଶ୍ୱରେ ୯.୧ ନିୟୁତରୁ ଅଧିକ ଲୋକ ଅନ୍‌ଲାଇନ୍‌ରେ ଚନ୍ଦ୍ରଯାନ-୩ର ଚନ୍ଦ୍ରପୃଷ୍ଠରେ ଅବତରଣକୁ ଦେଖିଥିଲେ। ଫେସବୁକ୍‌ରେ ୩୫୫.୬ ହଜାର ଲୋକ ଏହାର ଲାଇଭ୍ ଷ୍ଟ୍ରିମିଂକୁ ଉପଭୋଗ କରିଥିଲେ।

୨୩.ମା' ଉଗ୍ରତାରା ଏବଂ ମା' ଭଗବତୀଙ୍କ ପୀଠର ବିକାଶ ପାଇଁ ୧୯ କୋଟି ଟଙ୍କା ଲେଖାଏଁ ବ୍ୟୟ କରାଯିବ ।

୨୪.ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ନାମ ବଦଳିଛି, ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ ଭାବରେ ଏହାର ନାମ ପରିବର୍ତ୍ତନ କରାଯାଇଛି।

୨୫.ରେଳ ମନ୍ତ୍ରଣାଳୟର ପ୍ରାୟ ୩୨,୫୦୦ କୋଟି ଟଙ୍କା ବ୍ୟୟ ଅଟକଳର ୭ଟି ପ୍ରକଳ୍ପକୁ ଅନୁମୋଦନ କରିଛି । ଉତ୍ତରପ୍ରଦେଶ, ବିହାର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ୩୫ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳର ବର୍ତ୍ତମାନର ନେଟୱର୍କକୁ ୨୩୩୯ କିଲୋମିଟର ବୃଦ୍ଧି କରିବ ।



ଯେଉଁ ଲୋକ ସମ୍ପୂର୍ଣ୍ଣ ନୀରବରେ ଅତ୍ୟାଚାର ସହିଯାଏ, ସେ ହିଁ ଦିନେ ଭୀଷଣ ପ୍ରତିଶୋଧ ନିଏ।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - ଝାରସୁଗୁଡ଼ା
୨.ଗଠନ - ଏପ୍ରିଲ ୧, ୧୯୯୪
୩.କ୍ଷେତ୍ରଫଳ - ୨୦୮୧ବର୍ଗ.କି.ମି
୪.ଜନସଂଖ୍ୟା - ୫୭୯୪୯୯ (ପୁରୁଷ - ୨୯୭୦୧୪, ମହିଳା - ୨୮୨୪୮୫)
୫.ଉପଖଣ୍ଡ - ୧
୬.ତହସିଲ - ୫
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୫
୮.ଗ୍ରାମ ପଞ୍ଚାୟତ - ୭୮
୯.ଗ୍ରାମ - ୩୫୧
୧୦.ଥାନା - ୧୧
୧୧.ପୌରସଂସ୍ଥା - ୨
୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୧
୧୩.ବିଧାନସଭା ଆସନ - ୨ (୬. ବଜରଙ୍ଗପୁର, ୭. ଝାରସୁଗୁଡ଼ା)
୧୪.ସାକ୍ଷରତା ହାର - ୭୮.୩୬% (ପୁରୁଷ - ୮୬.୨୭%, ମହିଳା - ୭୦.୦୫%)
୧୫.ଶିଶୁ ଜନସଂଖ୍ୟା(୦-୬ବର୍ଷ)- ୬୧୮୨୩
୧୬.ଜନସଂଖ୍ୟା ଘନତ୍ୱ - ୨୭୪/ବର୍ଗ କି.ମି.
୧୭.ଜନସଂଖ୍ୟା ବୃଦ୍ଧି ହାର - ୧୩.୬୯%
୧୮.ଲିଙ୍ଗ ଅନୁପାତ - ୯୫୧ ମହିଳା /୧୦୦୦ ପୁରୁଷ
୧୯.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୧୦
୨୦.ନିଆଁଲିଭା କେନ୍ଦ୍ର - ୩
୨୧.ଜଙ୍ଗଲ ଜମି - ୨୨୨.୪୪ ବର୍ଗ କି.ମି
୨୨.ହାରାହାରି ତାପମାତ୍ରା - ସର୍ବନିମ୍ନ ୮.୦°- ସର୍ବୋଚ୍ଚ ୪୭.୦°
୨୩.ସାଧାରଣ ବୃଷ୍ଟିପାତ - ୧୩୬୨.୮ ମି.ମି
୨୪.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୨୩
୨୫.ପର୍ଯ୍ୟଟନସ୍ଥଳୀ - ଗୁଜପହର, କୁଇଲିଘୁଗର, ପିକାଲଘୁଗର, ବିକ୍ରମଖୋଲ

## ABBREVIATION

1. CBDC - Central Bank Digital Currency
2. UNWTO - United Nations World Tourism Organization
3. IPBES -Intergovtl Platform on Biodiversity and Ecosystem Services
4. UIDF - Urban Infrastructure Development Fund
5. BFSI - Banking, Financial Services & Insurance
6. DIKSHA - Digital Infrastructure for Knowledge Sharing
7. EMRB - Ethics and Medical Registration Board
8. BNSS - Bharatiya Nagarik Suraksha Sanhita
9. LIBS - Laser-Induced Breakdown Spectroscope
10. AQLI - Air Quality Life Index

## ପୁସ୍ତକ

୧. **ଦୁଇ ସୀମାନ୍ତ** – ସୁରେନ୍ଦ୍ର ମହାନ୍ତି
୨. **ତାପସୀ** – କାହ୍ନୁ ଚରଣ ମହାନ୍ତି
୩. **ଅସୀମିତ ଦିଗବଳୟ** – ଡ. ହରେରାମ ମହାନ୍ତି
୪. **ଈଶ୍ୱରଙ୍କ ଠିକଣା** – ଗୌରହରି ଦାସ
୫. **ଝଡର ଇଗଲ** – ବିଜୟ କୁମାର ମହାନ୍ତି

1. How Prime Ministers Decide - Neeraja Chowdhury
2. Monsoon - Abhay Kumar
3. Drunk on Love: The Life, Vision and Songs of Kabir - Vipul Rikhi
4. Pitchside: My Life in Indian Cricket - Amrit Mathur
5. When Parallel Lines Meet - P S Sreedharan Pillai

## ରାଜ୍ୟ

୧.ନାମ - ତେଲେଙ୍ଗାନା
୨.ରାଜ୍ୟପାଳ - ତାମିଲିସାଇ ସୌନ୍ଦରାରାଜନ
୩.ମୁଖ୍ୟମନ୍ତ୍ରୀ - କଲ୍ଭକୁନ୍ତିଆ ଚନ୍ଦ୍ରଶେଖର ରାଓ
୪.ଗଠନ - ୨ ଜୁନ୍ ୨୦୧୪
୫.କ୍ଷେତ୍ରଫଳ - ୧୧୨,୦୭୭ ବର୍ଗ କି.ମି.
୬.ରାଜଧାନୀ - ହାଇଦ୍ରାବାଦ
୭.ଲୋକସଭା ଆସନ - ୧୭
୮.ରାଜ୍ୟସଭା ଆସନ - ୭
୯.ବିଧାନସଭା ଆସନ - ୧୨୦
୧୦.ବିଧାନ ପରିଷଦ - ୪୦
୧୧.ମୁଖ୍ୟ ଭାଷା - ତେଲୁଗୁ
୧୨.ମୁଖ୍ୟ ପର୍ବ - ବୋନାଲୁ ଏବଂ ବତୁକାମ୍ମା
୧୩.ଜନସଂଖ୍ୟା(୨୦୧୧) - ୩୫,୧୯୩,୯୭୮(ପୁରୁଷ - ୧୭,୬୧୧,୬୩୩, ମହିଳା - ୧୭,୫୮୨,୩୪୫)
୧୪.ଜନସଂଖ୍ୟା ବୃଦ୍ଧିହାର - ୧୩.୫୮%
୧୫.ଜନସଂଖ୍ୟା ଘନତ୍ୱ - ୩୧୨/ବର୍ଗ କି.ମି
୧୬.ଶିଶୁ ଲିଙ୍ଗ ଅନୁପାତ - ୯୩୨ ଝିଅ/୧୦୦୦ ପୁଅ
୧୭.ଲିଙ୍ଗ ଅନୁପାତ(୨୦୧୧) - ୯୮୮ ମହିଳା/୧୦୦୦ ପୁରୁଷ
୧୮.ସାକ୍ଷରତା ହାର(୨୦୧୧) - ୬୬.୪୬%(ପୁରୁଷ-୭୪.୯୫%, ମହିଳା- ୫୭.୯୨%)
୧୯.ଜିଲ୍ଲା - ୩୩
୨୦.ଗ୍ରାମ - ୨୦୮୬୮
୨୧.ସହର - ୧୪୧
୨୨.ପର୍ଯ୍ୟଟନ ସ୍ଥଳୀ - ଚାରମିନାର, ୱାରଙ୍ଗଲ୍ ଦୁର୍ଗ, ନାଗାର୍ଜୁନ ସାଗର ଡ୍ୟାମ୍, ଫଲକନୁମା ରାଜପ୍ରାସାଦ, କୁନ୍ତଳା ଜଳପ୍ରପାତ, ସିକନ୍ଦରାବାଦ ଘଣ୍ଟା ଟାୱାର, ରାମାନୁଜ ପ୍ରତିମୂର୍ତ୍ତି

## ସମ୍ମାନ/ପୁରସ୍କାର

୧. **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** – ଗ୍ରାଣ୍ଡ କ୍ରସ୍ ଅଫ୍ ଅର୍ଡର (ଗ୍ରୀସ)
୨. **ଅର୍ଥନୀତିଜ୍ଞ ରାଜ ସେଟ୍ଟୀ** - ଜର୍ଜ ଲେଡଲି ପୁରସ୍କାର (ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ)
୩. **ସ୍ୱାମିତ୍ୱ ଯୋଜନା** – ରାଷ୍ଟ୍ରୀୟ ଇ-ଗଭର୍ନାନ୍ସ ପୁରସ୍କାର, ୨୦୨୩
୪. **ଶାନ୍ତା ଥୋଟମ୍** - ବିଶ୍ୱ ଅଭିନବ ପୁରସ୍କାର
୫. **ମିରା ଗ୍ରୋଭର** - ସଶକ୍ତ ମହିଳା ଆଇକନ୍ ପୁରସ୍କାର

## ନିଯୁକ୍ତି

୧. **ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବ** – ନୂତନ ଅଧ୍ୟକ୍ଷ - ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ
୨. **ନୀଳକଣ୍ଠ ମିଶ୍ର** - ନୂତନ ଅଧ୍ୟକ୍ଷ - ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ
୩. **ସଞ୍ଜୟ କୁମାର ଅଗ୍ରୱାଲ** - ନୂତନ ଅଧ୍ୟକ୍ଷ - ପରୋକ୍ଷ ଟିକସ ଏବଂ କଷ୍ଟମ ବୋର୍ଡ
୪. **ଜଷ୍ଟିସ୍ ଶୁଭାଶିଷ ତାଳପତ୍ର** - ନୂତନ ପ୍ରଧାନ ବିଚାରପତି - ଓଡ଼ିଶା ହାଇକୋର୍ଟ
୫. **ଉମେଶ ରେଭାନକର** - ନୂତନ ଅଧ୍ୟକ୍ଷ - ଅର୍ଥ ଶିକ୍ଷ ବିକାଶ ପରିଷଦ

## ଦେହାନ୍ତ

୧. **ବିକାଶ ସିହ୍ନା** (୭୮) - ପରମାଣୁ ପଦାର୍ଥ ବିଜ୍ଞାନୀ
୨. **ପ୍ରଫେସର ଏମ.ଆର ସତ୍ୟନାରାୟଣ ରାଓ** (୭୫) – ପଦ୍ମଶ୍ରୀ ବୈଜ୍ଞାନିକ
୩. **ପ୍ରଫେସର ଦେବନ୍ ଦତ୍ତା** (୮୧) - ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କାର୍ଯ୍ୟକର୍ତ୍ତା
୪. **ସି ରାଧାକୃଷ୍ଣ ରାଓ** (୧୦୩) - ଗଣିତଜ୍ଞ ତଥା ପରିସଂଖ୍ୟାନଜ୍ଞ
୫. **ଜୟନ୍ତ ମହାପାତ୍ର** (୯୫) - ଇଂରାଜୀ କବି



ଯେଉଁମାନଙ୍କର ମନ ଛୋଟିଆ, ସେମାନଙ୍କୁ ଛୋଟିଆଟି ବଡ଼ ଜଣାପଡ଼େ।

## ଓଡ଼ିଶା

୧. ଭାରତର ଜନସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ସ୍ଥାନ କେତେ ?
(କ) ଏକାଦଶ (ଖ) ଦ୍ୱାଦଶ
(ଗ) ତ୍ରୟୋଦଶ (ଘ) ଚତୁର୍ଦ୍ଦଶ

୨. ବାଣପୁର ଭଗବତୀ ମନ୍ଦିର କେଉଁ ଜିଲାରେ ଅବସ୍ଥିତ ?
(କ) ଗଞ୍ଜାମ (ଖ) ନୟାଗଡ଼
(ଗ) ଖୋରଧା (ଘ) ପୁରୀ

୩. କେଉଁଟି ଏକ ଜିଲା ନୁହେଁ ?
(କ) ବୌଦ (ଖ) କନ୍ଧମାଳ
(ଗ) ଫୁଲବାଣୀ (ଘ) କେନ୍ଦ୍ରାପଡ଼ା

୪. ବାଲିଯାତ୍ରା କେଉଁ ମାସରେ ପଡ଼ିଥାଏ ?
(କ) ଆଶ୍ୱିନ (ଖ) କାର୍ତ୍ତିକ
(ଗ) ମାର୍ଗଶୀର (ଘ) ମାଘ

୫. କେଉଁଠାରେ ସିମେଣ୍ଟ କାରଖାନା ଅଛି ?
(କ) କଟକ (ଖ) ଖୋରଧା
(ଗ) ରାଜଗାଙ୍ଗପୁର (ଘ) ସୁନାବେଡ଼ା

୬. ବକ୍ସାଇଟ୍ କେଉଁଠାରେ ମିଳେ ?
(କ) ବଲାଙ୍ଗୀର (ଖ) ସୁନ୍ଦରଗଡ଼
(ଗ) କେନ୍ଦୁଝର (ଘ) କଳାହାଣ୍ଡି

୭. 'ସମୟ' ସମ୍ବାଦପତ୍ରର ପ୍ରତିଷ୍ଠାତା କିଏ ?
(କ) ବସନ୍ତ କୁମାର ବିଶ୍ୱାଳ (ଖ) ହରେକୃଷ୍ଣ ମହତାବ
(ଗ) ପ୍ରଦ୍ୟୁମ୍ନ ବଳ (ଘ) ବିକାଶ କର

୮. ଭୂମିପୁତ୍ର ରୂପେ କିଏ ପରିଚିତ ?
(କ) ବିଜୁ ପଟ୍ଟନାୟକ (ଖ) ବିଶ୍ୱନାଥ ପାତ୍ର
(ଗ) ଗୋପବନ୍ଧୁ ଦାସ (ଘ) ଜଗନ୍ନାଥ ଦାସ

୯. ନିମାଇଁ ଚରଣ ହରିଚନ୍ଦନ ଜଣେ..... ?
(କ) ଅଭିନେତା (ଖ) ସଙ୍ଗୀତ ଶିଳ୍ପୀ
(ଗ) ନୃତ୍ୟ ଶିଳ୍ପୀ (ଘ) ଗୀତିକାର

୧୦. ଓଡ଼ିଶାର ପ୍ରଥମ ବାଚସ୍ପତିଙ୍କର ନାମ କ'ଣ ?
(କ) ମୁକୁନ୍ଦ ପ୍ରସାଦ ଦାସ (ଖ) ଲାଲ ମୋହନ ପଟ୍ଟନାୟକ
(ଗ) ନନ୍ଦ କିଶୋର ଦାସ (ଘ) ନୀଳକଣ୍ଠ ଦାସ

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଶୂନ୍ୟସ୍ଥାନ ପୂରଣ କର।
GON, JRQ, MUT, ____
(କ) NOG (ଖ) PXW (ଗ) JQR (ଘ) TUM

୨. ୨ ଜାନୁଆରୀ, ୧୯୯୩ ହେଉଛି ଗୁରୁବାର। ତେବେ ୧୫ ମାର୍ଚ୍ଚ, ୧୯୯୩ କେଉଁବାର ପଡ଼ିବ ?
(କ) ରବିବାର (ଖ) ସୋମବାର (ଗ) ମଙ୍ଗଳବାର (ଘ) ଶନିବାର

୩. ଯଦି ଧଳାକୁ କଳା, କଳାକୁ ହଳଦିଆ, ହଳଦିଆକୁ ନୀଳ, ଏବଂ ନୀଳକୁ ନାଲି ଏବଂ ନାଲିକୁ ସବୁଜ କୁହାଯାଏ, ତେବେ ରକ୍ତର ରଙ୍ଗ କ'ଣ ହେବ ?
(କ) ହଳଦିଆ (ଖ) ନୀଳ (ଗ) ନାଲି (ଘ) ସବୁଜ

୪. ଯଦି -, × ହୁଏ; ×, + ହୁଏ ଏବଂ +, ÷ ହୁଏ; ÷, - ହୁଏ ତେବେ
୧୭୫-୨୫÷୫+୨୦×୩+୧୦= ?
(କ) ୭୭ (ଖ) ୧୬୦(ଗ) ୨୪୦ (ଘ) ୨୩୭୦


୫. ଯଦି ଜଣେ ୩ କି.ମି. ପୂର୍ବକୁ ଯାଇ ଦକ୍ଷିଣକୁ ବୁଲିଲା ଏବଂ ୪ କି.ମ ଗଲା। ତେବେ ସେ ବାହାରିବା ସ୍ଥାନରୁ ପହଞ୍ଚିବାସ୍ଥାନର ଦୂରତ୍ୱ କେତେ ?
(କ) ୫ କି.ମି. (ଖ) ୬ କି.ମି. (ଗ) ୨ କି.ମି. (ଘ) ୧୦ କି.ମି.

୬. ଶୂନ୍ୟସ୍ଥାନ ପୂରଣ କର।




(କ) ୩୨ (ଖ) ୪୨ (ଗ) ୬୨ (ଘ) ୮୨

୭. ଟେବୁଲ ,ଚେୟାର ଓ ଫର୍ନିଚର କେଉଁ ଭେନ୍ ଚିତ୍ରକୁ ବୁଝାଏ।




୮. ଯଦି MADRASକୁ NBESBT ଭାବେ coded କରାଯାଏ, ତେବେ BOMBAYକୁ ସେହିପରି coded କଲେ କ'ଣ ହେବ ?
(କ) CPOCBZ (ଖ) CPNCPX(ଗ) CPNCBZ(ଘ) CQOCBZ

୯. ନୀଲମ ଦୀପିକାକୁ କହିଲା, 'ତୁମର ମା' ରେଖା ମୋ ବାପାଙ୍କର ସାନ ଭଉଣୀ ଯିଏ ରାମଲାଲଙ୍କର ତୃତୀୟ ସନ୍ତାନ।' ତେବେ ରାମ ଲାଲ୍ ଦୀପିକାର ସମ୍ପର୍କରେ କ'ଣ ହେବ ?
(କ) ମାମୁ (ଖ) ବାପା (ଗ) ଅଜା (ଘ) ଶଶୁର

୧୦. କେଉଁଟି ଗ୍ରୁପରେ ଅଲଗା ?
(କ) ଚେନ୍ନାଇ (ଖ) ମୁମ୍ବାଇ (ଗ) ଦିଲ୍ଲୀ (ଘ) ବିଶାଖାପାଟନମ୍

**ଉତ୍ତର**

**୧.(କ) ଏକାଦଶ, ୨.(ଗ) ଖୋରଧା, ୩.(ଗ) ଫୁଲବାଣୀ, ୪.(ଖ) କାର୍ତ୍ତିକ, ୫.(ଗ) ରାଜଗାଙ୍ଗପୁର, ୬.(କ) ବଲାଙ୍ଗିର, ୭.(କ) ବସନ୍ତ କୁମାର ବିଶ୍ୱାଳ, ୮.(କ) ବିଜୁ ପଟ୍ଟନାୟକ, ୯.(ଖ) ସଙ୍ଗୀତ ଶିଳ୍ପୀ, ୧୦.(କ) ମୁକୁନ୍ଦ ପ୍ରସାଦ ଦାସ**

**୧.(ଖ) PXW, ୨.(ଘ) ଶନିବାର, ୩.(ଘ) ସବୁଜ, ୪.(କ) ୭୭, ୫.(କ) ୫ କି.ମି., ୬. (ଖ)୪୨, ୭. (ଗ)**  **, ୮. (ଗ) CPNCBZ, ୯. (ଗ) ଅଜା, ୧୦.(ଗ) ଦିଲ୍ଲୀ**



ମନୁଷ୍ୟ ଭୁଲ୍ କରିବ, କିନ୍ତୁ ସେ ଭୁଲକୁ ଜାଣି ନ ପାରିବା ହେଉଛି ଅମନୁଷ୍ୟତା।

## ଇତିହାସ

୧. ଭାରତୀୟ ମୁସଲମାନ ବ୍ୟବସାୟୀଙ୍କ ଓକିଲ ରୂପେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର କେଉଁ ସ୍ଥାନକୁ ଯାଇଥିଲେ ?
(କ)ଟ୍ରାନ୍ସଭାଲ (ଖ)ଜୋହାନ୍ସବର୍ଗ (ଗ)ରୋଡେସିଆ (ଘ)ନାଟାଲ

୨.ଦକ୍ଷିଣ ଆଫ୍ରିକାରେ ଇଂରାଜମାନେ କେଉଁମାନଙ୍କୁ 'କୁଲି' ବୋଲି ସମ୍ବୋଧନ କରୁଥିଲେ ?
(କ)ଭାରତୀୟମାନଙ୍କୁ (ଖ)ଆଫ୍ରିକୀୟମାନଙ୍କୁ
(ଗ)କ୍ରୀତଦାସମାନଙ୍କୁ (ଘ)ଦାସମାନଙ୍କୁ

୩.ଦକ୍ଷିଣ ଆଫ୍ରିକାରେ ବାସ କରୁଥିବା ଭାରତୀୟମାନଙ୍କୁ କେଉଁ ଅଧିକାର ଦିଆଯାଇ ନଥିଲା ?
(କ)ଆନ୍ଦୋଳନ କରିବା (ଖ)ସମ୍ବାଦ ପ୍ରକାଶ କରିବା
(ଗ)ଭୋଟଦାନ (ଘ)ସ୍ୱାଧୀନ ମନ୍ତବ୍ୟ ଦେବା

୪.ତିନିକାଠିଆ ବ୍ୟବସ୍ଥା ଉଚ୍ଛେଦ ଫଳରେ ଇଂରେଜ ମାଲିକମାନେ ଚାଷୀଙ୍କୁ କେତେ ଭାଗ ଅର୍ଥ ଫେରାଇ ଦେଇଥିଲେ ?
(କ)୩୫ ଭାଗ (ଖ)୨୫ ଭାଗ (ଗ)୪ ଭାଗ (ଘ)୨୦ ଭାଗ

୫. ବର୍ଣ୍ଣବୈଷମ୍ୟ ନୀତି କେଉଁ ଦେଶରେ ଦେଖାଯାଇଥିଲା ?
(କ)ଇଉରୋପ (ଖ)ଆମେରିକା (ଗ)ଦକ୍ଷିଣ ଆଫ୍ରିକା (ଘ)ଭାରତ

୬.ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କୁ କେଉଁ କାରାଗାରରେ ବନ୍ଦୀ କରାଯାଇଥିଲା ?
(କ)ପ୍ରିଟୋରିଆ (ଖ)ନାଟାଲ୍ (ଗ)ଜୋହନସ୍ବର୍ଗ (ଘ)ଡରବାନ

୭.ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଗାନ୍ଧୀଙ୍କର ରାଜନୈତିକ ଗୁରୁ ଥିଲେ ?
(କ)ଚିତ୍ତରଞ୍ଜନ (ଖ)ମଧୁସୂଦନ (ଗ)ଗୋପାଳକୃଷ୍ଣ (ଘ)ଅରବିନ୍ଦ ଘୋଷ

୮.ଗୁଜୁରାଟର ଖେଡ଼ା ଜିଲ୍ଲାରେ କେବେ ଦୁର୍ଭିକ୍ଷ ଦେଖାଦେଇଥିଲା ?
(କ)୧୯୦୫ (ଖ) ୧୯୦୬ (ଗ)୧୯୧୮ (ଘ) ୧୯୧୯

୯.ପ୍ଲେଗ୍ ବୋନସ୍ କେଉଁ ଲୁଗାକଳରେ ପ୍ରଚଳିତ ଥିଲା ?
(କ) ସୁରତ (ଖ)ମୁମ୍ବାଇ (ଗ)ଅହମ୍ମଦାବାଦ (ଘ)ଗାଜିଆବାଦ

୧୦.୧୯୧୯ ଏପ୍ରିଲ୍ ୧୩ରେ ଅମୃତସରରେ କେଉଁ ଉତ୍ସବ ପାଳନ କରାଯାଇଥିଲା ?
(କ)ହୋଲି ଉତ୍ସବ (ଖ)ଦଶହରା ଉତ୍ସବ
(ଗ)କୁମାର ଉତ୍ସବ (ଘ)ବୈଶାଖୀ ଉତ୍ସବ

## ବାଣିଜ୍ୟ

୧.୧୯୯୮ ସେପଟେମ୍ବର ୪ରେ ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଦୁଇ ଜଣ ପିଏଚ୍‌ଡି ଛାତ୍ର ଲାରି ପେଜ୍ ଓ ସର୍ଜି ବ୍ରିନ୍ ଗୁଗୁଲ୍‌କୁ ସ୍ଥାପନ କରିଥିଲେ। ଗୁଗୁଲ୍‌କୁ ଏବେ କେତେ ବର୍ଷ ଚାଲିବ ?
(କ)୨୦ ବର୍ଷ (ଖ)୨୨ ବର୍ଷ (ଗ)୨୫ ବର୍ଷ (ଘ)୨୭ ବର୍ଷ

୨.ଜୁଲାଇ ଶେଷ ସୁଦ୍ଧା ରିଅଲ ଇଷ୍ଟେଟ୍ କ୍ଷେତ୍ରକୁ ବ୍ୟାଙ୍କ ଦେଉଥିବା ଋଣ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୩୭ ପ୍ରତିଶତ (ଖ)୩୫ ପ୍ରତିଶତ (ଗ)୩୬ ପ୍ରତିଶତ (ଘ)୩୮ ପ୍ରତିଶତ

୩.ଅଗଷ୍ଟ ମାସ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ପାଖକୁ କେତେ ପ୍ରତିଶତ ୨୦୦୦ ଟଙ୍କିଆ ନୋଟ ଫେରିଆସିଛି ?
(କ)୯୦ ପ୍ରତିଶତ (ଖ) ୮୫ ପ୍ରତିଶତ (ଗ)୯୩ ପ୍ରତିଶତ (ଘ)୯୫ ପ୍ରତିଶତ

୪.ବିଶ୍ୱର ବିଶିଷ୍ଟ ନିବେଶକ ତଥା ବର୍କସାୟାର ହାଥାୱେର ପ୍ରତିଷ୍ଠାତା ୱାରେନ୍ ବଫେ ୯୩ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ପାଖାପାଖି ୧୧୮.୩ ବିଲିୟନ ଡଲାର ସମ୍ପତ୍ତି ସହିତ ଫୋର୍ବସ ତାଲିକାରେ ବଫେ ହେଉଛନ୍ତି ବିଶ୍ୱର କେତେ ତମ ଧନୀ ବ୍ୟକ୍ତି ଅଟନ୍ତ ?
(କ) ଚତୁର୍ଥ (ଖ) ପଞ୍ଚମ (ଗ) ଷଷ୍ଠ (ଘ) ସପ୍ତମ

୫.ଭାରତରେ ଲାପଟପ୍ ଓ ପର୍ସନାଲ୍ କମ୍ପ୍ୟୁଟର (ପିସି) ତିଆରି କରିବା ଲାଗି କେତୋଟି ସଂସ୍ଥା ଆବେଦନ କରିଛନ୍ତି ?
(କ)୩୨ (ଖ)୩୦ (ଗ)୪୦ (ଘ)୪୫

୬.ଭାରତୀୟ ଅଟୋମୋବାଇଲ କମ୍ପାନିଗୁଡ଼ିକ ଅଗଷ୍ଟ ମାସରେ ଦେଶରେ ରେକର୍ଡ ୩,୬୦,୮୯୭ ୟୁନିଟ୍ ବିକ୍ରି କରିଛି। ଗତବର୍ଷ ଅଗଷ୍ଟ ମାସର ବିକ୍ରି ତୁଳନାରେ ଏହା କେତେ ପ୍ରତିଶତ ଅଧିକ ଅଟେ ?
(କ)୯.୧୨ (ଖ)୮.୫ (ଗ)୯.୫ (ଘ)୧୦.୪

୭.ମୋବାଇଲ୍ ଫୋନ୍ ଉତ୍ପାଦନରେ ଭାରତକୁ ଉଲ୍ଲେଖନୀୟ ସଫଳତା ମିଳିଛି। ମୋବାଇଲ୍ ଉତ୍ପାଦନ କ୍ଷେତ୍ରରେ ଭାରତ ସାରା ବିଶ୍ୱରେ ଭାରତ କେତେ ତମ ସ୍ଥାନ ଅଧିକାର କରିଛି ?
(କ)ପ୍ରଥମ (ଖ)ଦ୍ୱିତୀୟ (ଗ)ତୃତୀୟ (ଘ)ଚତୁର୍ଥ

୮.ଭାରତ ସରକାର ଆମେରିକାରୁ ଆସୁଥିବା ମସୁର ଡାଲି ଉପରେ କେତେ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିଥାନ୍ତି ?
(କ)୧୧ (ଖ)୧୫ (ଗ)୨୨ (ଘ)୨୫

୯. ପ୍ରକାଶିତ ଏକ ରିପୋର୍ଟ ମୁତାବକ, ରିଲାଏନ୍ସ ରିଟେଲ ପୋଷାକ ବ୍ରାଣ୍ଡ 'ଏଡ୍-ଏ-ମାମା'ର କେତେ ପ୍ରତିଶତ ଅଂଶଧନ କ୍ରୟ କରିଛି ?
(କ)୪୮ (ଖ)୪୫ (ଗ)୪୦ (ଘ)୫୧

୧୦.ସେପ୍ଟେମ୍ବରରେ ସିମେଣ୍ଟ ପ୍ରତି ବସ୍ତା ପିଛା କେତେ ଟଙ୍କା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି ?
(କ)୧୦ରୁ ୩୦ ଟଙ୍କା (ଖ)୧୦ରୁ ୪୫ ଟଙ୍କା
(ଗ)୧୦ରୁ ୩୫ ଟଙ୍କା (ଘ)୧୦ରୁ ୫୫ ଟଙ୍କା

### ଉତ୍ତର

**୧.(ଘ)ନାଟାଲ, ୨.(କ)ଭାରତୀୟମାନଙ୍କୁ , ୩.(ଗ)ଭୋଟଦାନ, ୪.(ଖ)ପଚିଶ ଭାଗ, ୫.(ଗ)ଦକ୍ଷିଣ ଆଫ୍ରିକା, ୬.(ଗ)ଜୋହନସ୍ବର୍ଗ, ୭.(ଗ)ଗୋପାଳକୃଷ୍ଣ, ୮.(ଗ)୧୯୧୮, ୯.(ଗ)ଅହମ୍ମଦାବାଦ, ୧୦.(ଘ)ବୈଶାଖୀ ଉତ୍ସବ**

**୧.(ଗ)୨୫ ବର୍ଷ, ୨.(ଘ) ୩୮ ପ୍ରତିଶତ, ୩.(ଗ)୯୩ ପ୍ରତିଶତ, ୪.(ଖ)ପଞ୍ଚମ, ୫.(କ)୩୨, ୬.(ଘ)୧୦.୪, ୭.(ଖ)ଦ୍ୱିତୀୟ, ୮.(ଗ)୨୨, ୯.(ଘ)୫୧, ୧୦.(ଗ)୧୦ରୁ ୩୫ ଟଙ୍କା**



ମନୁଷ୍ୟ ଭୁଲ୍ କରିଥାଏ - ଦୈବଗୁଣ ସମ୍ପନ୍ନ ଲୋକ ତାକୁ କ୍ଷମା ଦିଏ।

## ଅର୍ଥନୀତି

୧. ବିଭିନ୍ନ ଅର୍ଥନୈତିକ ଓ ବ୍ୟବସାୟିକ ମାନଦଣ୍ଡ ଆଧାରରେ ଚୀନ୍‌ଠାରୁ ଭାରତ କେତେ ବର୍ଷ ପଛୁଆ ଥିବା ବର୍ଣ୍ଣଷ୍ଟିନ୍ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ?
(କ)୧୮ (ଖ)୧୭.୫ (ଗ)୧୬.୫ (ଘ)୧୭

୨.ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ (୨୦୨୩ର ଏପ୍ରିଲ୍-ଜୁଲାଇ) ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) କେତେ ପ୍ରତିଶତ ଅଭିବୃଦ୍ଧି ହୋଇଛି ?
(କ)୭ (ଖ)୭.୮ (ଗ)୬.୮ (ଘ)୮.୦

୩. ଚଳିତ ବର୍ଷ ଅଗଷ୍ଟରେ ସାରା ଦେଶରେ ୧,୫୯,୦୬୯ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି । ସେଥିରୁ କେତେ ଟଙ୍କା ଓଡ଼ିଶାରୁ ସଂଗ୍ରହ କରାଯାଇଛି ?
(କ)୪,୪୦୦ କୋଟି (ଖ)୪,୪୦୮ କୋଟି
(ଗ)୩,୪୦୦ କୋଟି (ଘ)୩,୪୦୮ କୋଟି

୪. ଅଗଷ୍ଟ ମାସ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ପାଖକୁ କେତେ ପ୍ରତିଶତ ୨୦୦୦ ଟଙ୍କିଆ ନୋଟ ଫେରିଆସିଥିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି ?
(କ)୯୦ (ଖ)୮୫ (ଗ)୯୩ (ଘ)୯୫

୫.ସାଧାରଣ ଲୋକମାନେ ରୋଷେଇ ପାଇଁ ବ୍ୟବହାର କରୁଥିବା ୧୪.୨ କି.ଗ୍ରା. ଗ୍ୟାସ୍ ସିଲିଣ୍ଡର ଦାମ୍‌ରେ କେତେ ଟଙ୍କା ହ୍ରାସ କରାଯାଇଛି ?
(କ)୧୫୦ (ଖ)୧୭୫ (ଗ)୧୪୨ (ଘ)୨୦୦

୬.ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଉପରେ ୨୦୦ ଟଙ୍କାର ସବସିଡି ସହ ଉଜ୍ଜ୍ୱଳା ହିତାଧିକାରୀ ଆଉ କେତେ ଟଙ୍କା ଅଧିକ ରିହାତି ପାଇବେ ?
(କ)୧୫୦ (ଖ)୨୦୦ (ଗ)୨୫୦ (ଘ)୨୫୦

୭. ଜନଧନ ଯୋଜନାରେ ବ୍ୟାଙ୍କଗୁଡ଼ିକରେ ସମୁଦାୟ କେତେ ଖାତା ଖୋଲାଯାଇଛି ?
(କ)୪୦ କୋଟି (ଖ)୫୦ କୋଟି (ଗ)୬୦ କୋଟି (ଘ)୭୦ କୋଟି

୮.ରାଜ୍ୟର ପ୍ରମୁଖ ୧୦ ଉଚ୍ଚ-ସମ୍ଭାବ୍ୟ ଷ୍ଟାର୍ଟଅପ୍ ସଂସ୍ଥା ପାଇଁ ଓଡ଼ିଶା ସରକାର ନିକଟରେ କେତେ କୋଟି ଟଙ୍କାର ଅନୁଦାନ ରାଶି ଅନୁମୋଦନ କରିଛନ୍ତି ?
(କ)୧.୫୦ (ଖ)୧.୭୫ (ଗ)୧.୪୨ (ଘ) ୧.୨୮

୯.୧୦ ବର୍ଷରୁ ଅଧିକ ସମୟ ଧରି ଅପଡେଟ୍ ହୋଇନଥିବା ଆଧାରକାର୍ଡ଼ ଗୁଡ଼ିକୁ 'ମାଇ ଆଧାର ପୋର୍ଟାଲ' ମାଧ୍ୟମରେ ମାଗଣାରେ ଅପଡେଟ୍ କରିବା ପାଇଁ ସମୟସୀମା ସେପ୍ଟେମ୍ବର ୪ ତାରିଖରୁ କେତେ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
(କ)ଅକ୍ଟୋବର ୧୪ (ଖ)ସେପ୍ଟେମ୍ବର ୧୪
(ଗ)ଡିସେମ୍ବର ୧୪ (ଘ)ନଭେମ୍ବର ୧୪

୧୦.ଅଗଷ୍ଟରେ ୟୁନିଫାଏଡ ପେମେଣ୍ଟ ସିଷ୍ଟମ (ୟୁପିଆଇ) ମାଧ୍ୟମରେ ଅର୍ଥ ଦେଣନେଣ କେତେ କୋଟି ଅତିକ୍ରମ କରିଛି ?
(କ)୭୦୦ କୋଟି (ଖ)୯୦୦ କୋଟି (ଗ)୧୦୦୦ କୋଟି (ଘ)୮୦୦ କୋଟି

## କ୍ରୀଡ଼ା

୧.୨୦୨୩ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍ କେଉଁଠାରେ ଆୟୋଜିତ ହୋଇଥିଲା ?
(କ) ଟୋକିଓ (ଖ) ବର୍ଲିନ୍ (ଗ) ବୁଦାପେଷ୍ଟ (ଘ) ବୁଚାରେଷ୍ଟ

୨.୨୦୨୩ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ନୀରଜ ଚୋପ୍ରା ଜାଭଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ପ୍ରତିଯୋଗିତାର ଇତିହାସରେ ଏହା ଭାରତର କେତେତମ ସ୍ୱର୍ଣ୍ଣପଦକ ?
(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୩.ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଆୟୋଜିତ ୨୦୨୩ର ଫିଫା ମହିଳା ବିଶ୍ୱକପରେ କେଉଁ ଦେଶ ଚାମ୍ପିଆନ ହୋଇଛି ?
(କ) ସ୍ପେନ୍ (ଖ) ଇଂଲାଣ୍ଡ (ଗ) ସ୍ୱିଡେନ୍ (ଘ) ଅଷ୍ଟ୍ରେଲିଆ

୪. ୨୦୨୩ ଫିଫା ମହିଳା ବିଶ୍ୱକପର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗୋଲଡେନ୍ ବଲ ଜିତିଥିବା ଆଇତାନା ବୋନମାତି କେଉଁ ଦେଶର ତାରକା ?
(କ) ସ୍ୱିଡେନ୍ (ଖ) ଜାପାନ୍ (ଗ) ସ୍ପେନ୍ (ଘ) ୟୁ.ଏସ.ଏ.

୫.୨୦୨୩ର ଫିଫା ମହିଳା ବିଶ୍ୱକପରେ ୫ଟି ଗୋଲ ଦେଇ ଟପ୍ ସ୍କୋରର ହୋଇଥିବା ହିନାତା ମିୟାଜାୱା କେଉଁ ଦେଶର ଖେଳାଳି ?
(କ) ବ୍ରାଜିଲ (ଖ) ଜାପାନ୍ (ଗ) ଇଂଲାଣ୍ଡ (ଘ) କଲମ୍ବିଆ

୬.ଜର୍ମାନୀର ବର୍ଲିନରେ ଅନୁଷ୍ଠିତ ୨୦୨୩ର ୱାର୍ଲଡ ତୀରଚାଳନା ଚାମ୍ପିଆନଶିପରେ ଭାରତକୁ କେତୋଟି ସ୍ୱର୍ଣ୍ଣ ପଦକ ମିଳିଛି ?
(କ) ଗୋଟିଏ (ଖ) ଦୁଇଟି (ଗ) ତିନିଟି (ଘ) ଚାରିଟି

୭.୨୦୨୩ର ବିଶ୍ୱ ତୀରଚାଳନା ପ୍ରତିଯୋଗିତାର ବ୍ୟକ୍ତିଗତ ମହିଳା କମ୍ପାଉଣ୍ଡରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଖେଳାଳିଙ୍କ ନାମ କ'ଣ ?
(କ) ଅଙ୍କିତା ଭଗତ (ଖ) ଜ୍ୟୋତି ସୁରେଖା ଭେନମ
(ଗ) ପରନୀତ କୌର (ଘ) ଅଦିତି ଗୋପୀଚାନ୍ଦ ସ୍ୱାମୀ

୮.ଏହି ବିଶ୍ୱ ତୀରଚାଳନା ପ୍ରତିଯୋଗିତାର ବ୍ୟକ୍ତିଗତ ପୁରୁଷ କମ୍ପାଉଣ୍ଡ ବିଭାଗରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଖେଳାଳିଙ୍କ ନାମ କ'ଣ ?
(କ) ଅଭିଷେକ ବର୍ମା (ଖ) ଓଜାସ୍ ଦେଓତାଲେ
(ଗ) ରଜତ ଚୌହାନ (ଘ) ପ୍ରଥମେଶ ଜାୱକର

୯.ଆଜରବାଇଜାନ୍‌ର ବାକୁଠାରେ ଅନୁଷ୍ଠିତ ୨୦୨୩ର ବିଶ୍ୱ ଶୁଟିଂ ଚାମ୍ପିଆନଶିପରେ ଭାରତକୁ କେତୋଟି ସ୍ୱର୍ଣ୍ଣପଦକ ମିଳିଛି ?
(କ) ୩ଟି (ଖ) ୪ଟି (ଗ) ୫ଟି (ଘ) ୬ଟି

୧୦.୨୦୨୩ର ଏହି ବିଶ୍ୱ ଶୁଟିଂ ପ୍ରତିଯୋଗିତାର ୨୫ ମି. ଷ୍ଟାଣ୍ଡାର୍ଡ ପିସ୍ତଲରେ ଭାରତ ପାଇଁ ଏକମାତ୍ର ବ୍ୟକ୍ତିଗତ ସ୍ୱର୍ଣ୍ଣ କିଏ ଜିଣିଛନ୍ତି ?
(କ) ଅଖିଲ ଶେଓରନ୍ (ଖ) ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର୍
(ଗ) ଅମନପ୍ରୀତ ସିଂହ (ଘ) ଶିବା ନରୱାଲ

### ଉତ୍ତର

**୧.(ଗ)୧୬.୫ ବର୍ଷ , ୨.(ଖ) ୭.୮, ୩. (ଖ) ୪,୪୦୮ କୋଟି, ୪.(ଗ)୯୩, ୫.(ଘ) ୨୦୦, ୬.(ଖ)୨୦୦, ୭.ଖ) ୫୦ କୋଟି, ୮.(ଘ)୧.୨୮, ୯.(ଗ)ଡିସେମ୍ବର ୧୪, ୧୦.ଗ)୧୦୦୦ କୋଟି**

**୧.(ଗ) ବୁଦାପେଷ୍ଟ, ୨.(କ) ପ୍ରଥମ, ୩.(କ) ସ୍ପେନ୍, ୪.(ଗ) ସ୍ପେନ୍, ୫.(ଖ) ଜାପାନ୍, ୬.(ଗ) ତିନିଟି, ୭.(ଘ) ଅଦିତି ଗୋପୀଚାନ୍ଦ ସ୍ୱାମୀ, ୮.(ଖ) ଓଜାସ୍ ଦେଓତାଲେ, ୯.(ଘ) ୬ଟି, ୧୦.(ଗ) ଅମନପ୍ରୀତ ସିଂହ**



ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର ।

## ସାହିତ୍ୟ, କଳା ଓ ସଂସ୍କୃତି

୧.ନିକଟରେ ୯୫ ବର୍ଷରେ ଦିବଙ୍ଗତ ହୋଇଥିବା ଓଡ଼ିଆ ଓ ଇଂରାଜୀ ଭାଷାର ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ ଜନ୍ମସ୍ଥାନ କେଉଁଠି ?
(କ) ବାଲେଶ୍ୱର (ଖ) ପୁରୀ (ଗ) କଟକ (ଘ) ବ୍ରହ୍ମପୁର

୨.୨୦୨୧ରେ ଦିବଙ୍ଗତ ହୋଇଥିବା ଓଡ଼ିଶାର ବିଶିଷ୍ଟ କଥାକାର ମନୋଜ ଦାସ ମୃତ୍ୟୁ ବେଳକୁ କେଉଁଠାରେ ରହୁଥିଲେ ?
(କ) କଟକ (ଖ) ଚେନ୍ନାଇ (ଗ) ଦିଲ୍ଲୀ (ଘ) ପଣ୍ଡିଚେରୀ

୩.ଆମ ଦେଶର ଖ୍ୟାତନାମା ଇଂରାଜୀ ଭାଷାର ଲେଖକ ରସ୍କିନ୍ ବଣ୍ଡଙ୍କ ଜନ୍ମ ହିମାଚଳ ପ୍ରଦେଶର କେଉଁଠାରେ ହୋଇଥିଲା ?
(କ) ମନାଲି (ଖ) କସୌଲୀ (ଗ) ଶିମଲା (ଘ) ଡେଲହୌସୀ

୪.୨୦୨୨ପାଇଁ ଘୋଷିତ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବା ତାରକା ଜଣକ କିଏ ?
(କ) ଅମୀର ଖାନ୍ (ଖ) ଅନୁପମ ଖେର୍
(ଗ) ଅଲ୍ଲୁ ଅର୍ଜୁନ (ଘ) ମହେଶ ବାବୁ

୫.ଆଲିଆ ଭଟ୍ଟଙ୍କ ସହିତ ଆଉ କେଉଁ ତାରକା ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ମିଳିତ ଭାବେ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି ?
(କ) କ୍ରିତି ଶାନନ୍ (ଖ) ତମନ୍ନା ଭାଟିଆ
(ଗ) ପଲ୍ଲବୀ ଯୋଶୀ (ଘ) ଶ୍ରଦ୍ଧା କପୁର

୬.୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଫିଚର ଫିଲ୍ମର ପୁରସ୍କାର ପାଇଁ କେଉଁ ଚଳଚ୍ଚିତ୍ରଟିକୁ ବଛାଯାଇଛି ?
(କ) ଗୋଦାବରୀ (ଖ)ଗଙ୍ଗୁବାଇ କାଥିଆୱାଡ଼ି
(ଗ) ପୁଷ୍ପା (ଘ)ରକେଟ୍ରି – ଦ ନାମ୍ବି ଇଫେକ୍ଟ

୭.୬୯ତମ ଜାତୀୟ ଚଳଚିତ୍ର ପୁରସ୍କାରରେ କେଉଁ ଚଳଚିତ୍ରକୁ ଜାତୀୟ ଏକତା ପାଇଁ ନର୍ଗିସ ଦତ୍ତ ପୁରସ୍କାର ମିଳିଛି ?
(କ) ଦି କଶ୍ମୀର ଫାଇଲ୍ସ (ଖ) ସର୍ଦ୍ଦାର ଉଧମ
(ଗ) ଆର.ଆର.ଆର. (ଘ) କଦେିସୀ ବିବାଦାୟୀ

୮.ଏହି ୬୯ତମ ଜାତୀୟ ପୁରସ୍କାରରେ ଶ୍ରେଷ୍ଠ ଓଡ଼ିଆ ଚଳଚିତ୍ର ବିବେଚିତ ହୋଇଥିବା ଚଳଚ୍ଚିତ୍ରର ନାମ କ'ଣ ?
(କ) ଦମନ (ଖ) ପ୍ରତୀକ୍ଷା (ଗ) ଦୃଷ୍ଟିକୋଣ (ଘ) ପ୍ରତିଜ୍ଞା

୯.୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପୁରସ୍କାର ପାଇବା ପାଇଁ କିଏ ଯୋଗ୍ୟ ବିବେଚିତ ହୋଇଛନ୍ତି ?
(କ) ଏ.ଆର. ରହମାନ (ଖ) ଶଙ୍କର ମହାଦେବନ
(ଗ) ଶାନ୍ତନୁ ମୈତ୍ର (ଘ) ଏମ.ଏମ. କୀରାବାଣୀ

୧୦.କୃଷ୍ଣ ଜନ୍ମଭୂମି ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ମଥୁରା (ଖ) ବୃନ୍ଦାବନ(ଗ) ଗୋକୁଳ (ଘ) ପ୍ରୟାଗ

## ଭୂଗୋଳ

୧. ୧୨ ଅକ୍ଟୋବର,୨୦୧୩ ତାରିଖ ଦିନ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉପକୂଳରେ ତାଣ୍ଡବ ସୃଷ୍ଟି କରିଥିବା ବାତ୍ୟା 'ଫାଇଲିନ୍' କେଉଁ ଭାଷାର ଶବ୍ଦ ଅଟେ ?
କ) ବଙ୍ଗଳା ଖ) ସିଂହଳୀ ଗ) ଥାଇ ଘ) ଆଣ୍ଡାମାନୀ

୨. ଚୀନ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଗୁଡ଼ିକୁ କ'ଣ କୁହାଯାଏ ?
କ) ଟାଇଫୁନ ଖ) ୱିଲି ୱିଲିଜ୍ ଗ) ହରିକେନ୍ ଘ)ଟ୍ରାଇକ୍ଲୋନ୍

୩. ସାହାରା ମରୁଭୂମି ଅଞ୍ଚଳରୁ ପ୍ରବାହିତ ହେଉଥିବା ଉଷ୍ଣ ଶୁଷ୍କ ବାୟୁକୁ କ'ଣ କୁହାଯାଏ ?
କ) ଚିକୁନ୍ ଖ) ସିରୋକ୍କୋ ଗ) ଫନ୍ ଘ) ଖାମସିନ୍

୪. ଦକ୍ଷିଣ ଆମେରିକାରେ ପ୍ରବାହିତ ଆମାଜନ ନଦୀ କେଉଁ ଦେଶରୁ ସୃଷ୍ଟି ହୋଇଛି ?
କ) ଇକ୍ୱେଡ଼ର ଖ) ଚିଲି ଗ) ବଲିଭିଆ ଘ) ପେରୁ

୫. ଆଫ୍ରିକା ମହାଦେଶର କେଉଁ ଦେଶଟି ପୂର୍ବରୁ ଆବିସିନିଆ ନାମରେ ପରିଚିତ ଥିଲା ?
କ) ଲିବିୟା ଖ) ଇଥିଓପିଆ ଗ) ଟ୍ୟୁନିସିଆ ଘ) ନାଇଜେରିଆ

୬. କେଉଁ ପଡ଼ୋଶୀ ଦେଶକୁ ଲାଗିଥିବା ଭାରତୀୟ ସୀମାର ଦୈର୍ଘ୍ୟ ସବୁଠାରୁ ଅଧିକ ଅଟେ ?
କ) ବାଂଲାଦେଶ ଖ) ପାକିସ୍ତାନ ଗ) ଚୀନ ଘ) ନେପାଳ

୭. ଭାରତର କେଉଁ ରାଜ୍ୟର ସମୁଦ୍ର ଉପକୂଳର ଦୈର୍ଘ୍ୟ ସବୁଠାରୁ ଅଧିକ ?
କ) କର୍ଣ୍ଣାଟକ ଖ) ମହାରାଷ୍ଟ୍ର ଗ) ଗୁଜୁରାଟ ଘ) ଆନ୍ଧ୍ର ପ୍ରଦେଶ

୮.ଲୋକ୍‌ଟକ୍ ହ୍ରଦ ଭାରତର କେଉଁ ରାଜ୍ୟରେ ଅଛି ?
କ) ନାଗାଲାଣ୍ଡ ଖ) ମଣିପୁର ଗ) ମେଘାଳୟ ଘ) ମିଜୋରାମ

୯. ଗୁଜୁରାଟର ସୁରତ ସହର କେଉଁ ନଦୀ କୂଳରେ ଅବସ୍ଥିତ ?
କ) ତାପ୍ତି ଖ) ନର୍ମଦା ଗ) ସାବରମତୀ ଘ) ମାହୀ

୧୦.ଉତ୍ତର ଓଡ଼ିଶାର ଦୁଇଟି ପ୍ରଧାନ ସହର ବାରିପଦା ଓ ବାଲେଶ୍ୱର କେଉଁ ନଦୀ କୂଳରେ ଅବସ୍ଥିତ ?
କ) ସୁବର୍ଣ୍ଣରେଖା ଖ) ସାଳନ୍ଦୀ ଗ) ଜଳକା ଘ) ବୁଢ଼ାବଳଙ୍ଗ

**ଉତ୍ତର**

**୧.(ଗ)କଟକ, ୨.(ଘ)ପଣ୍ଡିଚେରୀ, ୩.(ଖ)କସୌଲୀ, ୪.(ଗ) ଅଲ୍ଲୁ ଅର୍ଜୁନ, ୫.(କ) କ୍ରିତି ଶାନନ୍, ୬.(ଘ)ରକେଟ୍ରି-ଦ ନାମ୍ବି ଇଫେକ୍ଟ, ୭.(କ) ଦି କଶ୍ମୀର ଫାଇଲ୍ସ, ୮.(ଖ) ପ୍ରତୀକ୍ଷା, ୯.(ଘ)ଏମ.ଏମ. କୀରାବାଣୀ, ୧୦.(କ) ମଥୁରା**

**୧.ଗ) ଥାଇ, ୨.କ) ଟାଇଫୁନ, ୩.ଖ) ସିରୋକ୍କୋ, ୪.ଘ) ପେରୁ, ୫.ଖ) ଇଥିଓପିଆ, ୬.କ) ବାଂଲାଦେଶ, ୭.ଗ) ଗୁଜୁରାଟ, ୮.ଖ) ମଣିପୁର, ୯.କ) ତାପ୍ତି, ୧୦.ଘ) ବୁଢ଼ାବଳଙ୍ଗ**

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧.କେଉଁ ସଂସ୍ଥା ନାଗରିକମାନଙ୍କର ମୌଳିକ ଅଧିକାରର ରକ୍ଷା କବଚ ରୂପେ ପରିଚିତ ଅଟେ ?

(କ)ସର୍ବୋଚ୍ଚ ନ୍ୟାୟାଳୟ (ଖ)ଲୋକସଭା

(ଗ)ରାଜ୍ୟସଭା (ଘ)ବିଧାନସଭା

୨.କିଏ ଯୋଜନା କମିଶନର ଅଧକ୍ଷ ଦାୟିତ୍ୱ ତୁଲାଇଥା'ନ୍ତି ?

(କ)ରାଷ୍ଟ୍ରପତି (ଖ)ଉପରାଷ୍ଟ୍ରପତି

(ଗ)ପ୍ରଧାନମନ୍ତ୍ରୀ (ଘ)ଅର୍ଥମନ୍ତ୍ରୀ

୩. ବିଶ୍ୱର ସର୍ବବୃହତ୍ ସମ୍ବିଧାନ କେଉଁ ଦେଶରେ ଅଛି ?

(କ)ଇଂଲଣ୍ଡ (ଖ)ଫ୍ରାନ୍ସ

(ଗ)ଯୁଗୋସ୍ଲୋଭାକିଆ (ଘ)ଭାରତ

୪.କିଏ ଭାରତର ସମ୍ବିଧାନ ପ୍ରଣୟନ ସଭାର ସଭାପତି ଥିଲେ ?

(କ)ଡ. ରାଜେନ୍ଦ୍ର ପ୍ରସାଦ (ଖ)ପଣ୍ଡିତ ଜବାହରଲାଲ ନେହେରୁ

(ଗ)ବିଜୟଲକ୍ଷ୍ମୀ ପଣ୍ଡିତ (ଘ)କେ. ଏମ୍. ମୁନିସ୍

୫.କେବେ ଭାରତକୁ କ୍ୟାବିନେଟ୍ ମିଶନ ଆସିଥିଲେ ?

(କ)୧୯୪୬ (ଖ)୧୯୪୭ (ଗ)୧୯୪୮ (ଘ)୧୯୫୦

୬.କେଉଁ ରାଷ୍ଟ୍ରର ସମ୍ବିଧାନ ଲିଖିତ ସମ୍ବିଧାନ ନୁହେଁ?

(କ)ଭାରତ (ଖ)ଶ୍ରୀଲଙ୍କା

(ଗ)ଇଂଲଣ୍ଡ (ଘ)ଯୁକ୍ତରାଷ୍ଟ୍ର ଆମେରିକା

୭.କେଉଁଟି ସରକାରଙ୍କର ଏକ ଅଙ୍ଗ ନୁହେଁ ?

(କ)କାର୍ଯ୍ୟପାଳିକା (ଖ)ବ୍ୟବସ୍ଥାପିକା

(ଗ)ସାର୍ବଭୌମତ୍ୱ (ଘ)ନ୍ୟାୟପାଳିକା

୮. କିଏ ରାଜ୍ୟପାଳଙ୍କୁ ନିଯୁକ୍ତ କରନ୍ତି ?

(କ)ପ୍ରଧାନମନ୍ତ୍ରୀ (ଖ)ପ୍ରଧାନ ବିଚାରପତି

(ଗ)ରାଷ୍ଟ୍ରପତି (ଘ)ଉପରାଷ୍ଟ୍ରପତି

୯.କିଏ ସମ୍ବିଧାନ ଚିଠା ପ୍ରଣୟନ କମିଟିର ସଭାପତି ଥିଲେ ?

(କ)ଡ. ରାଜେନ୍ଦ୍ର ପ୍ରସାଦ (ଖ)ଡ. ଭୀମରାଓ ଆମ୍ବେଦକର

(ଗ)ସଚ୍ଚିଦାନନ୍ଦ ସିହ୍ନା (ଘ)କେ. ଏମ୍. ମୁନ୍ସୀ

୧୦.କେଉଁ ତାରିଖକୁ ପ୍ରତିବର୍ଷ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି ?

(କ)ଜାନୁଆରୀ ୧୦ (ଖ)ଜୁନ୍ ୧୫

(ଗ)ଅଗଷ୍ଟ ୧୧ (ଘ)ସେପ୍ଟେମ୍ବର ୧୧

## କମ୍ପ୍ୟୁଟର ଶିକ୍ଷା

୧.ଗୋଟିଏ ଡକୁମେଣ୍ଟର ଆରମ୍ଭକୁ ଯିବାକୁ ହେଲେ କେଉଁ ସର୍ଟକଟ୍ କି ବ୍ୟବହାର କରିବାକୁ ପଡ଼ିବ ?

(କ) Ctrl + home (ଖ) Ctrl + left arrow

(ଗ) Ctrl + right arrow (ଘ) Ctrl + end

୨.କୌଣସି ଏକ ସିଲେକ୍ଟେଡ୍ ବିଷୟକୁ କାଟିବା ପାଇଁ କେଉଁ ସର୍ଟକଟ୍ କି ବ୍ୟବହାର କରିବାକୁ ପଡ଼ିବ ?

(କ) Ctrl + A (ଖ) Ctrl + F

(ଗ) Ctrl + V (ଘ) Ctrl + X

୩.କମ୍ପ୍ୟୁଟରର କେଉଁଟି ଏକ ଇଣ୍ଟରନାଲ୍ ହାର୍ଡ୍ୱେୟାର୍ ଅଟେ ?

(କ) ସ୍କାନର୍ (ଖ) ମାଉସ୍

(ଗ) ଭିଡ଼ିଓ କାର୍ଡ୍ (ଘ) ମନିଟର୍

୪.କେଉଁଟି ଏକ ଅପରେଟିଂ ସିଷ୍ଟମ୍ ଅଟେ ?

(କ) ଏମ୍ଏସ୍ ଅଫିସ୍ (ଖ) ଏମ୍ଏସ୍ ଡସ୍

(ଗ) ଏମ୍ଏସ୍ ୱାର୍ଡ଼ (ଘ) ଏମ୍ଏସ୍ ଆସେସ୍

୫.ଏମ୍ଏସ୍ ୱାର୍ଡ଼ର ରିପ୍ଲେସ୍ ଅପ୍ସନ୍ ଏଡିଟ୍ ମେନୁରେ ଗଲେ କେଉଁ ଡାଇଲଗ୍ ବକ୍ସ ଆସିବ ?

(କ) ରିପ୍ଲେସ୍ (ଖ) ଫାଇଣ୍ଡ୍

(ଗ) ଫାଇଣ୍ଡ୍ ଆଣ୍ଡ୍ ରିପ୍ଲେସ୍ (ଘ) ଏଡିଟ୍

୬.ଏମ୍ଏସ୍ ୱାର୍ଡ଼ର B ବଟମ୍‌କୁ କ୍ଲିକ୍ କଲେ ବିଷୟଟି କ'ଣ ହେବ ?

(କ) ବୋଲଡ଼୍ (ଖ) ଇଟାଲିକ୍ (ଗ) ପାରାଗ୍ରାଫ (ଘ) କୌଣସିଟି ନୁହେଁ

୭.ପନ୍‌ଚ କାର୍ଡ଼ ପ୍ରଥମେ କିଏ ବ୍ୟବହାର କରିଥିଲେ ?

(କ) ପାଓ୍ୱାର (ଖ) ପାସସ୍କାଲ୍

(ଗ) ହରମାନ୍ ହୋଲିରିଥ୍ (ଘ) ଜ୍ୟାକ୍ ୱାର୍ଡ଼

୮.ପ୍ରଥମ ଜେନେରେସନ୍ କମ୍ପ୍ୟୁଟର ପୁର୍ବରୁ କମ୍ପ୍ୟୁଟର କ'ଣ ଥିଲା ?

(କ) ମେକାନିକାଲ୍ (ଖ) ଇଲେକ୍ଟ୍ରୋ ମେକାନିକାଲ୍

(ଗ) ଇଲେକ୍ଟ୍ରିକାଲ୍ (ଘ) କୌଣସଟି ନୁହେଁ

୯.ପରସନାଲ୍ କମ୍ପ୍ୟୁଟରର ୱାର୍ଡ଼ ଲେଙ୍ଗଥ୍ କେତେ ?

(କ) ୪ ବିଟ୍‌ସ୍ (ଖ) ୮ ବିଟ୍‌ସ୍

(ଗ) ୧୬ ବିଟ୍‌ସ୍ (ଘ)୬୪ ବିଟ୍‌ସ୍

୧୦.କମ୍ପ୍ୟୁଟରର କ୍ରସର ଏକ କ'ଣ ଅଟେ ?

(କ) ପିକ୍‌ସେଲ୍ (ଖ) ଥିନ୍ ବ୍ଲିଙ୍କିଂ ଲାଇନ୍

(ଗ) ପଏଟିଂ ଡିଭାଇସ୍ (ଘ) କୌଣସଟି ନୁହେଁ

### ଉତ୍ତର

**୧.(କ)ସର୍ବୋଚ୍ଚ ନ୍ୟାୟାଳୟ, ୨.(ଗ)ପ୍ରଧାନମନ୍ତ୍ରୀ, ୩.(ଗ)ଯୁଗୋସ୍ଲୋଭାକିଆ, ୪.(କ)ଡ. ରାଜେନ୍ଦ୍ର ପ୍ରସାଦ, ୫.(କ)୧୯୪୬, ୬.(ଗ)ଇଂଲଣ୍ଡ, ୭.(ଗ)ସାର୍ବଭୌମତ୍ୱ, ୮.(ଗ)ରାଷ୍ଟ୍ରପତି, ୯.(ଖ)ଡ. ଭୀମରାଓ ଆମ୍ବେଦକର, ୧୦.(କ)ଜାନୁଆରୀ ୧୦**

**୧.(କ) Ctrl + home, ୨.(ଘ) Ctrl + X, ୩.(ଗ) ଭିଡ଼ିଓ କାର୍ଡ, ୪.(ଖ) ଏମ୍ଏସ୍ ଡସ୍, ୫.(ଗ) ଫାଇଣ୍ଡ ଆଣ୍ଡ ରିପ୍ଲେସ୍ ୬.(କ) ବୋଲଡ଼୍, ୭. (ଗ) ହରମାନ୍ ହୋଲିରିଥ, ୮.(ଖ) ଇଲେକ୍ଟ୍ରୋ ମେକାନିକାଲ୍ ୯.(ଖ) ୮ ବିଟ୍‌ସ୍ , ୧୦.(ଖ) ଥିନ୍ ବ୍ଲିଙ୍କିଂ ଲାଇନ୍**

## ସାଧାରଣ ବିଜ୍ଞାନ

୧.କେଉଁଟି ସର୍ବାଧିକ ବିଦ୍ୟୁତ୍ ସୁପରିବାହୀ ଧାତୁ ?
(କ)କପର (ଖ)ରୁପା
(ଗ)ଏଲୁମିନିୟମ୍ (ଘ)ସୋଡିୟମ୍

୨.କେଉଁଟି କାର୍ବନର ଏକ ଅପରରୂପ ?
(କ) ଗ୍ରାଫାଇଟ୍ (ଖ) ମଣ୍ଡଦ
(ଗ) ଆୟୋଡିନ୍ (ଘ) ସୀସା

୩.କେଉଁ ଅଧାତୁର ଔଜ୍ଜ୍ୱଲ ଅଛି ?
(କ) ସଲଫର୍ (ଖ) ଫସଫରସ୍
(ଗ) ସୋଡିୟମ୍ (ଘ) ଆୟୋଡିନ୍

୪.କେଉଁ ଧାତୁକୁ କିରୋସିନରେ ବୁଡ଼ାଇ ରଖାଯାଏ ?
(କ) ଏଲୁମିନିୟମ୍ (ଖ) ସୋଡିୟମ୍
(ଗ) ତମ୍ବା (ଘ) ଟଙ୍ଗଷ୍ଟନ୍

୫.କେଉଁ ଧାତୁ ସର୍ବାଧିକ ଗଳନାଙ୍କ ବିଶିଷ୍ଟ ?
(କ) ଲୁହା (ଖ) ସୁନା
(ଗ) ରୁପା (ଘ) ଟଙ୍ଗଷ୍ଟନ

୬.ନିମ୍ନଲିଖିତ ମଧ୍ୟରୁ କେଉଁଟି ପ୍ରକୃତିରେ ମୁକ୍ତ ଅବସ୍ଥାରେ ମିଳେ ?
(କ) ଫସଫରସ୍ (ଖ) କପର
(ଗ) ସଲଫର୍ (ଘ) ସିଲିକନ୍

୭.ଧାତୁ ଲଘୁ ଅମ୍ଳସହ ପ୍ରତିକ୍ରିୟା କରି କେଉଁ ଗ୍ୟାସ୍ ଉତ୍ପନ୍ନ କରାଏ ?
(କ) ହାଇଡ୍ରୋଜେନ୍ (ଖ) ଅକ୍ସିଜେନ୍
(ଗ) କ୍ଲୋରିନ୍ (ଘ) ନାଟ୍ରୋଜେନ୍

୮.କେଉଁ ଧାତୁ ଗରମ ଜଳ ସହ ରାସାୟନିକ ପ୍ରତିକ୍ରିୟା କରେ ?
(କ) NA (ଖ) K (ଗ) Mg (ଘ) Ca

୯.କେଉଁ ଧାତୁ ଲଘୁ ହାଇଡ୍ରୋକ୍ଲୋରିକ୍ ଏସିଡ୍ ସହ ପ୍ରତିକ୍ରିୟା କରେ ନାହିଁ ?
(କ) Fe (ଖ) Cu (ଗ) Mg (ଘ) Al

୧୦.ଲୁହାରେ କେଉଁଟି ମିଶାଇଲେ ତାହା ଶକ୍ତ ଓ କଠିନ ହୋଇଥାଏ ?
(କ) ନିକେଲ୍ (ଖ) କାର୍ବନ
(ଗ) ଜିଙ୍କ୍ (ଘ) ନିକ୍ରୋମ୍

## ଗଣିତ

୧.୧ −୨ + ୩ − ୪ + .... ୪୭ = କେତେ ?
(କ) ୨୪ (ଖ) −୨୪ (ଗ) ୦ (ଘ) −୧

୨. ନିମ୍ନସ୍ଥ ମଧ୍ୟରୁ କେଉଁଟି ଏକ ପରିପୂର୍ଣ୍ଣ ସଂଖ୍ୟା ?
(କ) ୧୨ (ଖ) ୨୪ (ଗ) ୧୫ (ଘ) ୬

୩. ଗୋଟିଏ ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ ୪୦% ବଢିଗଲେ ପରିସୀମା ଶତକଡ଼ା କେତେ ବଢ଼ିବ ?
(କ) ୧୦% (ଖ) ୪୦% (ଗ) ୮୦% (ଘ) ୧୬୦%

୪.୧ ମିଲିମିଟର = କେତେ କିଲୋମିଟର ?
(କ) ୧୦[-୪] (ଖ) ୧୦[୬] (ଗ) ୧୦[-୫] (ଘ) ୧୦[-୬]

୫.ମଦନ ୨୦୦୪ ମସିହା ଫେବୃଆରୀ ମାସ ୧୦ ତାରିଖରୁ ମାର୍ଚ୍ଚ ମାସ ୧୮ ତାରିଖ ପର୍ଯ୍ୟନ୍ତ ପୁରୀରେ ଥିଲେ। ସେ ପୁରୀରେ କେତେ ଦିନ ଥିଲେ ?
(କ) ୩୮ ଦିନ (ଖ) ୩୫ ଦିନ
(ଗ) ୩୦ ଦିନ (ଘ) ୩୨ ଦିନ

୬.A-B-C ରେ AC=୬ ସେ.ମି., BC=୨ ସେ.ମି. ହେଲେ, ABର ଦୈର୍ଘ୍ୟ ନିମ୍ନୋକ୍ତ ମଧ୍ୟରୁ କେଉଁଟି ?
(କ) ୮ (ଖ) ୪ (ଗ) ୨ (ଘ) ୩

୭.ଦୁଇଟି ସରଳରେଖା ପରସ୍ପରକୁ ଛେଦକଲେ ଉତ୍ପନ୍ନ ଚାରୋଟି କୋଣର ପରିମାଣର ସମଷ୍ଟି କେତେ ?
(କ) ୯୦° (ଖ) ୧୮୦° (ଗ) ୩୬୦° (ଘ) ୭୨୦°

୮.କେଉଁ ତ୍ରିଭୁଜର ପରିକେନ୍ଦ୍ର ଉକ୍ତ ତ୍ରିଭୁଜର ବହିଃସ୍ଥ ହେବ ?
(କ) ସମକୋଣୀ (ଖ) ସମବାହୁ (ଗ) ସ୍ଥୂଳକୋଣୀ (ଘ) ସୂକ୍ଷ୍ମକୋଣୀ

୯.ବୃତ୍ତର କେନ୍ଦ୍ରବିନ୍ଦୁ ଯେଉଁ ଜ୍ୟା ଉପରେ ଅବସ୍ଥିତ ତାହାକୁ ବୃତ୍ତର କ'ଣ କୁହାଯାଏ ?
(କ) ବ୍ୟାସାର୍ଦ୍ଧ (ଖ) ବ୍ୟାସ (ଗ) ଜ୍ୟା (ଘ) ପରିଧି

୧୦. ଗୋଟିଏ ଗୋଲାକର ବ୍ୟାସାର୍ଦ୍ଧ ୭ ସେ.ମି. ହେଲେ, ଏହାର ପୃଷ୍ଠତଳର କ୍ଷେତ୍ରଫଳ କେତେ ?
(କ) ୬୦୦ ବ. ସେ.ମି. (ଖ) ୫୨୪ ବ. ସେ.ମି.
(ଗ) ୬୧୬ ବ. ସେ.ମି. (ଘ) ୮୧୬ ବ. ସେ.ମି.

### ଉତ୍ତର

**୧.(ଖ) ରୁପା, ୨.(କ) ଗ୍ରାଫାଇଟ୍, ୩.(ଘ) ଆୟୋଡିନ୍, ୪.(ଖ) ସୋଡିୟମ୍, ୫.(ଘ) ଟଙ୍ଗଷ୍ଟନ, ୬.(ଗ) ସଲଫର, ୭.(କ) ହାଇଡ୍ରୋଜେନ୍, ୮.(ଗ) Mg, ୯.(ଖ) Cu, ୧୦.(ଖ) କାର୍ବନ**

**୧.(କ) ୨୪, ୨.(ଘ) ୬ , ୩.(ଖ) ୪୦%, ୪.(ଘ) ୧୦[-୬], ୫.(କ) ୩୮ ଦିନ , ୬.(ଖ) ୪, ୭.(ଗ) ୩୬୦°, ୮.(ଗ) ସ୍ଥୂଳକୋଣୀ, ୯.(ଖ) ବ୍ୟାସ, ୧୦.(ଗ) ୬୧୬ ବ. ସେ.ମି.**



ଯେଉଁ ଆଖି ଗୋଲାପ ଦେଖୁଛି ତାହା କଣ୍ଟା ଦେଖିବାରେ ମଧ୍ୟ ଅଭ୍ୟସ୍ତ ହେବା ଉଚିତ୍।

# ପର୍ବପର୍ବାଣୀ

## ସେପ୍ଟେମ୍ବର

(ସିଂହ ଦି୧୬ନ-କନ୍ୟା ଦି୧୪ନ)

(ଭାଦ୍ରବ କୃଷ୍ଣ ଦ୍ୱିତୀୟା-ଆଶ୍ୱିନ କୃଷ୍ଣ ପ୍ରତିପଦା)

ତା୦୧. ଶରଣ ପଞ୍ଚକ ଶେଷ
ତା୦୨. ଅଙ୍ଗଭେଟ ତୃତୀୟା
ତା୦୩. ଖୁଦୁରୁକୁଣୀ ଓଷା ଆରମ୍ଭ
ତା୦୪. ରେଖା ଓ ରକ୍ଷା ପଞ୍ଚମୀ
ତା୦୬. ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବୁଧିବାମନ ଓଷା
ତା୦୭. ନନ୍ଦୋତ୍ସବ
ତା୧୦. କାଳୀୟଦଳନ ଏକାଦଶୀ
ତା୧୩. ଶିବ ଚତୁର୍ଦ୍ଦଶୀ ବେଢା ଓ ପରିକ୍ରମା
ତା୧୪. ସପ୍ତପୁରୀ ଅମାବାସ୍ୟା, ଶ୍ରୀ ମନ୍ଦିରେ ସପ୍ତପୁରୀ ଭୋଗ
ତା୧୬. ମାସାନ୍ତ, ଦ୍ୱିତୀୟା ଚନ୍ଦ୍ର ଦର୍ଶନ
ତା୧୭. କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା
ତା୧୮. ବାଲି ତୃତୀୟା, ଗୌରୀ ବ୍ରତ
ତା୧୯. ଶ୍ରୀଗଣେଶ ଚତୁର୍ଥୀ, ଋଷି ପଞ୍ଚମୀ
ତା୨୦. ନୂଆଁଖାଇ
ତା୨୧. ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ, କୁକୁଟୀ ବ୍ରତ
ତା୨୨. ଶ୍ରୀ ଦୁର୍ଗା ଶୟନୋତ୍ସବ
ତା୨୩. ସମଦିବାରାତ୍ର, ଶ୍ରୀ ରାଧାଷ୍ଟମୀ ବ୍ରତ ଓ ଦୁର୍ବାଷ୍ଟମୀ
ତା୨୪. ତାଳନବମୀ ଓ ଶରଣ ଆରମ୍ଭ
ତା୨୫. ତ୍ରିସ୍ପୃଶା ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ ଓ କରମା ପୂଜା
ତା୨୬. ସୁନିଆଁ, ଅ୬୭ଙ୍କ ୧୪୩୧ ସାଲ ପ୍ରବେଶ, ଶ୍ରୀବାମନ ଜନ୍ମ
ତା୨୮. ଅଘୋର ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ, ଚନ୍ଦ୍ରପୂଜା. ଶରଣ ପଞ୍ଚକ ଶେଷ
ତା୨୯. ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଓ ଜହ୍ନି ଓଷା ଆରମ୍ଭ
ତା୩୦. ଅପରପକ୍ଷ ଆରମ୍ଭ

## ଅକ୍ଟୋବର

(କନ୍ୟା ଦି୧୫ନ-ତୁଳା ଦି୧୪ନ)

(ଆଶ୍ୱିନ କୃଷ୍ଣ ଦ୍ୱିତୀୟା-କାର୍ତ୍ତିକ କୃଷ୍ଣ ତୃତୀୟା)

ତା୦୩. ଅଶ୍ୱ ପଞ୍ଚମୀ
ତା୦୪. ଗଜ ଷଷ୍ଠୀ
ତା୦୬. ଦେବ୍ୟୁତ୍ଥାପନ, ସହସ୍ରା କୁମ୍ଭାଭିଷେକ, ମୂଳାଷ୍ଟମୀ ଓ ଦ୍ୱିତୀବାହନ ଓଷା
ତା୧୦. ଇନ୍ଦିରା ଏକାଦଶୀ ଓ ହଳ ନିଷେଧ
ତା୧୩. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା ପରିକ୍ରମା
ତା୧୪. ମହାଳୟା ଅମାବାସ୍ୟା ଚନ୍ଦ୍ରକ୍ଷୟ, ଫୁଲ୍ଲେରୀ ଓଷା ଓ ହଳ ନିଷେଧ
ତା୧୫. ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ ଓ ବିରାଜଦେବୀଙ୍କ ରଥଯାତ୍ରା
ତା୧୬. ଚନ୍ଦ୍ରଦର୍ଶନ ଓ ପୂଜା
ତା୧୮. ତୁଳା(ଗର୍ଭଣା) ସଂକ୍ରାନ୍ତି ଓ ହଳ ନିଷେଧ
ତା୧୯. ନତଃ ପଞ୍ଚମୀ
ତା୨୦. ତପଃ ଷଷ୍ଠୀ, ବିଲ୍ୱାଧିବାସ ଓ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜାରମ୍ଭଃ
ତା୨୧. ପୀଠେ ମହାଷ୍ଟମୀ, ଦୁର୍ଗାବ୍ରତ ଓ ମୃଣ୍ମୟୀ ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା
ତା୨୨. ପୀଠେ ମହାନବମୀ ଓ ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା ଓ ଶରଣ ଆରମ୍ଭ
ତା୨୩. ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାନବମୀ ପୂଜା ଓ ପୀଠେ ବିଶ୍ରାମ
ତା୨୩. ବିଜୟା ଦଶମୀ, ଦଶହରା
ତା୨୫. ଭଷାଣୀ ଯାତ୍ରା, ପାପାଙ୍କୁଶା ଏକାଦଶୀ ଭଷାଣୀ, ଗୋଷାଣୀ ଯାତ୍ରା ଓ ହ.ନି.
ତା୨୬. ଶରଣ ଶେଷ
ତା୨୮. କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ରପୂଜା
ତା୨୯. କାର୍ତ୍ତିକ ବ୍ରତ ଆରମ୍ଭ

# ମୁଖ୍ୟ ଦିବସ

ତା୦୨. ବିଶ୍ୱ ନାରିକେଳ ଦିବସ
ତା୦୫. ଗୁରୁ ଦିବସ (ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ)
ତା୦୭. କ୍ଷମା ଦିବସ
ତା୦୮. ବିଶ୍ୱ ସାକ୍ଷରତା ଦିବସ
ତା୦୯. ବିଶ୍ୱ ନଦୀ ଦିବସ (୧ମ ଶନିବାର)
ତା୧୦. ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ
ତା୧୧. ବିଶ୍ୱ ଭ୍ରାତୃତ୍ୱ ଦିବସ
ତା୧୪. ହିନ୍ଦୀ ଦିବସ, ବିଶ୍ୱ ପ୍ରଥମ ବାୟୁ ଦିବସ
ତା୧୫. ଭାରତୀୟ ଇଞ୍ଜିନିୟର ଦିବସ
ତା୧୫. ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ
ତା୧୬. ବିଶ୍ୱ ଓଜନ ଦିବସ
ତା୧୮. ଜାତୀୟ ହାସ୍ୟ ଦିବସ
ତା୨୧. ଅନ୍ତର୍ଜାତୀୟ ଶାନ୍ତି ଦିବସ, ଆଲଜାଇମର ଦିବସ
ତା୨୨. ରୋଜ୍ ଦିବସ, କ୍ୟାନସର ରୋଗୀ ଦିବସ
ତା୨୩. ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ
ତା୨୫. ଅନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ, ସାମାଜିକ ନ୍ୟାୟ ଦିବସ
ତା୨୬. ବିଶ୍ୱ ମୂକ ବଧିର ଦିବସ, ବିଶ୍ୱ ବନ୍ଧ୍ୟାକରଣ ଦିବସ
ତା୨୭. ବିଶ୍ୱ ପର୍ଯ୍ୟଟନ ଦିବସ
ତା୨୮. ବିଶ୍ୱ ଜଳାତଙ୍କ ଦିବସ
ତା୨୮. ଇରମ ଶହୀଦ ଦିବସ
ତା୨୯. ବିଶ୍ୱ ହୃଦୟ ଦିବସ
ତା୩୦. ବିଶ୍ୱ ସାହାଯ୍ୟ ଦିବସ, ଅନ୍ତର୍ଜାତୀୟ ଅନୁବାଦ ଦିବସ

ତା୦୧. ବିଶ୍ୱ ପ୍ରୌଢ଼ ଦିବସ
ତା୦୨. ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀ ଜୟନ୍ତୀ, ଅନ୍ତର୍ଜାତୀୟ ଅହିଂସା ଦିବସ
ତା୦୩. ପୁରୁଷବନ୍ଧୁ ଦିବସ, ବିଶ୍ୱ ପ୍ରକୃତି ଦିବସ
ତା୦୪. ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ
ତା୦୫. ବିଶ୍ୱ ଶିକ୍ଷକ ଦିବସ, ବିଶ୍ୱ ହସ ଦିବସ (ଅକ୍ଟୋବର ପ୍ରଥମ ଶୁକ୍ରବାର)
ତା୦୬. ବିଶ୍ୱ ବନ୍ୟପ୍ରାଣୀ ଦିବସ, ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ
ତା୦୭. ବିଶ୍ୱ କପା ଦିବସ
ତା୦୮. ଭାରତୀୟ ବାୟୁସେନା ଦିବସ
ତା୦୯. ବିଶ୍ୱ ଡାକ ଦିବସ, ଗୋପବନ୍ଧୁ ଜନ୍ମ ଦିବସ
ତା୧୦. ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଜାତୀୟ ଡାକ ଦିବସ
ତା୧୧. ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ, ଶହୀଦ ବାଜିରାଉତ ଶ୍ରାଦ୍ଧ ଦିବସ
ତା୧୨. ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ, ବିଶ୍ୱ ଦୃଷ୍ଟି ଦିବସ (ଅକ୍ଟୋବର ଦ୍ୱିତୀୟ ଗୁରୁବାର)
ତା୧୩. ବିଶ୍ୱ ଅଣ୍ଡା ଦିବସ (ଅକ୍ଟୋବର ଦ୍ୱିତୀୟ ଶୁକ୍ରବାର)
ତା୧୪. ବିଶ୍ୱ ମାନକ ଦିବସ, ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ,
ତା୧୫. ବିଶ୍ୱ ହାତ ଧୋଇବା ଦିବସ, ବିଶ୍ୱ ଛାତ୍ର ଦିବସ, ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ
ତା୧୬. ବିଶ୍ୱ ଖାଦ୍ୟ ଦିବସ
ତା୧୭. ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ
ତା୨୦. ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ବିଶ୍ୱ ପରିସଂଖ୍ୟାନ ଦିବସ
ତା୨୧. ପୋଲିସ୍ ସ୍ମୃତି ଦିବସ
ତା୨୪. ବିଶ୍ୱ ପୋଲିଓ ଦିବସ, ମିଳିତ ଜାତିସଂଘ ଦିବସ, ବିଶ୍ୱ ବିକାଶ ସୂଚନା ଦିବସ
ତା୨୮. ଅନ୍ତର୍ଜାତୀୟ ଆନିମେସନ୍ ଦିବସ
ତା୨୯. ବିଶ୍ୱ ଷ୍ଟ୍ରୋକ୍ ଦିବସ, ଅନ୍ତର୍ଜାତୀୟ ଇଣ୍ଟରନେଟ୍ ଦିବସ
ତା୩୦. ବିଶ୍ୱ ସଞ୍ଚୟ (ଥ୍ରିଫ୍ଟ) ଦିବସ
ତା୩୧. ଜାତୀୟ ଏକତା ଦିବସ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ,
ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ବିଶ୍ୱ ସହର ଦିବସ



ପରର ଦୋଷ ଦେଖିବା ପୂର୍ବରୁ ନିଜର ଦୋଷ ସଂଶୋଧନ କରିବା ଉଚିତ୍।

# ନୂତନ ଆଜୀବନ ସଦସ୍ୟ



ନିଶାମଣୀ ଶଡ଼ଙ୍ଗୀ

ଭୁବନେଶ୍ୱର



ଡ଼. ଜୟ କୁମାର ଆଚାର୍ଯ୍ୟ

ବଲାଙ୍ଗୀର



ଅଜୟ କୁମାର ସେଠୀ

ଅଞ୍ଜିରା, ପୁରୀ

# ଶ୍ରଦ୍ଧାଞ୍ଜଳି



୰ ଡ଼. ରଶ୍ମିରଞ୍ଜନ ନାଥ

ଆବିର୍ଭାବ: ୧୯.୦୬.୧୯୭୧

ତିରୋଧାନ: ୧୨.୦୮.୨୦୨୩

ରଶ୍ମିରଞ୍ଜନ ଆଜି ଅତୀତ, ସ୍ୱର୍ଗତ । ୧୯୭୧ ରୁ ୨୦୨୩ ଦୀର୍ଘ ୫୨ ବର୍ଷର ଅବଧି । 'ଆମରି ସତ୍ୟ' ପତ୍ରିକାର ଥିଲେ ଜଣେ ସହସଂପାଦକ । ସେ ଓଡ଼ିଶା ଶିକ୍ଷା ସମାଜର ସାଧାରଣ ସମ୍ପାଦକ, ସର୍ବଭାରତୀୟ ଶିକ୍ଷା ସମାଜର କୋଷାଧକ୍ଷ, ଓଡ଼ିଆ ପ୍ରତିଭା ବିକାଶମଞ୍ଚର ସଙ୍ଗଠନ ସମ୍ପାଦକ, ରାଜ୍ୟ ୟୁଟିଆ ଶିକ୍ଷକ ସଂଘର ସାଙ୍ଗଠାନିକ ସମ୍ପାଦକ ରୂପେ ସୁନ୍ଦରରୂପେ କାର୍ଯ୍ୟ ନିର୍ବାହ କରୁଥିଲେ । ଟାଙ୍ଗୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଭାବେ ବହୁବର୍ଷ କାର୍ଯ୍ୟ କରି Best Programme Officer Award ପାଇଥିଲେ । ଚିଲିକା, ବାଲୁଗାଁ ରୋଟରୀ କ୍ଲବର ସେ ଜଣେ ସକ୍ରୀୟ ସଭ୍ୟ ଥିଲେ ।

ତାଙ୍କର ସଦା ହସ ହସ ମୁହଁ, ଆତ୍ମୀୟତା, ସଦା ତତ୍ପରତା, ସେବା ପରାଣୟତା, ଶାନ୍ତ ସରଳ ସ୍ୱଭାବ, ମନ କିଣିନେଲା ଭଳି ବ୍ୟବହାର ଭୁଲି ହେବ ନାହିଁ । 'ଆମରି ସତ୍ୟ' ପତ୍ରିକାର ସେ ଥିଲେ ଏକନିଷ୍ଠ ସାଧକ । ତାଙ୍କରି ପ୍ରଚେଷ୍ଟାରେ ଟାଙ୍ଗୀ ଅଞ୍ଚଳରେ ପତ୍ରିକାଟି ଲୋକପ୍ରିୟତା ଲାଭ କରିପାରିଛି । ସେ ଥିଲା ଅନନ୍ୟ । ତାଙ୍କର ଅକାଳ ବିୟୋଗରେ 'ଆମରିସତ୍ୟ' ପରିବାର ଗଭୀର ମର୍ମାହତ ଏବଂ ସେହି ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରୁଛି ।

Volume - 14 ● Issue No. 3 ● Monthly ● September - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA KHORDHA

# SENIOR SECONDARY SCHOOL

Code No. - 16137

Affiliated to CBSE, New Delhi - 1530380

## Rakhi Making Competition



# ARYAVART ANCIENT ACADEMY

*An initiative of People's Forum Foundation*

Plot No. 684, Haldipada, Khordha, Pin - 752056
Email : aryavartaa.krd@gmail.com, Website : www.aryavartancientacademy.in

**Contact : 6372866816, 9178387717**
**Toll Free : 1800 120 22 3333**


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra Dash